ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୫୪
୧୧ ନଭେମ୍ବର, ୨୦୨୫ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 154
11th November, 2025 Tuesday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ**
**ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

# ଦିଲ୍ଲୀରେ ବିସ୍ଫୋରଣ: ୧୦ ମୃତ

**ନୂଆଦିଲ୍ଲୀ,୧୦ା୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ହୋଇଛି କାର ବିସ୍ଫୋରଣ। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୨ଜଣ ଆହତ ହୋଇଛନ୍ତି। ଏହି ବିସ୍ଫୋରଣରେ ୮ରୁ ଅଧିକ ଗାଡି କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କ ମଧ୍ୟରେ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେଣୁ ମୃତ୍ୟୁ ସଂଖ୍ୟା ବଢ଼ିବ ବୋଲି ଅନୁମାନ କରାଯାଉଛି। ଏକାଧିକ ଗାଡି ଜଳି ଯିବାରୁ ସବୁଆଡେ ଆତଙ୍କ ଖେଳିଯାଇଛି।

ଲାଲକିଲ୍ଲା ଗୋଟିଏ ବଡ ସୁରକ୍ଷା ଜୋନ ଅଞ୍ଚଳରେ ରହିଥିବା ବେଳେ ସେଥିରେ ବିସ୍ଫୋରଣ ପୂରା ସହରରେ ଆତଙ୍କ ଖେଳାଇ ଦେଇଛି। ପୂରା ଦିଲ୍ଲୀରେ ହାଇ ଆଲର୍ଟ ଜାରି କରାଯାଇଛି। ମୁମ୍ବାଇ ଓ ହାଇଦ୍ରାବାଦ ବ୍ୟତୀତ ସବୁ ମେଟ୍ରୋ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଦିଲ୍ଲୀର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ପୁଲିସ୍ ଚେକିଂ ଆରମ୍ଭ କରିଛି।

ଏହିକ୍ରମରେ ପୁରୀ ପାଇଁ ମଧ୍ୟ ହାଇଆଲର୍ଟ ଜାରି କରାଯାଇଛି। ଶ୍ରୀମନ୍ଦିର, ବଡ଼ଦାଣ୍ଡରେ ସୁରକ୍ଷା କଡ଼ାକଡ଼ି କରିଛି ପୋଲିସ। ପୁରୀର ସବୁ ପ୍ରବେଶ ପଥରେ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସେହିଭଳି

**ପୁରୀକୁ ହାଇଆଲର୍ଟ**

ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି।

କେଉଁ ପରିସ୍ଥିତିରେ ବିସ୍ଫୋରଣ ହେଲା, ତା'ର ଯାଞ୍ଚ ଆରମ୍ଭ ହୋଇଛି। ଘଟଣା ସ୍ଥଳରେ ଫରେନ୍ସିକ ଟିମ, ଏନଏସଜି କମାଣ୍ଡୋ ଓ ଏନଆଇଏ ଅଧିକାରୀମାନେ ପହଞ୍ଚିଛନ୍ତି। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଷ୍ଟ୍ରିଟ ଲାଇଟ ମଧ୍ୟ ଦୋହଲି ଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ନିକଟରେ ଥିବା ଦୋକାନଗୁଡ଼ିକର





କବାଟ ଏବଂ ଝରକା ମଧ୍ୟ ଭାଙ୍ଗି ଯାଇଛି ।

ଏହି ଘଟଣା ପୂର୍ବରୁ ରବିବାର ଓ ଆଜି ମିଳିତ ଭାବେ ଦିଲ୍ଲୀଠାରୁ ୪୫ କିମି ଦୂର ଫରିଦାବାଦରୁ ୨୯୦୦ କେଜିର ବିସ୍ଫୋରକ ଜବତ ହୋଇଥିଲା। ଏତେ ପରିମାଣର ବିସ୍ଫୋରଣ ଜବତ କରି ଆତଙ୍କୀଙ୍କ ସବୁ ଯୋଜନା ପଣ୍ଡ କରିଥିଲେ ସୁରକ୍ଷାକର୍ମୀ। ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ସନ୍ଧ୍ୟାରେ ବିସ୍ଫୋରଣ ଖବର ସାମ୍ନାକୁ ଆସିଛି।

ଦିଲ୍ଲୀ ପୁଲିସ୍ କମିଶନର ସତୀଶ ଗୋଲଚା କହିଛନ୍ତି ଯେ ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ନିକଟରେ ହୋଇଥିଲା। ଏଠାରେ ଥିବା ଟ୍ରାଫିକ ପାଖରେ ହିଁ ବିସ୍ଫୋରଣ ହୋଇଛି। ଟ୍ରାଫିକର ରେଡ ଲାଇଟରେ ୩ଜଣ ଲୋକ ଥିବା ଗୋଟିଏ ଆଇ-୨୦ କାର୍ ଧୀରେଧୀରେ ଆସି ଅଟକିବା ପରେ ସେଥିରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ବେଳେ ପାଖରେ ଥିବା ଗୋଟିଏ ଇଭୋ ଭ୍ୟାନରେ କିଛି ଯାତ୍ରୀ ମଧ୍ୟ ରହିଥିଲେ। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଷ୍ଟ୍ରିଟ ଲାଇଟ ମଧ୍ୟ ଦୋହଲି ଯାଇଥିଲା। ବିସ୍ଫୋରଣ ହୋଇଥିବା କାର ସମେତ ଆଖପାଖ ଅଞ୍ଚଳରେ ଥିବା ଆଉ ୮ଟି କାର ମଧ୍ୟ ଜଳିଯାଇଛି। ତେଣୁ ବିସ୍ଫୋରଣ ପାଇଁ ବିପୁଳ ପରିମାଣର ଅତ୍ୟାଧୁନିକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ନୂଆପଡ଼ାରେ ଆଜି ୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ



**ନୂଆପଡ଼ା,୧୦ା୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ନଭେମ୍ବର ୧୧ (ମଙ୍ଗଳବାର) ଭୋଟ୍ ଗ୍ରହଣ କରାଯିବ। ନିର୍ବାଚନକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ମୋଟ୍ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୧୪ ଜଣ ପ୍ରାର୍ଥୀ ଏହି ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ବିଜୁ ଜନତା ଦଳର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଏହି ଆସନ ଖାଲି ପଡ଼ିଥିଲା। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାରତୀୟ ଜନତା ପାର୍ଟି (ଭାଜପା) ଟିକେଟରେ ଲଢୁଛନ୍ତି। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଆଦିବାସୀ ନେତା ଘାସିରାମ ମାଝି କଂଗ୍ରେସ ପ୍ରାର୍ଥୀ ଅଛନ୍ତି। ଏହା ବ୍ୟତୀତ ସମାଜବାଦୀ ପାର୍ଟି, ବହୁଜନ ମୁକ୍ତି ପାର୍ଟି ଓ ଓଡ଼ିଶା ଜନତା ଦଳର ପ୍ରାର୍ଥୀ ଏବଂ ୮ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଏହି ନିର୍ବାଚନରେ ଭାଗ ନେଇଛନ୍ତି।

ନୂଆପଡ଼ାରେ ମୋଟ୍ ୩୫୮ଟି ମତଦାନ କେନ୍ଦ୍ର ରହିଛି। ଏଥିମଧ୍ୟରୁ ୪୭ଟି ବୁଥ୍‌କୁ ସମ୍ବେଦନଶୀଳ ଭାବରେ ଚିହ୍ନଟ କରାଯାଇଛି। ସମ୍ବେଦନଶୀଳ ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଅନ୍ୟ ବୁଥ୍‌ଗୁଡ଼ିକରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ କରିହେବ।

ମାଓ ପ୍ରଭାବିତ ଅଞ୍ଚଳର ୮ଟି ସମ୍ବେଦନଶୀଳ ବୁଥ୍‌କୁ ଇଭିଏମ୍ ଓ ପୋଲିଂ ଅଧିକାରୀଙ୍କୁ ନେବା ପାଇଁ ଏକ ଭାରତୀୟ ବାୟୁସେନା ହେଲିକପ୍ଟର ନିୟୋଜିତ କରାଯାଇଛି। ସମସ୍ତ ବୁଥ୍‌ରେ କେନ୍ଦ୍ରୀୟ ବଳ ସମେତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଭୋଟ୍ ଗଣନା ନଭେମ୍ବର ୧୪ରେ କରାଯିବ।

**୨୭ରୁ ଶୀତ ଅଧିବେଶନ**

# ପ୍ରଥମଥର ପାଇଁ ବିଧାନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୦ା୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ବିଧାନସଭା ଇତିହାସରେ ନଭେମ୍ବର ୨୭ତାରିଖ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବାକୁ ଯାଉଛି। ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଓଡିଶା ବିଧାନସଭାକୁ ସମ୍ବୋଧିତ କରିବେ। ବିଧାନସଭାର ଶୀତ ଅଧିବେଶନ ନଭେମ୍ବର ୨୭ରୁ ଆରମ୍ଭ ହୋଇ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ମଧ୍ୟ ଗୃହରେ ଉପସ୍ଥାପିତ ହେବ। ବିଧାନସଭା ସଚିବାଳୟ ପକ୍ଷରୁ ଆଜି ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

ସପ୍ତଦଶ ଓଡିଶା ବିଧାନସଭାର ପଂଚମ ଅଧିବେଶନ(ଶୀତ ଅଧିବେଶନ) ଆସନ୍ତା



୨୭ତାରିଖରୁ ଆରମ୍ଭ ହେବ। ଏହି ୨୯ଦିନିଆ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜର ଅଭିଭାଷଣ ରଖିବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ବିଧାନସଭା ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଛି। ଓଡିଶା ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଏଭଳି ସୁଯୋଗ ସୃଷ୍ଟି ହେବ। ବିଧାନସଭା ଅଧିବେଶନକୁ ରାଷ୍ଟ୍ରପତି ସମ୍ବୋଧିତ କରିବେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ବିଧାନସଭା ଗସ୍ତକୁ ଦୃଷ୍ଟିରେ ରଖି ସେ ରାଜ୍ୟର ମନ୍ତ୍ରୀ ଥିବାବେଳେ ଯେଉଁ ଚାମ୍ବରରେ ବସୁଥିଲେ ତାକୁ ମଧ୍ୟ ସ୍ୱତନ୍ତ୍ର ଭାବେ ସାଜସଜ୍ଜା କରାଯାଉଥିବା ଜଣାପଡିଛି।

ଏହି ୨୯ଦିନିଆ ଅଧିବେଶନର ଦ୍ୱିତୀୟ ଦିନରେ ଅର୍ଥାତ୍ ନଭେମ୍ବର ୨୮ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହେବ। ଡିସେମ୍ବର ୮ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୪, ୫ ଓ ୬ ତାରିଖରେ ଏହି ପ୍ରଥମ ଅତିରିକ୍ତ ବ୍ୟୟ ମଞ୍ଜୁରୀ (ଅତିରିକ୍ତ ବଜେଟ୍) ଅନୁଦାନ ଦାବିଗୁଡିକ ଉପରେ ବିସ୍ତୃତ ଆଲୋଚନା ଓ ଭୋଟ୍ ଗ୍ରହଣ କରାଯିବ। ଡିସେମ୍ବର ୮ ତାରିଖରେ ପ୍ରଥମ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିବରଣୀ-୨୦୨୫-୨୬ର ବିନିଯୋଗ ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି। *(ଶେଷ ପୃଷ୍ଠା ଦେଖନ୍ତୁ)*

# ଶୀତଲହରୀ: ୬ ଜିଲ୍ଲା ପାଇଁ ସତର୍କତା

**ଭୁବନେଶ୍ୱର,୧୦ା୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଓଡ଼ିଶାର ଖୋର୍ଦ୍ଧା, କଟକ, ଅନୁଗୁଳ, ଝାରସୁଗୁଡ଼ା, କନ୍ଧମାଳ, ଏବଂ ସୁନ୍ଦରଗଡ଼ ସମେତ ଅନେକ ଜିଲା ପାଇଁ ଶୀତଲହରୀ ସତର୍କତା ଜାରି କରିଛି। ଆସନ୍ତା ଦୁଇ ଦିନ ମଧ୍ୟରେ ରାତିର ତାପମାତ୍ରା ଆହୁରି ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଆଇଏମଡି ଅନୁଯାୟୀ, ନଭେମ୍ବର ୧୧ ଏବଂ ୧୨ ତାରିଖରେ ଉପରୋକ୍ତ ଜିଲ୍ଲାଗୁଡ଼ିକର କିଛି ଅଞ୍ଚଳରେ ଶୀତଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି। ଆସନ୍ତା ଦୁଇରୁ ତିନି ଦିନ ମଧ୍ୟରେ ସମଗ୍ର ଓଡ଼ିଶାରେ ସର୍ବନିମ୍ନ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇବାର ସମ୍ଭାବନା ରହିଛି, ଯାହା ଥଣ୍ଡାକୁ ଆହୁରି ବଢ଼ାଇବ। ସୁନ୍ଦରଗଡ଼ର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଦେଖାଯାଇଥିବା ବେଳେ କଳାହାଣ୍ଡି ଏବଂ ଝାରସୁଗୁଡ଼ା ଜିଲାରେ ହାଲୁକା କୁହୁଡ଼ି ଦେଖାଦେଇଛି।

# କେବେ ଲାଗୁ ହେବ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ?

**ନୂଆଦିଲ୍ଲୀ,୧୦ା୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକସଭା ଓ ବିଧାନସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରାବଧାନ ଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବତଲବ କରିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ମହିଳା ସଂରକ୍ଷଣ ଆଇନ ଲାଗୁ କରିବାର ଟାଇମଲାଇନ୍ କଣ ସରକାର ସ୍ପଷ୍ଟ କରନ୍ତୁ। କୋର୍ଟ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ ସଂସଦ ଯେତେବେଳେ ଏହି ଆଇନକୁ ପାରିତ କରି ସାରିଛି ତେବେ ଏହାକୁ ଲାଗୁ କରିବାରେ କାହିଁକି ବିଳମ୍ବ ହେଉଛି।

କଂଗ୍ରେସ ନେତା ଜୟା ଠାକୁର ଦାଖଲ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ରକୁ ଜବାବ ମାଗିଛନ୍ତି। ଜୟା ଠାକୁର

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

ନିଜ ଆବେଦନରେ ମହିଳା ସଂରକ୍ଷଣ ତୁରନ୍ତ ଲାଗୁ କରିବା ପାଇଁ ଦାବି କରିଥିଲେ। ଆବେଦନରେ କୁହାଯାଇଥିଲା, ଆଇନରେ 'ସୀମା ପୁନଃନିର୍ଦ୍ଧାରଣ ପରେ ଲାଗୁ କରିବା' ସର୍ତ୍ତ ରଖାଯାଇଛି, ତାକୁ ହଟାଯାଉ ଓ ସଂରକ୍ଷଣକୁ ତତ୍କାଳ ପ୍ରଭାବରେ ଲାଗୁ କରାଯାଉ।

ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ ଶୋଭା ଗୁପ୍ତା କହିଥିଲେ, ଯେତେବେଳେ ଏହି ନାରୀ ଶକ୍ତି ବନ୍ଦନ ଅଧିନିୟମ ନାଁରେ ପାରିତ ହୋଇ ସାରିଛି, ସେତେବେଳେ ଏହାକୁ ଲାଗୁ କରିବାରେ ବିଳମ୍ବ କାହିଁକ ? ଏହା ଦୁଃଖର ବିଷୟରେ ଯେ ସ୍ୱାଧୀନତାର ୭୫ ବର୍ଷ ପରେ ବି ଆମକୁ ସଂସଦରେ ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ମାଗିବାକୁ ପଡୁଛି। ସେ ଆହୁରି କହିଥିଲେ ଯେ ଯେତେବେଳେ ଏସସି-ଏସଟି ପାଇଁ ସଂରକ୍ଷଣ ବିନା କୌଣସି ସୀମା ନିର୍ଦ୍ଧାରଣରେ ଲାଗୁ କରାଯାଇ ପାରୁଛି, ତେବେ ମହିଳାଙ୍କ ପାଇଁ କାହିଁକି ନୁହେଁ ? ସେ ଏହା ବି କହିଥିଲେ ଯେ ସଂସଦରେ ଏହି ଆଇନ ସ୍ୱତନ୍ତ୍ର ଅଧିବେଶନରେ ପାରିତ ହୋଇଥିଲା, ଏହାର ଅର୍ଥ ହେଉଛି ଯେ ସରକାରଙ୍କ ପଖରେ ଜରୁରୀ ଡାଟା ପୂର୍ବରୁ ଉପଲବ୍ଧ ଥିଲା।

ଜଷ୍ଟିସ ଜେ. ନାଗାରତ୍ନା କହିଛନ୍ତି ଯେ ମହିଳାମାନେ ଦେଶର ସବୁଠାରୁ ବଡ଼ ସଂଖ୍ୟାଲଘୁ। ନିର୍ଦ୍ଧାରଣ ପ୍ରକ୍ରିୟା କେବେ ଆରମ୍ଭ ହେବ ପଚାରି ସୁପ୍ରିମକୋର୍ଟ କହିଥିଲେ, ଆଇନ କାର୍ଯ୍ୟକାରୀ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଘରୋଇ କମ୍ପାନୀର କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧିଲେ ଗ୍ରାମବାସୀ



**ରାଇରଙ୍ଗପୁର,୧୦ା୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀଙ୍କ ଜୀବନ ପ୍ରକୃତି ସହିତ ଜଡିତ। ଜଙ୍ଗଲର ପ୍ରତିଟି ସ୍ଥାନ ସହିତ ସେମାନଙ୍କର ଜୀବନ ପରିଚିତ। ବଣ, ଜଙ୍ଗଲ, ପାହାଡ ଓ ଝରଣାକୁ ନେଇ ତାଙ୍କର ଜୀବନଯାତ୍ରା ଆଗକୁ ବଢ଼ିଥାଏ। କିନ୍ତୁ ସେମାନଙ୍କର ଜୀବନ ପ୍ରତି ଯଦି କେହି ପ୍ରଭାବ ପକାଇବାକୁ ଉଦ୍ୟମ କରନ୍ତି, ତା'ହେଲେ ଅଘଟଣର ଶିକାର ମଧ୍ୟ ହେବାକୁ ପଡିଥାଏ। ମୟୂରଭଞ୍ଜଜିଲ୍ଲା ରାଇରଙ୍ଗପୁର ଅଞ୍ଚଳରେ ଆଜି ଏହିଭଳି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏକ ଘରୋଇ କମ୍ପାନିର କର୍ମଚାରୀଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଛନ୍ତି।

ସୂଚନା ଅନୁସାରେ ରାଇରଂଗପୁର ଥାନା ଅଧୀନ ପୁରୁଣାପାଣି ଗ୍ରାମପଞ୍ଚାୟତର କଣ୍ଟାବଣୀ, *(ଶେଷ ପୃଷ୍ଠା ଦେଖନ୍ତୁ)*

# ସଂରକ୍ଷିତ ହେବ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର

**ଭୁବନେଶ୍ୱର,୧୦ା୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ ପ୍ରଥମଥର ହେବାକୁ ଯାଉଛି ଫିଲ୍ମ ସଂରକ୍ଷଣ କର୍ମଶାଳା। ଆସନ୍ତା ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ ଓ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆରକାଇଭସ୍ (ଏଫଆଇଏଏଫ୍) ପକ୍ଷରୁ ହେବ ଫିଲ୍ମ ସଂରକ୍ଷଣ କର୍ମଶାଳା। ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ, ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆରକାଇଭସ୍ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ହେବ। ଏଫଆଇଏଏଫ୍ ପ୍ରାଚୀନ ଓଡ଼ିଆ ଫିଲ୍ମଗୁଡ଼ିକୁ ସଂରକ୍ଷଣ କରିବାକୁ ଉଦ୍ୟମ କରିଛି। ଏନେଇ ଭୁବନେଶ୍ୱର ପ୍ରେସ୍ କ୍ଲବ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନର ଫାଉଣ୍ଡର ଶିଭେନ୍ଦ୍ର ସିଂହ ଡୁଙ୍ଗରପୁର ସୂଚନା ଦେଇଛନ୍ତି।

ଓଡ଼ିଆ ସିନେମା ସମ୍ପର୍କରେ ବହୁତ କମ୍ ଲୋକ ଜାଣନ୍ତି। ସବୁଠୁ ଦୁଃଖର ବିଷୟ ଓଡ଼ିଶାରେ ଫିଲ୍ମ ସଂରକ୍ଷଣ ନେଇ କୌଣସି ଜ୍ଞାନ ନାହିଁ। ଏପରିକି ଏନେଇ କୌଣସି ପଲିସି ମଧ୍ୟ ନାହିଁ। ଓଡ଼ିଆ ଫିଲ୍ମ 'ମାୟା ମିରିଗ' ଜାପାନର 'ଓଜୋମ' ଫିଲ୍ମ ସହ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବେଆଇନ୍ ଆପାର୍ଟମେଣ୍ଟ ଭଙ୍ଗାଯିବ କେବେ ?

**ଭୁବନେଶ୍ୱର,୧୦ା୧୧: ତଥ୍ୟ**

କଟକରେ ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ୩ଜଣଙ୍କ ମୃତ୍ୟୁ ଘଟିବା ପରେ ଏବେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କେତେ ବେଆଇନ୍ ଆପାର୍ଟମେଣ୍ଟ ରହିଛି ଓ ଆଉ କେତେ ଘର ବିପଦସଂକୁଳ ଅବସ୍ଥାରେ ଅଛି ସେଥିଘେନି ଜୋରଦାର ଖୋଳତାଡ଼ ଆରମ୍ଭ ହୋଇଯାଇଛି।

ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ପୁରୀ ଭଳି ସହରାଞ୍ଚଳରେ ଉନ୍ନୟନ କର୍ତ୍ତୃପକ୍ଷ ଓ ପୌର ସଂସ୍ଥାଙ୍କ ବିନା ପ୍ଲାନ୍ ଅନୁମୋଦନରେ ଆପାର୍ଟମେଣ୍ଟ ତ ଦୂରର କଥା ଘରେ ଖଣ୍ଡେ ବି ନିର୍ମାଣ ହୋଇପାରିବ ନାହିଁ। ଯେଉଁମାନେ ବେଆଇନ୍ ନିର୍ମାଣ କରିବେ ସେମାନଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସହିତ ସଂପୃକ୍ତ ଆପାର୍ଟମେଣ୍ଟ ଆଦିକୁ ଭାଙ୍ଗିଦେବା ପାଇଁ ବିଧିବ୍ୟବସ୍ଥା ରହିଛି। ତେବେ ବେଆଇନ୍ ଆପାର୍ଟମେଣ୍ଟ ସଂଖ୍ୟା ଗଣି ଏ ସଂକ୍ରାନ୍ତୀୟ ତଥ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବାରମ୍ବାର ବିଧାନସଭାରେ ଦିଆଯିବା ସହିତ ବେଆଇନ୍ ଆପାର୍ଟମେଣ୍ଟ ଭାଙ୍ଗିବା ପାଇଁ ମଧ୍ୟ କୁହାଯାଉଛି। କିନ୍ତୁ ଏ କ୍ଷେତ୍ରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ କଟକ ଭଳି ରାଜ୍ୟର ଅନ୍ୟ ଅଞ୍ଚଳରେ ଯେ ଅଘଟଣମାନ ନଘଟିବ ସେଥିଘେନି କେହି ଗ୍ୟାରେଣ୍ଟି ଦେଇପାରୁ ନାହାନ୍ତି।

ଏଠାରେ ଉଲ୍ଲେଖନୀୟ ଯେ କଟକ ସହରର କେନ୍ଦ୍ରସ୍ଥଳୀ ମଣିସାହୁ ଛକ ନିକଟରେ ଏକ ଦୁଇମହଲା ଘର ନିର୍ମାଣ ପାଇଁ କର୍ତ୍ତୃପକ୍ଷ ଅନୁମତି ଦେଇଥିବାବେଳେ ସେଠାରେ ୫ମହଲା ଆପାର୍ଟମେଣ୍ଟ ନିର୍ମାଣ କରାଯାଇଛି ଏବଂ ଏହି ଆପାର୍ଟମେଣ୍ଟର



ଏକ ବାଲ୍‌କୋନି ଭୁଶୁଡ଼ି ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କ ନିକଟରେ ତଥ୍ୟ ଥିବାବେଳେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଗଲା ନାହିଁ ସେ ସଂପର୍କରେ ଖୋଳତାଡ଼ କରିବା ଲାଗି ଏବେ ଜିଲ୍ଲା ପ୍ରଶାସନ ଏକ କମିଟି ଗଠନ କରିଛି।

ପ୍ରାୟ ବର୍ଷକ ତଳେ ରାଜ୍ୟ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ୭୧୯ଟି ବେଆଇନ୍ ଆପାର୍ଟମେଣ୍ଟ ରହିଛି, ଯେଉଁଥିରୁ କେବଳ ଭୁବନେଶ୍ୱରରେ ଏଭଳି ୬୮୯ଟି ଆପାର୍ଟମେଣ୍ଟ ଅଛି। ଗତ ସରକାର ସମୟରେ ଦିଆଯାଇଥିବା ତଥ୍ୟ ମୁତାବକ ଭୁବନେଶ୍ୱରରେ ୧୯୧ଟି ବେଆଇନ୍ ସୌଧକୁ ଭାଙ୍ଗିବା ପାଇଁ ଆଦେଶନାମା ବିଡିଏ ପକ୍ଷରୁ ଜାରି ହୋଇଥିଲା। ବିଏମ୍‌ସି ମଧ୍ୟ ଆଉ କେତେକ ସ୍ଥଳରେ ବେଆଇନ୍ ନିର୍ମାଣ ହଟାଇବା ଲାଗି ନୋଟିସ ଦେଇଥିଲା। କଟକରେ ବି ବିପଜ୍ଜନକ ଓ ବେଆଇନ୍ ସୌଧଗୁଡ଼ିଏ ଚିହ୍ନଟ କରାଯାଇଥିଲା। କିନ୍ତୁ ଏ କ୍ଷେତ୍ରରେ ଧିମା କାର୍ଯ୍ୟାନୁଷ୍ଠାନ ଯୋଗୁ ବେଆଇନ୍ ଆପାର୍ଟମେଣ୍ଟଗୁଡ଼ିକ ଏବେ ବି ମୁଣ୍ଡ ଟେକି ଛିଡ଼ା ହୋଇଛି। ବହୁ ଆପାର୍ଟମେଣ୍ଟ ବିଡିଏ ଓ ବିଏମ୍‌ସି ପ୍ଲାନ୍ ବହିର୍ଭୂତ କାର୍ଯ୍ୟ କରିଛନ୍ତି। ଅନେକ ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନାହିଁ। ଏମିତିକି ନିଆଁ ଲାଗିଲେ କେତେକ ଆପାର୍ଟମେଣ୍ଟ ପରିସରକୁ ଦମକଳ ଗାଡ଼ି ମଧ୍ୟ ପ୍ରବେଶ କରିପାରିବ ନାହିଁ। କମ ଜାଗାରେ ବ୍ୟବସାୟିକ ଭିତ୍ତିରେ ଅଧିକ ଘର ନିର୍ମାଣ ଫଳରେ ବାୟୁ ଚଳାଚଳ ବାଧାପ୍ରାପ୍ତ ହେବା ସହ ସୂର୍ଯ୍ୟ କିରଣ ମଧ୍ୟ ଠିକ୍ ଭାବରେ ପଡୁନାହିଁ। ଏଥିଯୋଗୁ ଡ୍ରେନେଜ୍, ସ୍ୱରେଜ ବ୍ୟବସ୍ଥା ବି ବିଗୁଡୁଛି। ବିଶେଷକରି ହାଉସିଂବୋର୍ଡ, ବିଡିଏ, ସାଧାରଣ ପ୍ରଶାସନ ବିଭାଗ ଆଦି ବାସଘର ପାଇଁ ରିହାତି ଦରରେ ଯେଉଁ ଜମି ଓ ଘର ଯୋଗାଇଥିଲେ ସେଥିରୁ ଅନେକ ବି ବିଲଡରମାନଙ୍କ କବ୍‌ଜାରେ। ଏ ପରିପ୍ରେକ୍ଷୀରେ ବର୍ଷବର୍ଷ ଧରି ବେଆଇନ ଆପାର୍ଟମେଣ୍ଟ ନିର୍ମାଣକାରୀମାନେ ଫାଇଦା ଉଠାଉଥିବାବେଳେ ଉପଭୋକ୍ତା ଓ ପଡ଼ୋଶୀମାନଙ୍କ ଜୀବନ ପ୍ରତି ବିପଦ ରହୁଥିବା କୁହାଯାଉଛି।

# ମୌଳିକ ସୁବିଧାରୁ ବଞ୍ଚିତ ବେନିଆଗୁଡ଼ାବାସୀ



**୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ ବିଭିନ୍ନ ଯୋଜନା ସତ୍ତ୍ୱେ ଅବହେଳିତ ହୋଇ ପଡ଼ିଛି । କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତ ସାଡାମ ପଞ୍ଚାୟତର ବେନିଆଗୁଡା ଗ୍ରାମକୁ ଦେଖିଲେ ବିକାଶ କେତେ ଫଳପ୍ରଦ ତାହା ବାରି ହୋଇପଡ଼ିବ ।

ଭୌଗୋଳିକ ଦୃଷ୍ଟିରୁ ବେନିଆଗୁଡା ଗ୍ରାମ ସମୁଦ୍ରପତ୍ତନ ଠାରୁ ପ୍ରାୟ ୪ ହଜାରରୁ ଅଧିକ ଫୁଟ ଉଚ୍ଚରେ ଅବସ୍ଥିତ । କେଉଁ ଆବାହନ କାଳରୁ ବୁର୍ସମା ପାହାଡ଼ ମଥାନରେ ଏହି ଗାଁ ରହିଛି । ଏଠାରେ ବେନେଙ୍ଗ ଓ କୁଇ କନ୍ଧ ସମ୍ପ୍ରଦାୟର ୩୦ ପରିବାରର ଦୁଇଶହ ଲୋକ ବସବାସ କରୁଛନ୍ତି । ଗାଁ ଲୋକଙ୍କ ବେଉସା ହେଉଛି ଧାନ, ମାଣ୍ଡିଆ ଓ ସୁଆଁ ଚାଷ କରୁଛନ୍ତି । ଗାଁକୁ ଏବେ ପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇନି । ଗାଁରୁ ତିନି କିଲୋମିଟର ଅଙ୍କାବଙ୍କା ଜଙ୍ଗଲ ଏବଂ ଛୋଟବଡ଼ ପଥୁରିଆ ରାସ୍ତା ଅତିକ୍ରମ କରି ପାହାଡ଼ ତଳେ ବୋହି ଯାଇଥିବା ହାତୀଖୋଲା ନଦୀ ପାର କଲେ ହିଁ ସାଡାମ ପଞ୍ଚାୟତ ସଦର ମହକୁମାକୁ ଆସିବାକୁ ହୋଇଥାଏ । ଏହି ୩ କିଲୋମିଟର ରାସ୍ତା ଅତିକ୍ରମ କରିବା ବେଳେ ପ୍ରତି ପାଦରେ ବିପଦ ରହିଛି । ଚାରି ଆଡ଼େ ଘଞ୍ଚ ଜଙ୍ଗଲ । ଟଙ୍କାକିଆ ଚାଉଳ, ବାର୍ଦ୍ଧକ୍ୟ ଭତ୍ତା ପାଇଁ ପାହାଡ଼ ଓ ଘାଟି ପାର ହୋଇ ସାଡାମ ପଞ୍ଚାୟତକୁ ଯିବାକୁ ପଡ଼ିଥାଏ ।

ଗାଁରେ ବିଶୁଦ୍ଧ ପିଇବା ପାଣିର ସୁବିଧା ନାହିଁ । ଗାଁରୁ କିଲୋମିଟର ଦୂରକୁ ଗଲେ ଚୁଆ ପାଣି ମିଳେ । ଗର୍ଭବତୀ ଓ ଜରୁରୀକାଳୀନ ରୋଗୀଙ୍କୁ ଘାଟି ରାସ୍ତାରେ ଖଟରେ ବୋହି କେନାଲଗୁଡା ଗାଁକୁ ନେଇ ସେଠାରୁ ୨୫ରୁ ଅଧିକ କିଲୋମିଟର ଦୂର କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ହୋଇଥାଏ । ଗାଁରେ ବିଦ୍ୟାଳୟ ନଥିବାରୁ ପିଲାମାନେ ସାଡାମ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇଥାନ୍ତି । ହାତୀଖୋଲା ନଦୀରେ ବର୍ଷାଦିନେ ପ୍ରଖର ଜଳସ୍ରୋତ ରହୁଥିବାରୁ ବର୍ଷା ଦିନେ ପିଲାମାନଙ୍କ ପାଠ ପଢ଼ା ବନ୍ଦ ରହୁଛି । ଝାଟିମାଟି ଘରେ ହିଁ ଲୋକଙ୍କ ଜୀବନ ବିତୁଛି । ବେନିଆଗୁଡା ଗାଁ ଲୋକଙ୍କ ପାଇଁ ଆବାସ ଯୋଜନା ସାତ ସପନ । ଯେଉଁ ଗାଁକୁ ପକ୍କା ରାସ୍ତା ଏବେ ପର୍ଯ୍ୟନ୍ତ ହୋଇପାରିଲା ନାହିଁ ଆଉ ଆମେ ଆବାସ ଯୋଜନା କେମିତି ସ୍ୱପ୍ନ ଦେଖିପାରିବୁ ବୋଲି ଗାଁ ଲୋକେ କହିଛନ୍ତି । ହାତୀଖୋଲା ନଦୀ ବର୍ଷାଦିନେ ଗାଁ ଲୋକଙ୍କୁ ଦୁଃଖ ଦେଇଥାଏ । ଗାଁ ପାହାଡ଼ ଡେଇଁଲେ ପଡୋଶୀ ଆନ୍ଧ୍ର ପ୍ରଦେଶର ଆରକୁ ପଡେ । ଆରକୁ ଅଞ୍ଚଳ ବିକଶିତ ହୋଇଥିବାବେଳେ ଆମ ଗାଁକୁ ଏବେ ପର୍ଯ୍ୟନ୍ତ କୌଣସି ମୌଳିକ ସୁବିଧା ହୋଇପାରି ନାହିଁ ବୋଲି ଗାଁ ଲୋକେ ଦୁଃଖର ସହ ପ୍ରକାଶ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର– ସପ୍ତମୀ |
|---|---|
| ୧୧.୧୧.୨୦୨୫ | ନକ୍ଷତ୍ର– ପୁଷ୍ୟ, କର୍କଟଚନ୍ଦ୍ର |



| | | |
|---|---|---|
| **ମେଷ** | : | ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ । |
| **ବୃଷ** | : | ଲାଗି ରହିଥିବା ଚିନ୍ତା ଦୂର ହେବ । |
| **ମିଥୁନ** | : | ହସଖୁସିରେ ବାଧା ଉପଜିବ । |
| **କର୍କଟ** | : | ଦିନଟି ଖୁସିର ଦିନ ହେବ । |
| **ସିଂହ** | : | ମୁଣ୍ଡବ୍ୟଥା କଷ୍ଟ ଦେବ । |
| **କନ୍ୟା** | : | ଧନଲାଭ ଯୋଗ ରହିଛି । |
| **ତୁଳା** | : | ଭଲ କାମ କରି ଆନନ୍ଦିତ ହେବେ । |
| **ବିଛା** | : | ଗୁରୁଜନେ ଅଶାନ୍ତି ହେବେ । |
| **ଧନୁ** | : | ଆଘାତଜନିତ ଭୟ ରହିଛି । |
| **ମକର** | : | ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| **କୁମ୍ଭ** | : | ଉଚ୍ଚ ଅଧିକାରୀ ପ୍ରଶଂସିତ ହେବେ । |
| **ମୀନ** | : | ଚିନ୍ତା ବୃଦ୍ଧି ପାଇବ । |

## ବୁଢାବୁଢୀ ଘାଟିରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଢେଙ୍କାନାଳ, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିକଟସ୍ଥ ବୁଢାବୁଢୀ ଘାଟିରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ପରିବାର ସୂତ୍ରରୁ ପ୍ରକାଶ ନରସିଂହପୁର ଥାନା ଶାଳପଶି (କଣ୍ଟାଳୋ) ଅଞ୍ଚଳର ଝରିଆ ଭୋଇଙ୍କ ପୁଅ ଅଭିମନ୍ୟୁ ଭୋଇ(୩୦) କିଛି ଯୁବକଙ୍କ ସହ ଭୋଜି କରିବା ଉଦ୍ଦେଶ୍ୟରେ ଘରୁ ଆଜି ଦିନ ୧୦ ଘଟିକା ସମୟରେ ବାହାରି ଯାଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଅପରାହ୍ନ ୪ଟା ସମୟରେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ବିଭାଗର ଡାକ୍ତର ଓ ଖେଳିବାକୁ ଯାଇଥିବା ହିନ୍ଦୋଳ ଅଞ୍ଚଳର କିଛି ଯୁବକ ନରସିଂହପୁର ଅଞ୍ଚଳରୁ ଫେରୁଥିବା ସମୟରେ ଉକ୍ତ ଯୁବକଙ୍କୁ ଘାଟି ରାସ୍ତା ପାର୍ଶ୍ୱରେ ମୁମୂର୍ଷୁ ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏବଂ ନିଜ ଗାଡିରେ ନେଇ ଆସି ହିନ୍ଦୋଳ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସମ୍ପର୍କରେ ହିନ୍ଦୋଳରୁ ଖବର ଯିବା ପରେ ମୃତକ ଅଭିମନ୍ୟୁଙ୍କ ପରିବାର ସମେତ କିଛି ଅଞ୍ଚଳବାସୀ ଡାକ୍ତରଖାନାରେ ପହଂଚିଥିଲେ। ପୁଅ ଅଭିମନ୍ୟୁଙ୍କୁ ଷଡଯନ୍ତ୍ର କରି ମିଳିମିଶି ହତ୍ୟାକରି ରାସ୍ତାକଡରେ ଫୋପାଡ଼ି ଦେଇଥିବା ନେଇ ମୃତକଙ୍କ ମା' ଓ ସାନଭାଇ ଅଭିଯୋଗ କରିଛନ୍ତି ।

## ବାଉଁଶ ବୋଝେଇ ଗାଡ଼ି ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ସୁନ୍ଦରଗଡ଼, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରକେଲା ଥାନା ବିଷ୍ଣୁପୁର ଗାଁ ନିକଟ ମୁଖ୍ୟ ରାସ୍ତାରେ ଦୁର୍ଘଟଣା । ବାଇକ୍‌କୁ ପଛରୁ ଧକ୍କାଦେଲା ବାଉଁଶ ବୋଝେଇ ଗାଡ଼ି ଟା ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକ ଚିତ୍ରମଣି କାଲୋ (୬୭)ଙ୍କ ମୃତ୍ୟୁ ହୋଇଛି ।

ସୂଚନା ମୁତାବକ, ଦେଓଭୁବନପୁର ପଞ୍ଚାୟତ ଅନ୍ତର୍ଗତ ଦୁବେଦାଣ୍ଡ ଗ୍ରାମର ବାସିନ୍ଦା ଚିତ୍ରମଣି କାଲୋ ଏକ ବାଇକ୍ରେ ଦୁବେଦାଣ୍ଡରୁ କିଞ୍ଜିରକେଲା ଅଭିମୁଖେ ଯାଉଥିଲେ । ସୋମବାର ସକାଳ ପ୍ରାୟ ୧୦ଟାରେ ଗୋଟିଏ ଅଜଣା ଲୋକ ବାଉଁଶ କାଟି ବୋହିକି ନେଉଥିବା ସମୟରେ ବାଇକ୍‌ଟିକୁ ପଛରୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ହୋଇ ପଡିଥିଲେ । ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ବଡ଼ଚଣା, ୧୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ବଡ଼ଚଣା ଥାନା କଡେଇ ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି । ମୃତ ଯୁବକ ଜଣଙ୍କ କଟକ ଜିଲ୍ଲା ମାହାଙ୍ଗା ଥାନା ଜଗନ୍ନାଥପୁର ଗ୍ରାମର ଶେଖ ମକସୁଦଙ୍କ ପୁଅ ଶେଖ ମଞ୍ଜୁର (୩୫) ବୋଲି ଜଣାପଡ଼ିଛି ।

ସୂଚନାନୁଯାୟୀ, ଶେଖ ମଞ୍ଜୁର ରବିବାର ରାତିରେ ଧର୍ମଶାଳା ଥାନା ନେଉଳପୁରସ୍ଥିତ ଶ୍ୱଶୁର ଘରୁ ନିଜ ଘରକୁ ସ୍କୁଟି ଯୋଗେ ଯାଉଥିଲେ । କଡେଇ ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ବଡ଼ଚଣା ପୁଲିସ ପହଞ୍ଚି ମୃତଦେହ ଜବତ କରି ବଡ଼ଚଣା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ସ୍କୁଟି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମୋହନା, ୧୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଣସ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଛି । ମୃତ ଯୁବକ ଜଣକ ହେଲେ ମୋହନା ଥାନା ଅନ୍ତର୍ଗତ ମାଣିକପୁର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମଣ ଦଳାଇଙ୍କ ସାନ ପୁଅ କୁମୁଦ(୨୫) । ଚନ୍ଦ୍ରଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି । ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଛି । ତେବେ କୌଣସି କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନ ଥିବା ଫାଣ୍ଡି ଅଧିକାରୀ ସୁନୀଲ କୁମାର ସେଠୀ କହିଛନ୍ତି ।

# ମଣ୍ଡି ପ୍ରସ୍ତୁତିରେ ବିଳମ୍ବ: ବଢୁଛି ଚାଷୀ ଅସନ୍ତୋଷ

**ସମ୍ବଲପୁର, ୧୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆରଏମ୍‌ସି ପକ୍ଷରୁ ମଣ୍ଡି ପ୍ରସ୍ତୁତିରେ ବିଳମ୍ବକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି । ବିଗତ ବର୍ଷରେ ମାସେ ପୂର୍ବରୁ ମଣ୍ଡି ପ୍ରସ୍ତୁତି ହେଉଥିବା ବେଳେ ଚଳିତବର୍ଷ ନଭେମ୍ବର ୧୦ ସୁଦ୍ଧା ଆରଏମ୍‌ସି ପକ୍ଷରୁ ମଣ୍ଡି ପ୍ରସ୍ତୁତି ନିମନ୍ତେ ସେଭଳି କୌଣସି ତତ୍ପରତା ପରିଲକ୍ଷିତ ହେଉନାହିଁ । ମଣ୍ଡି ଶୁଭାରମ୍ଭ ପାଇଁ ମାତ୍ର ୧୦ରୁ ୧୫ ଦିନ ଥିବାରୁ ଏତେ କମ୍ ଦିନରେ କିଭଳି ମଣ୍ଡି ପ୍ରସ୍ତୁତି ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ଏହାଛଡ଼ା ଗ୍ରେଡିଂ ଇକ୍ୟୁପମେଣ୍ଟ (ଆବଶ୍ୟକ ସରଞ୍ଜାମ) ଯାଞ୍ଚ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇ ନ ଥିବାରୁ ଆରଏମ୍‌ସିର କାର୍ଯ୍ୟଦକ୍ଷତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଆରଏମ୍‌ସି ଅଧୀନରେ ଥିବା ଓଜନ କଣ୍ଟାଗୁଡିକ ଏପର୍ଯ୍ୟନ୍ତ ଯାଞ୍ଚ ହୋଇ ନ ଥିବାରୁ କିଭଳି ମଣ୍ଡି ଆରମ୍ଭ ହେବ ସେନେଇ ଚାଷୀ ସନ୍ଦିହାନରେ ପଡ଼ିଛନ୍ତି । ଧାନକ୍ରୟର ଯଥେଷ୍ଟ ପୂର୍ବରୁ ଚାଷୀ, ଚାଷୀ ପ୍ରତିନିଧି, କ୍ରୟକାରୀ ସଂସ୍ଥା ଓ ସରକାରୀ ଅଧିକାରୀଙ୍କୁ ନେଇ ବ୍ଲକୱାରି ଆଭ୍ୟନ୍ତରୀଣ ସମନ୍ୱୟ ବୈଠକ ହେବାର ସରକାରୀ ପ୍ରାବଧାନ ରହିଛି । ହେଲେ ଆରଏମ୍‌ସି ପକ୍ଷରୁ ସେଭଳି କୌଣସି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ ।

ବିଗତ ବର୍ଷରେ ସଚେତନତା ରଥ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯାଇଥିବା ବେଳେ ଚଳିତବର୍ଷ ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳିଛି । ମଣ୍ଡି ସଫେଇ, ଟେଣ୍ଟ, ଜଗୁଆଳି, ବିଦ୍ୟୁତ୍ ସଂଯୋଗ, ପାଣି, ତାର୍ପୋଲିନ, ଆବଶ୍ୟକ ଯନ୍ତ୍ରପାତି, ସିସି କ୍ୟାମେରା ବ୍ୟବସ୍ଥା ନେଇ ଆଦୌ କୌଣସି ପ୍ରସ୍ତୁତି ହୋଇ ନ ଥିବା ବେଳେ କୁଚିଣ୍ଡା ଓ ଜମନକିରାରେ ଥିବା ଦୁଇଟି ୱେ ବ୍ରିଜ ମଧ୍ୟ ଯାଞ୍ଚ ହୋଇନାହିଁ ।

ଚଳିତ ବର୍ଷ ଭଲ ବର୍ଷା ଓ ଅନୁକୂଳ ପାଗ ଯୋଗୁ ଭଲ ଫସଲ ହୋଇଥିଲେ ହେଁ ଆରଏମ୍‌ସିର ଖାମଖିଆଲି ମନୋଭାବକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ଏ ସମ୍ପର୍କରେ ଆରଏମସି ସମ୍ପାଦକ ସୁଧୀର କୁମାର ନାଏକଙ୍କୁ ପଚାରିବାରେ ମଣ୍ଡି ସଫେଇ କାମ ଚାଲିଛି । ଆଇଇସି ଓ ଆଭ୍ୟନ୍ତରୀଣ ସମନ୍ୱୟ ବୈଠକ ଖୁବ୍‌ଶୀଘ୍ର କରାଯିବ । ଏଥି ସହ ଯନ୍ତ୍ରପାତି ଏବଂ ୱେ ବ୍ରିଜ ଯାଞ୍ଚ ନିମନ୍ତେ ଚିଠି କରାଯାଇଥିବା ସେ କହିଛନ୍ତି ।

## ଜରାଜୀର୍ଣ୍ଣ ପଥପ୍ରାନ୍ତ ସୁବିଧା କେନ୍ଦ୍ର

**ଘଟଗାଁ, ୧୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଘଟଗାଁ ବାଲିଯୋଡ଼ି ନିକଟରେ ପଥିକମାନଙ୍କ ପାଇଁ ନିର୍ମିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ । ଗତ ତିନି ବର୍ଷ ପୂର୍ବେ ପ୍ରାୟ ଦୁଇ କୋଟି ଟଙ୍କାରେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରକୁ ନିର୍ମାଣ କରିଥିଲା ପୂର୍ତ୍ତ ବିଭାଗ । ଯାତ୍ରୀମାନଙ୍କ ସୁବିଧା ପାଇଁ ଶୌଚାଳୟ, ଗାଡ଼ି ପାର୍କିଂ, ଆବଶ୍ୟକୀୟ ସାମଗ୍ରୀ ସହିତ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ କବାଟ ଝରକା ଭାଙ୍ଗି ଫ୍ୟାନ୍, ଲାଇଟ୍, ରେଲିଂ, ଗ୍ରିଲ ସବୁ ଚୋରି ହୋଇଗଲାଣି । ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ନିର୍ମାଣର ବର୍ଷେ ଯାଏଁ ଦେଖାରଖା କରିଥିଲା ପୂର୍ତ୍ତ ବିଭାଗ । ପରେ ଗତବର୍ଷ ମିଶନ ଶକ୍ତି ମହିଳାଙ୍କୁ ଏହାକୁ ହସ୍ତାନ୍ତର କରାଯାଇଥିଲା । ମିଶନ ଶକ୍ତି ଏହାକୁ ଗୋଟିଏ ବର୍ଷ ନିଜ ଅଧୀନରେ ରଖିବା ପରେ ଏହାକୁ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରିଥିଲା । ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି ପଥପ୍ରାନ୍ତ ସୁବିଧା କେନ୍ଦ୍ର ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ, ୨ ଗୁରୁତର

ଦୁଇ ବାଇକ୍ ମୁହାଁମୁହିଁ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ମୃତକଙ୍କ ନାଁ ସମ୍ରାଟ ବୋଲି ଜଣାପଡିଛି । ଗୁରୁତରଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ମାଲିଝର ଛକ ନିକଟରେ ଏଭଳି ଘଟଣା ଘଟିଛି ।

ସୂଚନା ମୁତାବକ, ବେଲପଡା ଥାନା ବାଘଉଡାରକୁ ଛତିଶଗଡ ରାୟପୁରର ସମ୍ରାଟ ବାଗ ତାଙ୍କ ପରିବାର ସହିତ ଏକ ବାହାଘରରେ ଯୋଗ ଦେବା ପାଇଁ ଆସିଥିଲେ । କୌଣସି କାମରେ ସମ୍ରାଟ ଆଉ ଦୁଇଜଣଙ୍କ ସହିତ ବାଇକ୍‌ରେ ବେଲପଡା ଯାଇ ଫେରୁଥିଲେ । ଫେରିବା ବେଳେ ମାଲିଝର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଗୋଟିଏ ବାଇକ ସହ ଧକ୍କା ହୋଇଥିଲା । ଯାହାଫଳରେ ତିନି ଜଣ ଗୁରୁତର ହୋଇ ରାସ୍ତାକଡରେ ପଡି ଛଟପଟ ହୋଇଥିଲେ ।ଏହା ଦେଖି ସ୍ଥାନୀୟ ଲୋକେ ତିନି ଗୁରୁତରଙ୍କୁ ଉଦ୍ଧାର କରି ପାଟଣାଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ବେଲପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।



## ପ୍ରେମିକାର ବେକ କାଟିଲା ପ୍ରେମିକ

**କରଞ୍ଜିଆ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଇଟାମୁଣ୍ଡି ଛକରେ ଦେଖିବାକୁ ମିଳିଛି ଏକ ବିରଳ ଦୃଶ୍ୟ । ବ୍ଲଡ୍ ସାହାଯ୍ୟରେ ପ୍ରେମିକାର ବେକ କାଟିଲା ପ୍ରେମିକ । ଗୁରୁତର ଅବସ୍ଥାରେ ପ୍ରେମିକା ନିକଟସ୍ଥ ମେଡିକାଲରେ ଭର୍ତ୍ତି । ପ୍ରେମିକକୁ ଥାନାରେ ଅଟକ ରଖିଛି ପୁଲିସ ।

ସୂଚନା ମୁତାବକ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳରେ ପ୍ରେମିକର ଘର ଏବଂ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ମହାରାଜପୁର ଗାଁରେ ପ୍ରେମିକାର ଘର । କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ସବୁ ଠିକଠାକ୍ ଚାଲିଥିଲା । ହେଲେ ରବିବାର ବିଳମ୍ବିତ ରାତିରେ ପ୍ରେମିକା ଜଣଙ୍କ ଫୋନ୍ ନକାଟିବାରୁ ରାଗିଯାଇଥିଲା ପ୍ରେମିକ । ଶେଷରେ ଉତ୍କ୍ଷିପ୍ତ ହୋଇ ପ୍ରେମିକ ଜଣଙ୍କ ଘରେ ପଶି ପ୍ରେମିକାର ବେକ ବ୍ଲେଡ୍‌ରେ କାଟିଦେଇଛି । ଯାହାପରେ ଗୁରୁତର ଅବସ୍ଥାରେ ପ୍ରେମିକାକୁ ନିକଟସ୍ଥ ଯଶିପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ଅଭିଯୁକ୍ତ ପ୍ରେମିକକୁ ଯଶିପୁର ପୁଲିସ ଅଟକ ରଖିଛି ।

## ରିଜର୍ଭ ଫରେଷ୍ଟରୁ ଗଛକଟାକୁ ଗ୍ରାମବାସୀଙ୍କ ବିରୋଧ

**ଲାଞ୍ଜିଗଡ଼, ୧୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଲାଞ୍ଜିଗଡ଼ ଓ ତ୍ରିଲୋଚନପୁର ରିଜର୍ଭ ଜଙ୍ଗଲ ଅଞ୍ଚଳରେ ଗ୍ୟାସ ଲାଇନ ଯିବାକୁ ନେଇ ମୂଲ୍ୟବାନ ଶତାଧିକ ଗଛ କଟା ଚାଲିଛି । ଏହାକୁ ବିରୋଧ କରି ଗଛକଟା ବନ୍ଦ କରିଛନ୍ତି ତ୍ରିଲୋଚନପୁର ଗ୍ରାମବାସୀ ।



ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲଠୁ ଆରମ୍ଭ କରି ସ୍କୁଲ କଲେଜ ସମେତ ବିଭିନ୍ନ ପଞ୍ଚାୟତ ଓ ବିଭିନ୍ନ କାର୍ଯ୍ୟାଳୟ ପରିସରରେ ମଧ୍ୟ ବୃକ୍ଷ ରୋପଣ କରୁଛନ୍ତି । କିନ୍ତୁ ଶହଶହ ଗଛକଟାର ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ଅଧୀନସ୍ଥ ଗନ୍ଧନୀ ରିଜର୍ଭ ଜଙ୍ଗଲରେ । ଏହି ରିଜର୍ଭ ଜଙ୍ଗଲ ଲାଞ୍ଜିଗଡ଼ ବନବିଭାଗ ଅଧୀନରେ ୩ କିମି ଦୂର ରହିଥିବା ବେଳେ ବିଜେପୁର ବନ ବିଭାଗ ଅଧୀନରେ ୫ କିମି ଦୂର ରହିଛି । ବର୍ତ୍ତମାନ ଗ୍ୟାସ ଲାଇନ ପାଇଁ ଓଏଫଡିସି ବିଭାଗ ପକ୍ଷରୁ ୧ କିମି ପର୍ଯ୍ୟନ୍ତ ଶତାଧିକ ବଡ ବଡ ମୂଲ୍ୟବାନ ଗଛ କଟାଯାଇଛି ।

ଲାଞ୍ଜିଗଡ଼ଠାରୁ ବିଜେପୁରକୁ ସଂଯୋଗ କରୁଥିବା ୧୭ କିମି ରାସ୍ତାରେ ଗଲେ ୮କିମି ଦୂର ଏହି ରିଜର୍ଭ ଜଙ୍ଗଲ ଭିତର ଦେଇ ତ୍ରିଲୋଚନପୁର ଗାଁକୁ ଯିବାକୁ ପଡ଼େଛ କିନ୍ତୁ ଏହି ୧୭ କିମି ରାସ୍ତା ନିର୍ମାଣ ପାଇଁ ଆଜିକୁ ୨ ବର୍ଷ ହେଲା ଟେଣ୍ଡର ହୋଇଥିବା ବେଳେ ରାସ୍ତାର ନିର୍ମାଣ କାର୍ଯ୍ୟ ୯କିମି ଆରମ୍ଭ ହୋଇଛି । ରାସ୍ତାକାମ କରିବା ପାଇଁ ଠିକାଦାର ପ୍ରୟାସ ଆରମ୍ଭ କରିଥିବା ବେଳେ ଜଙ୍ଗଲ ବିଭାଗ କଟକଣା ଯୋଗୁ କାମ ଆଗେଇ ପାରୁନି । ରାସ୍ତା କଡ଼ରେ ଥିବା ଛୋଟ ଛୋଟ ଗଛ ରହିଥିବା ଯୋଗୁ ବନବିଭାଗର ଅନୁମତି ମିଳିଲେ ଗଛ କଟାଗଲେ କାମ ଆରମ୍ଭ ହେବ ବୋଲି କହୁଛି । ହେଲେ ତ୍ରିଲୋଚନପୁରବାସୀଙ୍କୁ କୌଣସି ସୂଚନା ନ ଦେଇ ଏବେ ସେହି ରିଜର୍ଭ ଜଙ୍ଗଲକୁ ଗ୍ୟାସ ଲାଇନ ଯୋଗୁ ମନଇଚ୍ଛା ଶହଶହ ଶାଗୁଆନ, ଶାଳ, ହରିଡ଼ା, ବାହାଡା ଭଳି ମୂଲ୍ୟବାନ ଗଛ କାଟୁଥିବା ନେଇ ବନବିଭାଗ କାହିଁକି ନିରବ ସାଜିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

## ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଜାଲିଆତି ଅଭିଯୋଗ : ଉଚ୍ଚସ୍ତରୀୟ ତଦନ୍ତ ଦାବି

**ଠାକୁରମୁଣ୍ଡା, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଠାକୁରମୁଣ୍ଡା ବ୍ଲକ, ଚମ୍ପାଝର ପଞ୍ଚାୟତ, ନୂଆଗାଁ ସ୍ଥିତ ଆର ଏନ ହାଇସ୍କୁଲର ଶିକ୍ଷୟିତ୍ରୀ ପ୍ରମିଳା ସାହୁ ସରକାରଙ୍କ ପାଖରୁ ନ୍ୟାୟ ପାଇବା ପାଇଁ ଆତ୍ମହୁତି ଦେବେ ବୋଲି ଧମକ ଦେଇଥିବାବେଳେ ପ୍ରଶାସନ ଓ କର୍ତ୍ତୃପକ୍ଷଙ୍କ ପାଖରୁ ଆଠ ସପ୍ତାହ ସମୟ ଦିଆଯାଇଥିବାବେଳେ ଏବେ ପ୍ରମିଳା ସାହୁଙ୍କ ବିରୁଦ୍ଧରେ ସାଙ୍ଘାତିକ ଜାଲିଆତି କରିଥିବାର ଅଭିଯୋଗ ହୋଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକଙ୍କ ଉପସ୍ଥିତିରେ ପ୍ରମିଳା ସାହୁ ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଅର୍ଥ ବାଟମାରଣା କରିବା ସହିତ ବିଦ୍ୟାଳୟର ସମସ୍ତ ରେକର୍ଡ ପତ୍ରରେ ଜାଲିଆତି କରିଥିବାର ସାଙ୍ଘାତିକ ଅଭିଯୋଗ କରିଛନ୍ତି । ହତାଶ ହୋଇଥିବା ଶିକ୍ଷକ କାହ୍ନୁ ଚରଣ ପଣ୍ଡା ଶ୍ରୀ ପଣ୍ଡା ଚାକିରି ପାଇବା ପାଇଁ ବିଦ୍ୟାଳୟର ଉନ୍ନତି ନିମନ୍ତେ ଲକ୍ଷେ କୋଡିଏ ହଜାର ଟଙ୍କା ଡୋନେସନ ଦେଇଥିବାବେଳେ ଏହି ଅର୍ଥ ବାଟ ମାରଣା କରାଯିବା ସହିତ ତାଙ୍କୁ ଦରମା ଦିଆଯାଇନାହିଁ ବୋଲି ସେ ଅଭିଯୋଗ ରେ ପ୍ରକାଶ କରିଛନ୍ତି । ଏହାଛଡା ପ୍ରମିଳା ସାହୁ ନିଜେ ଏହି ବିଦ୍ୟାଳୟରେ ଚାକିରି କରିବା ସହିତ ତାଙ୍କ ସ୍ୱାମୀ, ଭାଉଜ ଓ ଅନ୍ୟ ଜଣେ ବନ୍ଧୁ ଅନ୍ୟ ଏକ ବିଦ୍ୟାଳୟରେ ଶିକ୍ଷକତା କରିବା ସହିତ ଏହି ବିଦ୍ୟାଳୟରେ ମଧ୍ୟ ଶିକ୍ଷକତା କରିଥିବାର ଯଥେଷ୍ଟ ପ୍ରମାଣ ସହିତ ଦେଇଥିବା ଅଭିଯୋଗ ପତ୍ରରେ ପ୍ରକାଶ କରିଛନ୍ତି । ହିନ୍ଦୀ କ୍ଲାସ ହୋଇ ନଥିଲେ ମଧ୍ୟ ପ୍ରମିଳା ତାଙ୍କ ଭାଉଜଙ୍କୁ ହିନ୍ଦୀ ଶିକ୍ଷୟିତ୍ରୀ ଭାବେ ଦରମା ଦେଇଛନ୍ତି ବୋଲି ଅଭିଯୋଗରେ କୁହାଯାଇଛି ଏପରିକି ତାଙ୍କ ସହିତ ତାଙ୍କ ସ୍ୱାମୀ, ତାଙ୍କ ଭାଉଜଙ୍କ ଫେକ ସାର୍ଟିଫିକେଟରେ ନିଯୁକ୍ତି ଦେବା ସହିତ ସଭା ବହିକୁ ଜାଲିଆତି କରିଛନ୍ତି ବୋଲି ଶ୍ରୀ ପଣ୍ଡା ଗତ ୮ ତାରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରି ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ତାଙ୍କୁ ନ୍ୟାୟ ମିଳିବାପାଇଁ ଶ୍ରୀ ପଣ୍ଡା ଅନୁରୋଧ କରିଛନ୍ତି ଭିଜିଲାନ୍ସ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ବିଭାଗୀୟ ତଦନ୍ତ ପରେ ମଧ୍ୟ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ପ୍ରମିଳା ସାହୁ ଆତ୍ମହୁତି ଧମକକୁ ସରକାର କେତେ ମାନ୍ୟତା ଦେବେ ତାହା ଦେଖିବାକୁ ବାକି ରହିଲା ।

# 'ସୁନନ୍ଦା ସ୍ମୃତି ଭବନ' ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ପୁରୀ, ୧୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖ୍ୟାତନାମା କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକଙ୍କ ପୁରୀ ବଳିଆପଣ୍ଡାସ୍ଥିତ ବାସଭବନ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ । ସୁନନ୍ଦାଙ୍କ ମୃତ୍ୟୁ ପରେ ଏଠାରେ ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ, ସ୍ମୃତି ସଦନ, ପ୍ରତିମୂର୍ତ୍ତି ସ୍ଥାପନ ଏବଂ ସୁନନ୍ଦା ସଂଗ୍ରହାଳୟ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ହେଲେ ଏବେ ଏଥିମଧ୍ୟରୁ ଗୋଟିଏ ହେଲେ ବି ଘୋଷଣା କାର୍ଯ୍ୟକାରୀ ହୋଇନାହିଁ । ଶାସ୍ତ୍ରୀୟ ସଙ୍ଗୀତରେ ସୁନନ୍ଦା ଅନେକ ଶିଷ୍ୟ ସୃଷ୍ଟି କରିଛନ୍ତି । ଏଥିପାଇଁ ସ୍ନେହରେ ତାଙ୍କୁ ସଭିଁଏ ଗୁରୁମା ସମ୍ବୋଧନ କରିଥାନ୍ତି ।

ପୁରୀ ଦଇତାପଡ଼ା ସାହିର ଭଡ଼ା ଘରେ ୧୯୩୪ ମସିହା ନଭେମ୍ବର ୭ ତାରିଖରେ ସୁନନ୍ଦା ଜନ୍ମଗ୍ରହଣ କରିଥିଲେ । ଶ୍ରୀକ୍ଷେତ୍ର ପ୍ରତି ତାଙ୍କର ଥିଲା ପ୍ରଗାଢ଼ ଭଲ ପାଇବା । ଏଣୁ ତାଙ୍କ ନିଆରା ସ୍ୱରରେ ମନ୍ତ୍ରମୁଗ୍ଧ ହୋଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବଳିଆପଣ୍ଡାରେ ୨ ଏକର ଜାଗା ଉପହାର ଦେଇଥିଲେ । ଏଠାରେ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାନୁଷ୍ଠାନ ଖୋଲିବାକୁ ସେ ଆଗ୍ରହୀ ଥିଲେ । ଏଥିପାଇଁ ଏକାଧିକ ବଖରା ନିର୍ମାଣ ସହ ବିଜୁଳି ଓ ପାଣି ବ୍ୟବସ୍ଥା ମଧ୍ୟ ହୋଇଥିଲା । କିଛିଦିନ ସଙ୍ଗୀତ ଶିକ୍ଷା ମଧ୍ୟ ଚାଲିଥିଲା । କିନ୍ତୁ ୧୯୮୩ରେ ଗୁରୁମା କୋଲକାତା ଚାଲିଯାଇଥିଲେ । ସମୟ ମିଳିଲେ ପୁରୀ, କଟକ ଆସୁଥିଲେ । ୨୦୦୩ ବେଳକୁ ଶାରୀରିକ ଅସୁସ୍ଥତାରୁ ସେ ପୁରୀ ଆସିବା ପ୍ରାୟତଃ ବନ୍ଦ କରିଦେଇଥିଲେ । ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ଏହି ସ୍ଥାନକୁ କବ୍ଜା କରିନେଇଥିଲେ । ୨୦୨୦ ମସିହା ଜାନୁଆରୀ ୧୯ ତାରିଖରେ କୋଲକାତାରେ ସୁନନ୍ଦାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ମୃତ୍ୟୁ ପରେ ଏହି ଜାଗାର ରକ୍ଷଣାବେକ୍ଷଣ କରିବା ସହ ଏଠାରେ ସ୍ମୃତିପୀଠ ନିର୍ମାଣ କରିବାକୁ 'ଅଭିନନ୍ଦନିକା' ସମେତ ଅନେକ ଅନୁଷ୍ଠାନ ସରକାରଙ୍କ ନିକଟରେ ଦାବି କରିଥିଲେ । ୨୦୨୧ ଜାନୁଆରୀ ୨୭ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟର ତତ୍କାଳୀନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ ଦାଶ, ଦଇତାପତି ସେବକ ମନୋଜ କୁମାର ଦାସ ମହାପାତ୍ର ଓ ଅଭିନନ୍ଦନିକା'ର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ପୁରୀ ବଳିଆପଣ୍ଡାସ୍ଥିତ ସୁନନ୍ଦାଙ୍କ ଘର ବୁଲି ଦେଖିଥିଲେ । ପରେ ଜାନୁଆରୀ ୨୮ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରେ ଶାସ୍ତ୍ରୀୟ ସଙ୍ଗୀତ ଗବେଷଣା କେନ୍ଦ୍ର ଓ ସଂଗ୍ରହାଳୟ କରିବାକୁ ଘୋଷଣା କରିଥିଲେ । ମାତ୍ର ସ୍ମୃତିପୀଠ ଦୂରର କଥା ଏଯାବ୍ ଜମିରୁ ଅବରୋଧ ହଟି ପାରିଲାନାହିଁ ।



ଏବେ ଏକ ବିଶାଳ ପାଚେରି ଘେରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ସୁନନ୍ଦାଙ୍କ ଶେଷସ୍ମୃତି । ତାଙ୍କ ବାସଗୃହର କବାଟ ଭାଙ୍ଗି ମଦ୍ୟପ ଆଡ୍ଡା କରୁଥିବା ବେଳେ ଘରର ଆଖପାଖ ଖାଲି ଅଞ୍ଚଳ ସ୍ଥାନୀୟ ବସ୍ତିବାସିନ୍ଦାଙ୍କ ପାଇଁ ମୁକ୍ତ ଶୌଚାଳୟ ପାଲଟିଛି । ସୁନନ୍ଦାଙ୍କର କଟକସ୍ଥିତ ବାସଭବନରେ ମଧ୍ୟ ସ୍ମୃତିପୀଠ ନିର୍ମାଣ କରିବାକୁ ଘୋଷଣା କରାଯାଇଥିଲା । ଶାସ୍ତ୍ରୀୟ ସଂଗୀତରେ ଉଚ୍ଚତର ଗବେଷଣା ଓ ଶିକ୍ଷା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ତାହା ମଧ୍ୟ ସେହି ଘୋଷଣାରେ ସୀମିତ ରହିଗଲା । ସୁନନ୍ଦାଙ୍କ ବ୍ୟବହୃତ ବାଦ୍ୟଯନ୍ତ୍ର ଓ ଅନ୍ୟାନ୍ୟ ଜିନିଷକୁ ନେଇ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଗ୍ୟାଲେରି କରାଯିବ ବୋଲି କୁହାଗଲା । ତାଙ୍କ ବ୍ୟବହୃତ ଜିନିଷ ଦେବା ଲାଗି ତାଙ୍କ ପରିବାରବର୍ଗଙ୍କୁ ସରକାର ନିବେଦନ କରିବେ ବୋଲି ଘୋଷଣା କଲେ । କିନ୍ତୁ ଏକଥା ଆଉ ଆଗେଇ ପାରିଲା ନାହିଁ । କେବଳ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଜଣେ ଶାସ୍ତ୍ରୀୟ ସଂଗୀତଜ୍ଞଙ୍କୁ ସୁନନ୍ଦା ସମ୍ମାନ' ଦିଆଯିବ ବୋଲି ଘୋଷଣା ହୋଇଥିବା କଥାକୁ ଅନୁମୋଦନ ବ୍ୟତୀତ ଅନ୍ୟ ସବୁ ଘୋଷଣାରେ ରହିଯାଇଛି । ସଂଗୀତ ପାଇଁ ସେ ସମଗ୍ର ଜୀବନ ଉତ୍ସର୍ଗ କରିଦେଲେ । ଓଡ଼ିଶା ମାଟିକୁ ଗର୍ବିତ କଲେ । ମାତ୍ର ଜୀବିତାବସ୍ଥାରେ ସର୍ବୋଚ୍ଚ ନାଗରିକ ପୁରସ୍କାର ପାଇଁ ବି ତାଙ୍କ ନାଁ' କେହି ସୁପାରିସ କଲେ ନାହିଁ । ସଂସ୍କୃତି ପ୍ରେମୀ ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ଗୁରୁମା ସୁନନ୍ଦ ପଟ୍ଟନାୟକଙ୍କୁ ନେଇ ରାଜ୍ୟ ବାହାର ଲୋକେ ଗୌରବାନ୍ୱିତ ହେଉଥିବା ବେଳେ ଓଡ଼ିଶାରେ ତାଙ୍କୁ ଯଥେଷ୍ଟ ସମ୍ମାନ ମିଳୁନି । ସୁନନ୍ଦାଙ୍କ ପ୍ରତି ଜଣେ ଉଚ୍ଚପ୍ରତିଭାଙ୍କୁ ଆବଶ୍ୟକ ସମ୍ମାନ ମିଳିଲେ ତାଙ୍କ ଭଳି ଅନେକ ସଂସ୍କୃତି ପ୍ରେମୀ ଆତ୍ମସନ୍ତୋଷ ଅନୁଭବ କରନ୍ତେ । ବର୍ତ୍ତମାନ ରାଜ୍ୟରେ ସରକାର ବଦଳିଥିବାରୁ ନୂଆ ସରକାର ହୁଏତ ଏଥିପ୍ରତି ଦୃଷ୍ଟି ଦେଇପାରନ୍ତି ବୋଲି ଶ୍ରୀ ସେନାପତି ଆଶାବ୍ୟକ୍ତ କରିଛନ୍ତି ।

ଆମ ରାଜ୍ୟରେ ଆନ୍ତଃ ରାଜ୍ୟ ସୀମା ବିବାଦ ଲାଗି ରହିଛି । ଆନ୍ଧ୍ର ଓଡ଼ିଶା ଭିତରକୁ ପଶି ଆସୁଛି । କୋଟିଆରେ ସବୁବେଳେ ସୀମାକୁ ନେଇ ବିବାଦ ଜାରି ରହିଛି । ଏ ଅଞ୍ଚଳର ଲୋକମାନେ ଆନ୍ଧ୍ର ସରକାରଙ୍କ ପାଖରୁ ସବୁପ୍ରକାର ସୁବିଧା ସୁଯୋଗ ପାଉଛନ୍ତି । ସେସବୁ ଅଞ୍ଚଳର ବିଧାୟକମାନେ ଯଦି ନିୟମିତ ସେମାନଙ୍କ ନିର୍ବାଚନ ମଣ୍ଡଳୀ ଗସ୍ତ କରୁଥାନ୍ତେ ତା'ହେଲେ ଏଭଳି ସମସ୍ୟା ବୋଧେ ଉପଜନ୍ତା ନାହିଁ । ତାଙ୍କ ନିର୍ବାଚନ ମଣ୍ଡଳୀର ପରିସୀମା କେତେ ତାହା ଯଦି ସେମାନଙ୍କୁ ଜଣାଥାନ୍ତା ତା'ହେଲେ ବୋଧେ ଆନ୍ଧ୍ରର ଅନୁପ୍ରବେଶ ସମ୍ଭବ ହୁଅନ୍ତା ନାହିଁ । ନେତାମାନେ ଯଦି ନିଜ ନିଜ ନିର୍ବାଚନ ମଣ୍ଡଳୀରେ ରହୁଥାନ୍ତେ ତା'ହେଲେ ସେଠାକାର ଅଧିକାରୀମାନେ ମଧ୍ୟ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଉଥାନ୍ତେ ମନ୍ତ୍ରୀ, ବିଧାୟକଙ୍କ ଭୟରେ ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୧ ନଭେମ୍ବର, ୨୦୨୫ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ୍


## ଲୋକଙ୍କ ସେବା ପାଇଁ କ୍ଷମତା କ'ଣ ଜରୁରୀ?

ନୂଆପଡ଼ା ଉପନିର୍ବାଚନ ପ୍ରଚାର ଶେଷ ହୋଇଛି । ଡାକବାଜି ଯନ୍ତ୍ର ଶାନ୍ତ, କର୍ମୀ କ୍ଳାନ୍ତ। ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ କମ୍ପୁଥିଲା ନୂଆପଡ଼ା ଏବେ ନୀରବ ହୋଇଯାଇଛି । ୧୧ ତାରିଖ ଦିନ ଅର୍ଥାତ୍ ମଙ୍ଗଳବାର ଦିନ ମତଦାନ ଅନୁଷ୍ଠିତ ହେବ । ନିର୍ବାଚନ କମିଶନଙ୍କ ନିୟମ ଅନୁସାରେ ରବିବାର ସନ୍ଧ୍ୟାରୁ ପ୍ରଚାର ବନ୍ଦ ହୋଇଯାଇଛି । ସେଠାରେ ଡେରା ପକାଇଥିବା ବାହାର ରାଜ୍ୟର କର୍ମୀମାନେ ନୂଆପଡ଼ା ଛାଡ଼ିଛନ୍ତି । ପ୍ରଶାସନ ପକ୍ଷରୁ ନୀରବ ଅବଧି କଟକଣା ଲାଗୁ କରାଯାଇଥିଲା ।

ନୂଆପଡ଼ାରେ ମୁଖ୍ୟତଃ ୩ ରାଜନୈତିକ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସ ଭିତରେ ହିଁ ପ୍ରତିଯୋଗିତା ହେବ । କେଉଁ ଦଳ ଜିତିବ ଏବଂ କେଉଁ ଦଳ ହାରିବ– ଏକଥା ଗଣତି ପରେ ଜଣାପଡ଼ିବ । ଅନ୍ୟ ଯେଉଁ ଦଳମାନେ ପରାଜୟବରଣ କରିବେ ସେମାନେ ଯେ ଶୂନ୍ୟ ଭୋଟ୍ ପାଇବେ ଏକଥା କହିବା ଭୁଲ୍ ହେବ । ଯେଉଁମାନେ ପରାଜୟବରଣ କରିବେ ବା ହାରିବେ ସେମାନଙ୍କର ମଧ୍ୟ ସମର୍ଥକ ଅଛନ୍ତି । ତେଣୁ ସେମାନଙ୍କୁ ଯେଉଁ ଭୋଟରମାନେ ସମର୍ଥନ ଦେଇଥିବେ ସେମାନଙ୍କ କଥା ବୁଝିବା ପାଇଁ ନିର୍ବାଚନ ପରେ ନେତାମାନେ ଲୋକଙ୍କ ପାଖକୁ ଯିବେ ତ?

ଲୋକଙ୍କ ସେବା କରିବା ପାଇଁ କ୍ଷମତାର ଆବଶ୍ୟକତା ଯେ ନିହାତି ଦରକାର ଏକଥା କହିବା ଭୁଲ୍ ହେବ । ସେବା ମନୋବୃତ୍ତି ଥିଲେ କୌଣସି ଦଳ କିମ୍ବା କ୍ଷମତାରେ ନଥାଇ ମଧ୍ୟ ଲୋକଙ୍କ ପାଇଁ କାମ କରିହେବ ।

ଦେଶରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରହିଛି । ସେମାନଙ୍କ ମଧ୍ୟ ଲୋକଙ୍କ ପାଇଁ କାମ କରିଥାନ୍ତି । ଆପଣ ଯଦି ୯୯ ମହାବାତ୍ୟାକୁ ନମୂନା ହିସାବରେ ନେବା ତା'ହେଲେ ଜାଣିପାରିବା ସେତେବେଳର ସରକାରଙ୍କ ଅପେକ୍ଷା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଲୋକଙ୍କ ପାଇଁ ଅଧିକ କାମ କରିଥିଲେ । ରାମକୃଷ୍ଣ ମିଶନର ସଦସ୍ୟମାନେ ଆସି ଏରସମା ଅଞ୍ଚଳରେ ଶବଦାହ କରିବା ସହିତ ସଫେଇ କାର୍ଯ୍ୟରେ ମଧ୍ୟ ସହଯୋଗ କରିଥିଲେ । ବାସହରାମାନଙ୍କ ପାଇଁ ବାସଗୃହ ମଧ୍ୟ ସେମାନେ ତିଆରି କରିଦେଇଥିଲେ । ତେଣୁ ଲୋକଙ୍କ ସେବା କରିବା ପାଇଁ ଏକମାତ୍ର କ୍ଷମତାର ଯେ ଆବଶ୍ୟକତା ରହିଛି ଏକଥା କହିବା ଭୁଲ୍ ହେବ । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ପାଖରେ କ'ଣ କ୍ଷମତା ରହିଛି । ସେମାନଙ୍କର କ୍ଷମତା ହେଲା ସେମାନଙ୍କର ମନୋବଳ ଏବଂ ଲୋକମାନଙ୍କ ପାଇଁ କାମ କରିବାର ଇଚ୍ଛାଶକ୍ତି ।

ନୂଆପଡ଼ା ନିର୍ବାଚନ ପ୍ରଚାର ସମୟରେ ତିନି ଦଳର ନେତାମାନେ କହିଥିଲେ– ଆମକୁ ସେବା କରିବାର ସୁଯୋଗ ଦିଅନ୍ତୁ । ଆମକୁ ଭୋଟ୍ ଦେଲେ ଆମେ ଏଇ ଏଇ କାମ କରିବୁ । ନୂଆପଡ଼ାର ଚେହେରା ବଦଳିଯିବ । ନିର୍ବାଚନ ସରିବା ପରେ ପରାଜିତ ଦଳମାନେ ଲୋକଙ୍କ ପାଇଁ କେତେ କାମ କରିବେ ଏବଂ ସେମାନଙ୍କ ଦୁଃଖ ସୁଖରେ କେତେ ଭାଗୀଦାର ହେବେ ଏକଥା କାହାରିକୁ ଅଛପା ନାହିଁ । ଯେଉଁ ଭୋଟରମାନେ ପରାଜିତ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିବେ ସେମାନଙ୍କ ଦୁଃଖ ବୁଝିବା ପାଇଁ ଏବଂ ସେମାନେ କେଉଁଠି ଅନ୍ୟାୟର ଶିକାର ହେଉଛନ୍ତି ଏ ବାବଦରେ ସେମାନଙ୍କ ନେତାମାନେ ସ୍ୱର ଉତ୍ତୋଳନ କରିବେ କି? ଜଣେ ପରାଜିତ ପ୍ରାର୍ଥୀ ହୁଅନ୍ତୁ କି ସିଏ ବିରୋଧୀ ଦଳର ନେତା ହୁଅନ୍ତୁ ସେମାନେ ଚାହିଁଲେ ବି ଅନେକ କିଛି କରିପାରିବେ । ସାଧାରଣ ଲୋକଙ୍କ ମୁଖପାତ୍ର ସେମାନେ ହୋଇପାରିବେ । ସାଧାରଣ ଲୋକମାନେ ଯେଉଁଠି ପ୍ରବେଶ କରିପାରିବେ ନାହିଁ ସେଠାରେ ଯେକୌଣସି ଦଳର ନେତା ସହଜରେ ଯାଇପାରନ୍ତି । ଯେଉଁ ଲୋକଙ୍କ ତରଫରୁ ସେମାନେ ସରକାରଙ୍କ ପାଖକୁ ଯାଇ ଲୋକଙ୍କର ଅଭାବ ଅସୁବିଧା ଉପସ୍ଥାପନ କରି ତ ପାରିବେ? କିନ୍ତୁ ଦେଖାଯାଏ ନିର୍ବାଚନରେ ହାରିଯିବା ପରେ ନେତାଙ୍କର ଆଉ ଦେଖାଦର୍ଶନ ମିଳେନାହିଁ । ଯେଉଁମାନେ ନିର୍ବାଚନ ପ୍ରଚାରରେ କହିଥାନ୍ତି– ଆମେ ସବୁବେଳେ ଆପଣଙ୍କ ସାଥୀରେ ଅଛୁ ସେମାନଙ୍କର ଦର୍ଶନ ପୁଣି ୫ବର୍ଷ ପରେ ମିଳେ । ପରାଜିତ ଦଳର ନେତାମାନେ ନିୟମିତ ବ୍ୟବଧାନରେ ସେମାନଙ୍କ ନିର୍ବାଚନ ମଣ୍ଡଳୀକୁ ଯାଆନ୍ତି କି? ପରାଜିତ ପ୍ରାର୍ଥୀଙ୍କ କଥା ଛାଡ଼ନ୍ତି ଶାସନ ଦଳର ନେତାମାନେ ମଧ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀକୁ ନିୟମିତ ଯାଇ ଲୋକଙ୍କ କଥା ବୁଝନ୍ତି କି? ନିର୍ବାଚନରେ ଜିତିଯିବା ପରେ ସେମାନେ ରାଜଧାନୀରେ ହିଁ ଆସ୍ଥାନ ଜମାଇ ନିଅନ୍ତି ।

ଆମ ରାଜ୍ୟରେ ଆନ୍ତଃ ରାଜ୍ୟ ସୀମା ବିବାଦ ଲାଗି ରହିଛି । ଆନ୍ଧ୍ର ଓଡ଼ିଶା ଭିତରକୁ ପଶି ଆସୁଛି । କୋଟିଆରେ ସବୁବେଳେ ସୀମାକୁ ନେଇ ବିବାଦ ଜାରି ରହିଛି । ଏ ଅଞ୍ଚଳର ଲୋକମାନେ ଆନ୍ଧ୍ର ସରକାରଙ୍କ ପାଖରୁ ସବୁପ୍ରକାର ସୁବିଧା ସୁଯୋଗ ପାଉଛନ୍ତି । ସେସବୁ ଅଞ୍ଚଳର ବିଧାୟକମାନେ ଯଦି ନିୟମିତ ସେମାନଙ୍କ ନିର୍ବାଚନ ମଣ୍ଡଳୀ ଗସ୍ତ କରୁଥାନ୍ତେ ତା'ହେଲେ ଏଭଳି ସମସ୍ୟା ବୋଧେ ଉପଜନ୍ତା ନାହିଁ । ତାଙ୍କ ନିର୍ବାଚନ ମଣ୍ଡଳୀର ପରିସୀମା କେତେ ତାହା ଯଦି ସେମାନଙ୍କୁ ଜଣାଥାନ୍ତା ତା'ହେଲେ ବୋଧେ ଆନ୍ଧ୍ରର ଅନୁପ୍ରବେଶ ସମ୍ଭବ ହୁଅନ୍ତା ନାହିଁ । ନେତାମାନେ ଯଦି ନିଜ ନିଜ ନିର୍ବାଚନ ମଣ୍ଡଳୀରେ ରହୁଥାନ୍ତେ ତା'ହେଲେ ସେଠାକାର ଅଧିକାରୀମାନେ ମଧ୍ୟ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଉଥାନ୍ତେ ମନ୍ତ୍ରୀ, ବିଧାୟକଙ୍କ ଭୟରେ ।

ଲୋକଙ୍କ ପାଇଁ ସେବା କରିବାର ମନୋବୃତ୍ତି ଏବଂ ଇଚ୍ଛାଶକ୍ତି ଯଦି ଥିବ ତା'ହେଲେ କ୍ଷମତା ଏକ ବାଧକ ହୋଇପାରିବନି କେବେବି । ଯେକୌଣସି ଦଳର ନେତା ଲୋକଙ୍କ ପାଇଁ କାମ କରିପାରିବେ ଏବଂ ସେମାନଙ୍କ ହାନିଲାଭକୁ ସରକାରଙ୍କ ପାଖରେ ପହଞ୍ଚାଇପାରିବେ ।

# ଇଚ୍ଛା ଥିଲେ ଉପାୟ ବଳେ ଆସିଥାଏ



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

**ତୁଷାରକାନ୍ତ**

ଉଇଲିୟମ ହାଜଲିଟ'ଙ୍କ ଦ୍ୱାରା ୧୮୨୨ ମସିହାରେ ଲିଖିତ ଇଂରାଜି ଭାଷାର ଢଗ (Idiom),'Where there's a will there's a way', ଯାହା କି ଏପର୍ଯ୍ୟନ୍ତ ଚଳି ଆସୁଛି, ତାହା ୧୬୪୦ ମସିହାରେ ଜର୍ଜ ହେରବର୍ଟ ଲେଖିଥିବା 'Jacula Prudentum'ରେ ଥିବା 'To him that will, ways are not wanting'ର ପରିବର୍ଦ୍ଧିତ ସଂସ୍କରଣ । ଏହା ଓଡ଼ିଆ ଭାଷାରେ ହେଉଛି, 'ଇଛା ଥିଲେ ଉପାୟ ବଳେ ଆସିଥାଏ' ଭଳି ନୀତିବାଣୀ ।

ଏହା ବାବଦର ଉଦାହରଣଟିଏ:– ସାମାଜିକ, ମାନବୀୟ ତଥା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପୃଥିବୀର ଉନ୍ନତ ଦେଶଗୁଡ଼ିକ ସହିତ ତୁଳନୀୟ ଆମଦେଶର 'କେରଳ ରାଜ୍ୟ', ତା୧.୧୧.୨୦୨୫ରିଖରେ ଏହାର ୬୯ତମ ପ୍ରତିଷ୍ଠା ଦିବସରେ ଆଉ ଗୋଟିଏ ଐତିହାସିକ ସଫଳତା ଲାଭ କରିଛି, ଯାହା ହେଉଛି 'ଅତ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ ଯୋଜନା– Extreme Poverty Eradication Programme (EPEP)' ଜରିଆରେ ଅତ୍ୟନ୍ତ ଗରିବିପଣିଆର ବିଲୋପ ।

ତା୧.୧୧.୧୯୫୬ ରିଖରେ ଗଠିତ 'କେରଳ'ର ସୃଷ୍ଟି ଆରମ୍ଭରୁ ଏପର୍ଯ୍ୟନ୍ତ ସବୁ ସରକାର ଏ ଦିଗରେ ଅଳ୍ପେ ବହୁତେ ଅବଦାନ ରଖିଛନ୍ତି । କେରଳର ରାଜନୈତିକ ଇତିହାସରେ ୨୦୨୧ ମସିହାରୁ ଏପର୍ଯ୍ୟନ୍ତ ଚାଲି ଆସିଥିବା ବାମ ଗଣତାନ୍ତ୍ରିକ ମେଣ୍ଟ– Left Democratic Front(LDF) ସରକାର, ପ୍ରଥମଥର ପାଇଁ କ୍ରମାଗତଭାବେ ୨ ଥରର ସରକାର ।

ଏହି ସରକାରଙ୍କର ତା୨୧.୫.୨୦୨୧ରିଖର ପ୍ରଥମ ମନ୍ତ୍ରିସ୍ତରୀୟ ବୈଠକରେ 'ଅତ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ ଯୋଜନା– Extreme Poverty Eradication Programme (EPEP)ର ମୂଳଦୁଆ ପଡିଥିଲା । ୧୯୭୩-୭୪ ମସିହାରେ ରାଜ୍ୟରେ ଦାରିଦ୍ର୍ୟତାର ହାର ଥିଲା ୫୯.୮% ଯାହା ୨୦୧୧-୧୨ ମସିହାରେ ୧୧.୩୦%କୁ ଖସି ଆସିଥିଲା ତଥା ଏବେ 'ଅତ୍ୟନ୍ତ ଦରିଦ୍ର' ଆଉ ନାହାନ୍ତି ।

ଭାରତ ସରକାରଙ୍କ 'National Institution for Transforming India Ayoga- Niti Ayoga- ନୀତି ଆୟୋଗ' ତରଫରୁ ୨୦୨୩ ମସିହାର ମୁଣ୍ଡଗଣତି (Head Count) ପଦ୍ଧତିରେ 'ଜାତୀୟ ବହୁପରିମାପକ ସୂଚକାଙ୍କ–National Multidimensional index' ଆକଳନରୁ (Survey)ରେ ଜଣାପଡିଥିଲା ଯେ କେରଳରେ ମାତ୍ର ୦.୫୫% ଲୋକେ ଅତିଦରିଦ୍ର (Impoverished) ଥିଲେ, ଯାହା ଦେଶର ହାରାହାରି ୧୪.୯୭% ତୁଳନାରେ ଯଥେଷ୍ଟ କମ' ।

'ଲୋକେ ନିଜଆଡୁ ନିଜକୁ ଅତି ଦରିଦ୍ର' ଘୋଷଣା କରିବା ପରିବର୍ତ୍ତେ, କେରଳ ପ୍ରଦେଶର LDF ସରକାରଙ୍କ ତରଫରୁ, ଅତି ଉନ୍ନତ ମ୍ୟୁନିସିପାଲିଟି, ଗ୍ରାମ ପଞ୍ଚାୟତ ଇତ୍ୟାଦି Local body Institutions କୁଡୁମ୍ବଶ୍ରୀ ଯୋଜନା ସହାୟତାରେ ପାଖାପାଖି ୦୪ ଲକ୍ଷ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଅତି ଦରିଦ୍ର ବର୍ଗର ଲୋକଙ୍କ ଚିହ୍ନଟର ଦାୟିତ୍ୱ ନେଇଥିଲେ । ବିଭିନ୍ନ ପର୍ଯ୍ୟାୟର ତନଖିପରେ, ୬୪,୦୦୬ ପରିବାରର ୧,୦୩,୦୯୯ ଜଣ ବ୍ୟକ୍ତିଙ୍କୁ 'ଅତି ଦରିଦ୍ର' ରୂପେ ଘୋଷିତ କରାଯାଇଥିଲା । ଏମାନଙ୍କର ଚାହିଦା ତଥା ଅବସ୍ଥା ଆଧାରରେ ଏମାନଙ୍କୁ ଏଭଳି ଅବସ୍ଥାରୁ ଉନ୍ନତସ୍ତରକୁ ନେବାପାଇଁ, ପରିବାରସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଥିଲାଛ ପ୍ରତ୍ୟେକ ପରିବାରକୁ 'ବାସଗୃହ, ଜୀବିକା, ନିୟମିତ ଔଷଧ ଯୋଗାଣ, ରନ୍ଧାଖାଦ୍ୟ, ସୁସୃଷା (Palliative Care), ଆବଶ୍ୟକତା ଅନୁସାରେ ଅଙ୍ଗ ଯୋଗାଣ' ଇତ୍ୟାଦି ଉପଲବ୍ଧ କରାଯିବାର ବ୍ୟବସ୍ଥା କରାଯାଇ, ରାଜ୍ୟରୁ 'ଅତି ଦରିଦ୍ର ପଣିଆଙ୍କୁ'କୁ ହଟେଇ ଦିଆଯାଇଛି ।

ଏହା ଏକ ଚିରନ୍ତନ ପ୍ରକ୍ରିୟା ହୋଇଥିବାରୁ, ଏମାନଙ୍କ ଭିତରୁ ବା ଅନ୍ୟକେହି (ବିଶେଷକରି ଆଦିବାସୀ ସମ୍ପ୍ରଦାୟର) ଯେପରି ପୁଣି ସେଭଳି ଅବସ୍ଥାକୁ ଖସି ନଯାଆନ୍ତି, ସେଥିପାଇଁ 'EPEP -୨ ଯୋଜନାରେ ବ୍ୟବସ୍ଥା କରାଯାଇଛି ।

ଆମଦେଶର 'ନୀତି ଆୟୋଗ'ଙ୍କ ତରଫରୁ ୨୦୨୩-୨୪ ଆର୍ଥିକ ବର୍ଷପାଇଁ ଘୋଷିତ 'ନିରନ୍ତର ଅଭିବୃଦ୍ଧି ସୂଚକାଙ୍କ– Sustainable Development Growth'ରେ, ୧୦୦ ନମ୍ବରରୁ ୭୯ ନମ୍ବର ପାଇ କେରଳ ଓ ଉତ୍ତରାଖଣ୍ଡ ଏକନମ୍ବର ସ୍ଥାନରେ ଅଛନ୍ତି । ଏହାପରେ ଯଥାକ୍ରମେ (୨ ନମ୍ବରରେ) ତାମିଲନାଡୁ(୭୮),(୩ ନମ୍ବରରେ)ଗୋଆ(୭୭) ଓ ହିମାଚଳ ପ୍ରଦେଶ(୭୭),(୪ ନମ୍ବରରେ) ପଞ୍ଜାବ, ସିକିମ ଓ କର୍ଣ୍ଣାଟକ(୩-ପ୍ରତ୍ୟେକ – ୭୫),(୫ ନମ୍ବରରେ) ଗୁଜରାଟ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା(୩-ପ୍ରତ୍ୟେକ-୭୪),(୬ ନମ୍ବରରେ) ମହାରାଷ୍ଟ୍ର(୭୩), (୭ ନମ୍ବରରେ) ମିଜୋରାମ, ହରିୟଣା ଓ ମଣିପୁର (୩-ପ୍ରତ୍ୟେକ-୭୨, (୮ ନମ୍ବରରେ) ତ୍ରିପୁରା -୭୧, (୯ ନମ୍ବରରୁରେ) ପଶ୍ଚିମବଙ୍ଗର-୭୦, (୧୦ ନମ୍ବରରେର) ରାଜସ୍ଥାନ, ମଧ୍ୟ ପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ-(୪- ପ୍ରତ୍ୟେକ-୬୭, (୧୧ନମ୍ବରରେ) ଓଡ଼ିଶା -୬୬, (୧୧ ନମ୍ବରରେ) ଆସାମ ଓ ଅରୁଣାଚଳ ପ୍ରଦେଶ (୨- ପ୍ରତ୍ୟେକ-୬୫,) (୧୨ ନମ୍ବରରେ) ମେଘାଳୟ ଓ ନାଗାଲ୍ୟାଣ୍ଡ (୨- ପ୍ରତ୍ୟେକ-୬୩), (୧୩ ନମ୍ବରରେ) ଝାଡଖଣ୍ଡ -୬୨ ଓ (୧୪ନମ୍ବରରେ) ବିହାର -୫୭ ପାଇଛନ୍ତି ।

ଏହି ଆକଳନର ୧୬ଟି ମାନଦଣ୍ଡରୁ, ୩ ଟି ମାନଦଣ୍ଡରେ କୌଣସି ନମ୍ବର ଦିଆଯାଇନାହିଁ,ଯଥା,(୧)-Parameter-10-Reduced Inequalities, (2)11-Sustainable cities and communities (3)16-Peace, Justice Strong Institutions .

ଅନ୍ୟାନ୍ୟ ୧୩ଟି ମାନଦଣ୍ଡ ଭିତରୁ 'କେରଳ'

(କ)ପ୍ରଥମସ୍ଥାନରେ ୦୩ଟି ମାନଦଣ୍ଡଗୁଡିକରେ ରହିଛି, ଯେଉଁଗୁଡିକ ହେଉଛି (୧)ନିତୀ ଆୟୋଗଙ୍କ ମାନଦଣ୍ଡ ସୂଚୀର କ୍ରମିକ ସଂଖ୍ୟା -୧ର 'ଦାରିଦ୍ର୍ୟତା ନାହିଁ' (No Poverty)(୨)କ୍ରମିକ ସଂଖ୍ୟା -୦୨ର 'କ୍ଷୁଧା ନାହିଁ (No Hunger') (୩)ସୂଚୀର କ୍ରମିକ ସଂଖ୍ୟା ୦୪ରେଥିବା 'ଉନ୍ନତ ଓ ଗୁଣାତ୍ମକ ଶିକ୍ଷାଦାନ' (Quality Education) (ସମୁଦାୟ ୦୩ଟି ମାନଦଣ୍ଡଗୁଡିକରେ 'ପ୍ରଥମ ସ୍ଥାନ'– 1st Rank in 3 parameters), (ଖ) ସୂଚୀର କ୍ରମିକ ସଂଖ୍ୟା ୧୩ର 'ଜଳବାୟୁର ସୁରକ୍ଷା' (Climate Action)ରେ ଦ୍ୱିତୀୟ ସ୍ଥାନ, (2nd Rank), (ଗ) (୧)ସୂଚୀର କ୍ରମିକ ସଂଖ୍ୟା ୦୫ର୍‌ଲିଙ୍ଗଗତ ସମତା' (Gender equality) (୨)ସୂଚୀର କ୍ରମିକ ସଂଖ୍ୟା ୦୯ରେଥିବା 'ଶିଳ୍ପ, ଆବିଷ୍କାର, ଭିତ୍ତିଭୂମି (Industry/Innovation /Infrastructure parameters)ରେ ତୃତୀୟ ସ୍ଥାନ, (ସମୁଦାୟ ୦୨ଟି ମାନଦଣ୍ଡରେ ତୃତୀୟ ସ୍ଥାନ–3rd Rank in 2 parameters), (ଘ)ସୂଚୀର କ୍ରମିକ ସଂଖ୍ୟା ୩ରେ ଥିବା 'ସୁନ୍ଦର ସ୍ୱାସ୍ଥ୍ୟ ଓ ମଙ୍ଗଳ' (Good Health Well Being)ରେ ଚତୁର୍ଥ ସ୍ଥାନ, (4th Rank), (ଙ) (୧)ସୂଚୀର କ୍ରମିକ ସଂଖ୍ୟା ୧୪ରେ ଥିବା 'ଜଳ ତଳେ ଜୀବନ' (୨) ଜମି ଉପରେ ଜୀବନ (Life Below Water Life on Land)ରେ ପଞ୍ଚମ ସ୍ଥାନ, (ସମୁଦାୟ ୦୨ଟି ମାନଦଣ୍ଡରେ ପଞ୍ଚମ ସ୍ଥାନ–5th Rank), (ଚ)ସୂଚୀର କ୍ରମିକ ସଂଖ୍ୟା ୦୮ରେ ଥିବା ଅର୍ଥନୈତିକ ପ୍ରଗତି (Economic Growth)ରେ ଅଷ୍ଟମ ସ୍ଥାନ, (8th Rank), (ଛ) ସୂଚୀର କ୍ରମିକ ସଂଖ୍ୟା ୬ରେ ଥିବା 'ସ୍ୱଚ୍ଛ ଜଳ ଓ ସ୍ୱଚ୍ଛତା' (Clean Water Sanitation)ରେ ଏକାଦଶତମ ସ୍ଥାନ, (11th Rank), (ଜ) ସୂଚୀର କ୍ରମିକ ସଂଖ୍ୟା ୧୨ରେ ଥିବା 'ଦାୟିତବୋଧକ ଖାଦ୍ୟ ଗ୍ରହଣ ଓ ଉତ୍ପାଦନ (Responsible Consumption Production)ରେ ସତେଇଶତମ ସ୍ଥାନ । (27th Rank), (ଜ)ସୂଚୀର କ୍ରମିକ ସଂଖ୍ୟା ୦୭ ରେ ଥିବା 'ସୁଲଭ ସ୍ୱଚ୍ଛ ବିଜୁଳି (Affordable Clean Energy) କ୍ଷେତ୍ରରେ କେରଳ ଶତକଡା ଶହେ (୧୦୦%) ସଫଳତା ହାସଲ କରିଛି ।

ଏହା ହିଁ ପ୍ରକୃତ 'କେରଳ ଗପ– KERALA STORY', ଯାହା ତୃଣମୂଳସ୍ତରରେ 'ବିକଳ୍ପ ପ୍ରଗତିର ନିଦର୍ଶନ, ଦୃଷ୍ଟାନ୍ତ' ତଥା 'ଇଛା ଥିଲେ ଉପାୟ ବଳେ ଆସେ'ର ପ୍ରକୃଷ୍ଟ ଉଦାହରଣ ।

ଏହି 'ଇଛା ଥିଲେ ଉପାୟ ବଳେ ଆସେ'ର ସଫଳ ରୂପାୟନରେ ସମସ୍ୟା:– ଇଚ୍ଛାଥିଲେ ଉପାୟ ବଳେ ଆସେ' (Where there's a will there's a way) ଭଳି ନୀତିବାଣୀଟି ସାଙ୍ଗକୁ, 'ଇଛାଗୁଡିକ ହୋଇଥିଲେ ଭିକ୍ଷୁକ ବି ଘୋଡ଼ା ଚଢ଼ି ବୁଲୁଥାଆନ୍ତେ'– If wishes were horses beggars could ride'ର ମୂଳ ଲେଖାଟି ୧୬୦୫ ମସିହାରେ ଉଇଲିୟମ କାମଡେନ 'If wishes were thrushes, beggars would eat grass' ଆକାରର ଲେଖିଥିଲେଛ୧୬୧୭ ମସିହାରେ ଜନ୍‌ରେ ଏହାକୁ 'If wishes were vide, beggars would ride'କୁ ରୂପାନ୍ତରିତ କରିଥିଲେ । ପୁନଶ୍ଚ,୧୬୨୮ ମସିହାରେ ଏହା, ଜେମସ୍ କଲଡେନଙ୍କ:କର୍ତ୍ତୃକ 'And wishes were horses, pure (poor) men would ride'କୁ ରୂପାନ୍ତରିତ ହୋଇ, ୧୭୨୧ ମସିହାରେ ଜେମସ୍ କେଲିଙ୍କ ଦ୍ୱାରା 'If wishes were horses, beggars could ride'କୁ ରୂପାନ୍ତରିତ ହୋଇ ଏପର୍ଯ୍ୟନ୍ତ ଚାଲିଛି ।

କେହି କେହି 'ଇଛା ଥିଲେ ଉପାୟ ବଳେ ଆସେ'କହିଲା ବେଳକୁ, କେହି କେହି ଇଛାଗୁଡିକ ଘୋଡ଼ା ହୋଇଥିଲେ ଭିକାରୀ ବି ଘୋଡ଼ା ଚଢ଼ି ବୁଲୁଥାଆନ୍ତେ କହିବାରେଥିବା ଲକ୍ଷ ଲକ୍ଷ କୋଟି ବିରୋଧାଭାସ ଭିତରୁ, ଗୋଟିଏ ବିରୋଧାଭାସର ବର୍ଣ୍ଣନା ହେଉଛି:– '୨୦୧୪ ମସିହାର ଲୋକସଭା ନିର୍ବାଚନ ପ୍ରଚାରକାଳରେ ବିଜେପି ତରଫରୁ ଘୋଷିତ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ତଥା ବର୍ତ୍ତମାନର ଆମ ଯଶସ୍ୱୀ ବିଶ୍ୱଗୁରୁ ପ୍ରଧାନମନ୍ତ୍ରୀ କହିଥିବା 'ଆମ ଦେଶର ଯେତିକି କଳାଟଙ୍କା ବିଦେଶରେ ଗଚ୍ଛିତ ଅଛି, ତାକୁ ଆଣିଲେ ପ୍ରତ୍ୟେକ ଭାରତୀୟଙ୍କୁ ୧୫ ଲକ୍ଷ ଲେଖାଏଁ ଟଙ୍କା ଦେଇହେବ'କୁ, ୨୦୧୫ 'ମସିହାରେ ତତ୍କାଳୀନ ବିଜେପି ସଭାପତି ତଥା ବର୍ତ୍ତମାନର ଯଶସ୍ୱୀ ଗୃହମନ୍ତ୍ରୀ କମ୍ ଚାଣକ୍ୟପଣ୍ଡିତ ଅମିତ ଶାହାଜୀ 'ଏହା ଏକ ନିର୍ବାଚନୀକାଳୀନ ଜୁମଲାଥିଲା, ଯାହା ସମସ୍ତେ ଜାଣନ୍ତି ବୋଲି କହିବା ।

ତେଣୁ ଏହି ଦୁଇଟି ଉଦାହରଣରୁ 'ସ୍ଥାନ, କାଳ ଓ ପାତ୍ରମାନଙ୍କୁ ନେଇ, କେତେବେଳେ କେଉଁଟି ଗ୍ରହଣୀୟ, ତାହା ପାଠକମାନଙ୍କ ବିଚାର ଉପରେ ନିର୍ଭରଶୀଳ ।


***ମୋ. ୮୮୯୫୮୫୭୩୧୮***


# ୧୨ଟି ରାଜ୍ୟରେ ଏସଆଇଆର

**■ ସୌଭାଗ୍ୟ ରଂଜନ ମହାନ୍ତି ■**

ଦେଶର ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଗତ ସୋମବାରଠାରୁ ଭୋଟର ତାଲିକା ଯାଞ୍ଚ ପାଇଁ ଆରମ୍ଭ ହୋଇଥିବା ସ୍ପେସିଆଲ ଇଟେଂନସିଭି ରିଭିଜନ(ଏସଆଇଆର) ଏବେ ବିହାର ପରି ବିରୋଧି ଦଳ ଶାସିତ ରାଜ୍ୟଗୁଡିକରେ ବିରୋଧର ସମ୍ମୁଖୀନ ହୋଇଛି । ବିରୋଧ ତଥା ଅଣ-ବିଜେପି ଶାସିତ ରାଜ୍ୟ କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ସରକାର ଏହାକୁ ବିରୋଧ କରିଛନ୍ତି। ଆସନ୍ତା ବର୍ଷ ପଶ୍ଚିମବଙ୍ଗ, ତାମିଲନାଡୁ କେରଳ ଓ କେନ୍ଦ୍ରଶାସିତ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏସଆଇଆର ବିରୋଧର ସମ୍ମୁଖୀନ ହେବା ସ୍ୱାଭାବିକ। ଏହି ୩ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳରେ ପ୍ରାୟ ୫ଲକ୍ଷ ୩୩ହଜାର ବୁଥସ୍ତରୀୟ ଅଫିସର (ବିଏଲଓ) ଘରକୁ ଘର ବୁଲି ଗଣନା ଫର୍ମ ପୁରଣ କରିବେ। ଡିସେମ୍ବର ୪ତାରିଖ ସୁଦ୍ଧା ଫର୍ମଗୁଡିକ ଦାଖଲ ହେବା ପରେ ଡିସେମ୍ବର ୯ ତାରିଖ ଦିନ ପ୍ରଥମ ଭୋଟର ଚିଠା ତାଲିକା ପ୍ରକାଶିତ ହେବା କାର୍ଯ୍ୟକ୍ରମ ରହିଛ । ଏହା ନିସନ୍ଦେହ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ବିହାର ଏସଆଇଆର ଅଭିଜ୍ଞତାଠାରୁ ନିର୍ବାଚନ କମିଶନ କିଛି ଶିକ୍ଷା କରିଥିବା ମନେହୁଏ । ଏହି ପର୍ଯ୍ୟାୟ ଏସଆଇଆରରେ ଦେଶର ମୋଟ ଭୋଟଦାତାଙ୍କର ପ୍ରାୟ ଅର୍ଦ୍ଧେକ ଯାଞ୍ଚ ପରିସରଭୁକ୍ତ ହେବା ଅନୁମାନ କରାଯାଉଥିବାବେଳେ ପ୍ରକ୍ରୀୟାରେ ଅଧିକ କିଛି ତଥ୍ୟ ସାମିଲ ହୋଇଛ । ଏହା ନିଶ୍ଚିତ ଯେ, ତିନୋଟି ଦୃଷ୍ଟିକୋଣରୁ ଏହି ଏସଆଇଆର ଭିନ୍ନ ହେବ। ଉଦାହରଣ ସ୍ୱରୂପ ଗଣନା ଫର୍ମ ସଂଶୋଧନ କରାଯାଇ ପୁନଃ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ଦୁଇଟି ନୂଆ ସ୍ତମ୍ଭ (କଲମ) ଯୋଡାଯାଇଛି । ଯେଉଁଥିରେ ଭୋଟ ଦାତାଙ୍କର ଗତ ସଂଶୋଧିତ ଭୋଟର ତାଲିକାରେ ଥିବା ଅଭିଭାବକ କିମ୍ବା ସମ୍ପର୍କୀୟଙ୍କ ସହ ସମ୍ପର୍କ ଉଲ୍ଲେଖ ହୋଇଛି। କିନ୍ତୁ ବିହାର ଏସଆଇଆରରେ ଆରମ୍ଭରେ ଏହି ସ୍ତମ୍ଭ ନଥିଲା । ସେହିପରି ୨୦୦୩ ସଂଶୋଧିତ ଭୋଟର ତାଲିକାରେ ପଂଜିକୃତ ହୋଇନଥିବା ଭୋଟରମାନଙ୍କୁ ସେମାନଙ୍କର ଯୋଗ୍ୟତା ପ୍ରମାଣିକ କରିବା ଲାଗି ୧୧ଟି ସ୍ଥିରିକୃତ ଡକ୍ୟୁମେଣ୍ଟ ବା ପ୍ରମାଣ ପତ୍ର ମଧ୍ୟରୁ ଗୋଟିଏ ଦାଖଲ କରିବା ବାଧ୍ୟତାମୂଳକ ଥିଲା ।୨୦୦୩ ଭୋଟର ତାଲିକା ସହ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମ୍ପର୍କ ନେଇ ଡକ୍ୟୁମେଣ୍ଟ ସଂଗ୍ରହ କରିବା ଫିଲଡ୍ ଅଫିସରମାନଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥିଲା। ଚଳିତ ଏସଆଇଆରରେ ନିର୍ବାଚନ କମିଶନ କେତେକ ସଂଶୋଧନ ଆଣିଛନ୍ତି, ଯାହାକି ପ୍ରକ୍ରିୟାକୁ ସରଳୀକୃତ କରିବା ନେଇ ଆଶା କରାଯାଏ । ସେହିପରି ଚଳିତ ଏସଆଇଆରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କମିଶନ ଦ୍ୱାଦଶତମ ଡକ୍ୟୁମେଣ୍ଟ ଭାବେ 'ଆଧାର'କୁ ଗ୍ରହଣ କରିଛନ୍ତି । ଏହା ସତ୍ୟ ଯେ, ଆଧାର ଯାହାକି ଦେଶବ୍ୟାପୀ ଗ୍ରହଣଯୋଗ୍ୟ ଏବଂ ଉପଲବ୍ଧ । ପ୍ରବାସୀ ଶ୍ରମିକଙ୍କ ପାଇଁ ଗତ ସଂଶୋଧିତ ଭୋଟର ତାଲିକା ସହ ସଂଯୋଗକୁ ସହଜ କରିପାରିବ ବୋଲି କୁହାଯାଇପାରେ । ଏହା ସତ୍ୟ ଯେ, ଏସଆଇଆର ନିର୍ବାଚନ କମିଶନଙ୍କ ପାଇଁ ଏକ ପରୀକ୍ଷା ନୁହେଁ । ରାଜନୈତିକ ଦଳମାନଙ୍କ ପାଇଁ ଏଥିଲାଗି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ବିହାରରେ ଏସଆଇଆର ନେଇ ଉଭୟ ଶାସକ ଓ ବିରୋଧୀ ଦଳର ମତ ଭିନ୍ନ ଥିଲା । ଅନୁପ୍ରବେଶକାରିଙ୍କୁ ଭୋଟର ତାଲିକାରୁ ବାଦ୍ ଦେବାକୁ ଏନଡିଏ ସମର୍ଥନ କରିଥିବାବେଳେ କେତେକ ବଛାବଛା ଭୋଟଦାତା ନାଗରିକତ୍ୱ ଅଧିକାର ବା ଭୋଟଦାନର ଅଧିକାରରୁ ବଞ୍ଚିତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ଏସଆଇଆର କରାଯାଉଥିବା ବିରୋଧୀ ଦଳ ଅଭିଯୋଗ କରିଥିଲା । ଏଭଳି ଆଭିମୁଖ୍ୟକୁ ରାଜନୈତିକ ଦଳଗୁଡିକ ପରିହାର କରିବା ଆବଶ୍ୟକ। ଜଣେ ଯୋଗ୍ୟ ଭୋଟଦାତା ଯେପରି ମତଦାନ ଅଧିକାରରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଯୋଗ୍ୟ ଭୋଟଦାତାମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ରାଜନୈତିକ ଦଳଗୁଡିକ ବୁଥ ସ୍ତରୀୟ ଏଜେଂଟମାନଙ୍କୁ ତାଲିମ ଦେବା ଜରୁରୀ। ଏସଆଇଆର ଫର୍ମରେ କମିଶନ ଦୁଇଟି ନୂଆ କଲମ ଯୋଡିବା ନିଶ୍ଚିତ ସ୍ୱାଗତ ଯୋଗ୍ୟ। କିନ୍ତୁ ଚଳିତ ଏସଆଇଆରକୁ ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ ସରକାର ବିରୋଧି କରିବା ସହ ଅତ୍ୟନ୍ତ ତରବରିଆ ବୋଲି ଦର୍ଶାଇଛନ୍ତି । ଏବେ ଦକ୍ଷୀଣ ଭାରତୀୟ ଅଞ୍ଚଳ ତଥା ତାମିଲନାଡୁ, କେରଳ ଓ ପୁଡୁଚେରୀରେ ଉତ୍ତର-ପୂର୍ବ ମୌସୁମୀ ସକ୍ରୀୟ ଥିବାରୁ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିବା ଆଶଙ୍କା ପ୍ରକାଶ କରିବା ।


***ମୋ. ୭୯୭୮୬୬୬୪୦୩***


# ନଭେମ୍ବର ବିପ୍ଳବ: ସୀମା ବାହାରେ ଏକ ବିପ୍ଳବ

**■ ଅସିତ ମହାନ୍ତି**

ରୁଷରେ ନଭେମ୍ବର ବିପ୍ଳବ ବିଶ୍ୱ ରାଜନୀତିରେ ଏକ ଭୂକମ୍ପୀୟ ପରିବର୍ତ୍ତନ ଆଣିଥିଲା, ଯାହା ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନର ବୈଚାରିକ ଏବଂ ବ୍ୟବହାରିକ ମୂଳଦୁଆ ପାଲଟିଥିଲା । ୧୯୧୭ ମସିହାର ନଭେମ୍ବର ବିପ୍ଳବ, ଯାହାକୁ ବୋଲସେଭିକ୍ ବିପ୍ଳବ ମଧ୍ୟ କୁହାଯାଏ, କେବଳ ଏକ ଜାତୀୟ ଉତ୍ଥାନ ନଥିଲା– ଏହା ଏକ ପରିବର୍ତ୍ତନକାରୀ ମୁହୂର୍ତ୍ତ ଥିଲା ଯାହା ବିଶ୍ୱ ରାଜନୈତିକ ଚିନ୍ତାଧାରା ଏବଂ କାର୍ଯ୍ୟର ପଥକୁ ପୁନଃପରିଭାଷିତ କରିଥିଲା । ପ୍ରଥମ ବିଶ୍ୱଯୁଦ୍ଧର ମଧ୍ୟଭାଗରେ ଘଟିଥିବା ଏହି ବିପ୍ଳବରେ ଅସ୍ଥାୟୀ ସରକାରର ପତନ ଏବଂ ବିଶ୍ୱର ପ୍ରଥମ ସମାଜବାଦୀ ରାଷ୍ଟ୍ର ପ୍ରତିଷ୍ଠା କରିଥିବା ଭ୍ଲାଦିମିର ଲେନିନଙ୍କ ନେତୃତ୍ୱରେ ବୋଲସେଭିକ୍ ମାନଙ୍କର ଉତ୍ଥାନ ଦେଖାଯାଇଥିଲା । ଅନ୍ତର୍ଜାତୀୟ କମ୍ୟୁନିଷ୍ଟ ଆନ୍ଦୋଳନ ପାଇଁ ଏହାର ଗୁରୁତ୍ୱ କେବଳ ଏହାର ତୁରନ୍ତ ଫଳାଫଳରେ ନୁହେଁ ବରଂ ଏହା ମହାଦେଶ ଏବଂ ପିଢ଼ି ମଧ୍ୟରେ ଗଢ଼ି ଉଠିଥିବା ସ୍ଥାୟୀ ଐତିହ୍ୟରେ ରହିଛି ।

ଏହାର ମୂଳରେ, ବିପ୍ଳବ ରାଜତନ୍ତ୍ର, ପୁଞ୍ଜିବାଦ ଏବଂ ସାମ୍ରାଜ୍ୟବାଦର ପ୍ରଚଳିତ ବ୍ୟବସ୍ଥାରୁ ଏକ ମୌଳିକ ପ୍ରସ୍ଥାନ ଥିଲା । ଇତିହାସରେ ପ୍ରଥମ ଥର ପାଇଁ, ଏକ ସରକାର ଗଠନ କରାଯାଇଥିଲା ଯାହା ଅଭିଜାତ କିମ୍ବା ବୁର୍ଜିଓ ଶ୍ରେଣୀ ବଦଳରେ ଶ୍ରମିକ ବର୍ଗ ଏବଂ କୃଷକଙ୍କ ପ୍ରତିନିଧିତ୍ୱ କରିବାକୁ ଦାବି କରିଥିଲା । ଏହା ଏକ ଗଭୀର ବୈଚାରିକ ବିଚ୍ଛେଦ ଥିଲା । ମାର୍କ୍ସବାଦୀ ନୀତି ଦ୍ୱାରା ପରିଚାଳିତ ବୋଲସେଭିକ୍ମାନେ ଏପରି ଏକ ସମାଜର କଳ୍ପନା କରିଥିଲେ ଯେଉଁଠାରେ ଉତ୍ପାଦନର ସାଧନ ସାମୂହିକ ଭାବରେ ମାଲିକାନା ହେବ ଏବଂ ଶ୍ରେଣୀ ପ୍ରଭେଦ ଦୂର ହୋଇଯିବ । ରୁଷରେ ଏହି ଦୃଷ୍ଟିକୋଣର ସଫଳତା ବିଶ୍ୱବ୍ୟାପୀ ବାମପନ୍ଥୀ ଆନ୍ଦୋଳନଗୁଡ଼ିକୁ ଉତ୍ସାହିତ କରିଥିଲା, ଯାହା ବିପ୍ଳବୀ ପରିବର୍ତ୍ତନର ଏକ ବାସ୍ତବ ମଡେଲ ପ୍ରଦାନ କରିଥିଲା । ୧୯୧୯ ମସିହାରେ କମ୍ୟୁନିଷ୍ଟ ଇଣ୍ଟରନ୍ୟାସନାଲ୍ (କମିଣ୍ଟର୍ଣ୍ଣ) ପ୍ରତିଷ୍ଠା ଦ୍ୱାରା ବିପ୍ଳବର ବିଶ୍ୱବ୍ୟାପୀ ପ୍ରତିଧ୍ୱନିତ ହୋଇଥିଲା । ଏହି ସଂଗଠନ ବିଶ୍ୱବ୍ୟାପୀ କମ୍ୟୁନିଷ୍ଟ ଦଳଗୁଡ଼ିକୁ ଏକ ସାଧାରଣ ରଣନୀତି ଏବଂ ଆଦର୍ଶ ଢାଞ୍ଚା ଅଧୀନରେ ଏକତ୍ରିତ କରିବା ପାଇଁ ଲକ୍ଷ୍ୟ ରଖିଥିଲା । ବିପ୍ଳବରୁ ଜନ୍ମିତ ସୋଭିଏ୍ ୟୁନିଅନ୍ ଏହି ଆନ୍ଦୋଳନର କେନ୍ଦ୍ରସ୍ଥଳ ହୋଇ ଏସିଆ, ଆଫ୍ରିକା, ୟୁରୋପ ଏବଂ ଲାଟିନ୍ ଆମେରିକାର କମ୍ୟୁନିଷ୍ଟ ଦଳଗୁଡ଼ିକୁ ଭୌତିକ, ଆଦର୍ଶଗତ ଏବଂ ରଣନୈତିକ ସମର୍ଥନ ପ୍ରଦାନ କରିଥିଲା । କମିଣ୍ଟର୍ଣ୍ଣର ପ୍ରଭାବ ଉପନିବେଶ ବିରୋଧୀ ସଂଘର୍ଷ, ଶ୍ରମିକ ଆନ୍ଦୋଳନ ଏବଂ ବୌଦ୍ଧିକ ମଣ୍ଡଳ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା, ଯାହା ନଭେମ୍ବର ବିପ୍ଳବକୁ ପୁଞ୍ଜିବାଦୀ ଏବଂ ସାମ୍ରାଜ୍ୟବାଦୀ ପ୍ରଭୁତ୍ୱ ବିରୁଦ୍ଧରେ ବିଶ୍ୱ ପ୍ରତିରୋଧ ପାଇଁ ଏକ ଉତ୍ପ୍ରେରକ କରିଥିଲା । ଏସିଆରେ, ବିପ୍ଳବ ଚୀନ୍, ଭାରତ, ଭିଏତନାମ ଏବଂ କୋରିଆରେ ଆନ୍ଦୋଳନଗୁଡ଼ିକୁ ପ୍ରେରଣା ଦେଇଥିଲା । ମାଓ ସେତୋଙ୍ଗଙ୍କ ଚୀନ୍ କମ୍ୟୁନିଷ୍ଟ ପାର୍ଟି ଲେନିନବାଦୀ ସାଂଗଠନିକ ନୀତି ଏବଂ ବିପ୍ଳବୀ ରଣନୀତିରୁ ବହୁଳ ଭାବରେ ଆକର୍ଷିତ ହୋଇଥିଲା । କୃଷକ ଆନ୍ଦୋଳନ ଏବଂ ସାମ୍ରାଜ୍ୟବାଦ ବିରୋଧୀ ବିପ୍ଳବର ଗୁରୁତ୍ୱ ଉପନିବେଶିତ ସମାଜଗୁଡ଼ିକରେ ଗଭୀର ଭାବରେ ପ୍ରତିଧ୍ୱନିତ ହୋଇଥିଲା, ଯେଉଁଠାରେ ବିଦେଶୀ ଶାସନ ଏବଂ ଅର୍ଥନୈତିକ ଶୋଷଣରୁ ମୁକ୍ତିର ପ୍ରତିଶ୍ରୁତି ଉର୍ବର ଭୂମି ପାଇଥିଲା । ୟୁରୋପରେ ମଧ୍ୟ ବିପ୍ଳବ ପରେ କମ୍ୟୁନିଷ୍ଟ କାର୍ଯ୍ୟକଳାପରେ ବୃଦ୍ଧି ଦେଖାଯାଇଥିଲା । ଜର୍ମାନୀ, ହଙ୍ଗେରୀ ଏବଂ ଇଟାଲୀରେ, ଶ୍ରମିକ ପରିଷଦ ଏବଂ କମ୍ୟୁନିଷ୍ଟ ଦଳଗୁଡ଼ିକ ଉଭା ହୋଇଥିଲେ, ପ୍ରାୟତଃ ଦୃଢ଼ ପୁଞ୍ଜିବାଦୀ ଶାସନ ସହିତ ସଂଘର୍ଷ କରୁଥିଲେ । ଯଦିଓ ଏହି ବିଦ୍ରୋହଗୁଡ଼ିକ ମଧ୍ୟରୁ ଅନେକକୁ ଦମନ କରାଯାଇଥିଲା, ତଥାପି ବୈଚାରିକ ଗତି ବଜାୟ ରହିଥିଲା । ସୋଭିଏତ୍ ୟୁନିଅନର ଅସ୍ତିତ୍ୱ ୟୁରୋପୀୟ କମ୍ୟୁନିଷ୍ଟମାନଙ୍କ ପାଇଁ ଏକ ଆଲୋକବର୍ତ୍ତିକା ଏବଂ ଏକ ଦୃଢ଼ ସୁରକ୍ଷା ଭାବରେ କାର୍ଯ୍ୟ କରିଥିଲା, ବିଶେଷକରି ୧୯୩୦ ଦଶକରେ ଫାସିବାଦର ଉତ୍ଥାନ ସମୟରେ । ନାଜି ଜର୍ମାନୀକୁ ପରାସ୍ତ କରିବାରେ ସ୍ୱାଗସ୍ଥର ଭୂମିକା ବାମପନ୍ଥୀ ରାଜନୀତି ପାଇଁ ଏକ ବିଶ୍ୱ ଶକ୍ତି ଭାବରେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରିଥିଲା ।

ଲାଟିନ୍ ଆମେରିକା ସମାନ ପ୍ରକାରର ବିପ୍ଳବୀ ଉତ୍ସାହର ଲହରୀ ଅନୁଭବ କରିଥିଲା । ଫିଡେଲ୍ କାଷ୍ଟ୍ରୋ ଏବଂ ଚେ ଗୁଏଭାରାଙ୍କ ନେତୃତ୍ୱରେ ୧୯୫୯ ର କ୍ୟୁବା ବିପ୍ଳବ ସ୍ପଷ୍ଟ ଭାବରେ ରୁଷିଆନ୍ ଉଦାହରଣ ଦ୍ୱାରା ଅନୁପ୍ରାଣିତ ହୋଇଥିଲା । ଶୀତଳ ଯୁଦ୍ଧ ସମୟରେ ସୋଭିଏତ୍ ୟୁନିଅନ୍ ସହିତ କ୍ୟୁବାର ସମନ୍ୱୟ ନଭେମ୍ବର ବିପ୍ଳବର ସ୍ଥାୟୀ ପ୍ରଭାବକୁ ଗୁରୁତ୍ୱ ଦେଇଥିଲା । ଚିଲି, ନିକାରାଗୁଆ ଏବଂ ଭେନେଜୁଏଲା ଭଳି ଦେଶରେ, ସମାଜବାଦୀ ଏବଂ କମ୍ୟୁନିଷ୍ଟ ଦଳଗୁଡ଼ିକ ଲୋକପ୍ରିୟତା ହାସଲ କରିଥିଲେ, ପ୍ରାୟତଃ ୧୯୧୭ର ଐତିହ୍ୟକୁ ବୈଧତା ଏବଂ ପ୍ରେରଣାର ଉତ୍ସ ଭାବରେ ଆହ୍ୱାନ କରୁଥିଲେ ।

ବିପ୍ଳବର ମଧ୍ୟ ଗଭୀର ବୌଦ୍ଧିକ ଏବଂ ସାଂସ୍କୃତିକ ପ୍ରଭାବ ଥିଲାଛ ମାର୍କ୍ସବାଦୀ-ଲେନିନିଷ୍ଟ ଚିନ୍ତାଧାରା ବିଶ୍ୱବିଦ୍ୟାଳୟ, ସାହିତ୍ୟିକ ମଣ୍ଡଳୀ ଏବଂ ରାଜନୈତିକ ଆଲୋଚନାରେ ଏକ ପ୍ରମୁଖ ଢାଞ୍ଚା ହୋଇଗଲା । ଲେଖକ, କଳାକାର ଏବଂ ଦାର୍ଶନିକମାନେ ଶ୍ରେଣୀ ସଂଘର୍ଷ, ରାଷ୍ଟ୍ରଶକ୍ତି ଏବଂ ବୈପ୍ଳବିକ ପରିବର୍ତ୍ତନର ପ୍ରଭାବ ସହିତ ଜଡିତ ଥିଲେଛ ଯୋଜନାବଦ୍ଧ ଅର୍ଥନୀତି, ସର୍ବହାରାରୀୟ ଅନ୍ତର୍ଜାତୀୟତା ଏବଂ ସାଂସ୍କୃତିକ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇ ସୋଭିଏତ୍ ମଡେଲ୍, ପାଶ୍ଚାତ୍ୟ ଉଦାରବାଦ ଏବଂ ପୁଞ୍ଜିବାଦର ପ୍ରତି-ଆଖ୍ୟାନ ପ୍ରଦାନ କରିଥିଲା । ସମାଲୋଚନା ସତ୍ତ୍ୱେ ମଧ୍ୟ ୨୦ ଶତାବ୍ଦୀକୁ ଗଠନ କରିବାରେ ବିପ୍ଳବର ମୂଳଦୁଆ ଭୂମିକାକୁ ସ୍ୱୀକାର କରନ୍ତି । ଏହା ପୁଞ୍ଜିବାଦୀ ଆଧିପତ୍ୟର ଅନିବାର୍ଯ୍ୟତାକୁ ଚ୍ୟାଲେଞ୍ଜ କରିଥିଲା ଏବଂ ଦର୍ଶାଇଥିଲା ଯେ ବିକଳ୍ପ ବ୍ୟବସ୍ଥା ନିର୍ମାଣ କରାଯାଇପାରିବ, ସେଗୁଡ଼ିକ ଯେତେ ତ୍ରୁଟିପୂର୍ଣ୍ଣ ହୋଇପାରନ୍ତି ।

ସମସାମୟିକ ସମୟରେ, ବିପ୍ଳବ ବ୍ୟବସ୍ଥାଗତ ପରିବର୍ତ୍ତନ ଚାହୁଁଥିବା ଆନ୍ଦୋଳନଗୁଡ଼ିକୁ ପ୍ରେରଣା ଦେଇ ଚାଲିଛି । ବିଶ୍ୱୀକରଣ ବିରୋଧୀ ପ୍ରତିବାଦଠାରୁ ଆରମ୍ଭ କରି ତୃଣମୂଳ ସ୍ତରର ସମାଜବାଦ ପର୍ଯ୍ୟନ୍ତ, ୧୯୧୭ ର ଆତ୍ମା ବଜାୟ ରହିଛି । ଚୀନ୍ ଏବଂ ଭିଏତନାମ ଭଳି ଦେଶଗୁଡ଼ିକ ବଜାର ସଂସ୍କାର ଗ୍ରହଣ କରିବା ସମୟରେ, ଏପର୍ଯ୍ୟନ୍ତ ବୋଲସେଭିକ୍ ପରମ୍ପରାରେ ମୂଳ ଥିବା ଏକ-ଦଳୀୟ କମ୍ୟୁନିଷ୍ଟ ଗଠନକୁ ବଜାୟ ରଖିଛନ୍ତି । ଯଦିଓ ପରବର୍ତ୍ତୀ ସମୟରେ (ସୋଭିଏତ ଇଉନିଅନର ପତନ ପରେ ସଂଶୋଧନ ବାଦର ଜୁଆର ପୁରା ବିଶ୍ୱରେ ବ୍ୟାପି ଯାଇଥିଲା) ଚୀନ ସହିତ ବିଶ୍ୱର ଅନେକ ଦେଶ ସଂଶୋଧନ ବାଦର ଶିକାର ହୋଇଥିଲେ . ଏହା ପଛରେ ଆମେରିକାର ହାତ ୧୦୦% ଥିଲା ଲାଟିନ୍ ଆମେରିକାରେ, ବାମପନ୍ଥୀ ସରକାରଗୁଡ଼ିକ ସାମାଜିକ ନ୍ୟାୟ ଏବଂ ଅର୍ଥନୈତିକ ସମାନତା ହାସଲ କରିବାରେ ପ୍ରାୟତଃ ବିପ୍ଳବର ଆଦର୍ଶକୁ ଆହ୍ୱାନ କରନ୍ତି । ପରିଶେଷରେ, ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନ ପାଇଁ ନଭେମ୍ବର ବିପ୍ଳବର ଗୁରୁତ୍ୱ ଏହାର ସାହସ ଏବଂ ଏହାର ପରିଣାମରେ ରହିଛି । ଏହା ମାର୍କ୍ସବାଦୀ ତତ୍ତ୍ୱକୁ ରାଷ୍ଟ୍ରନୀତିରେ ଅନୁବାଦ କରିବାର ପ୍ରଥମ ସଫଳ ପ୍ରୟାସ ଥିଲା, ଯାହା ନିପୀଡ଼ିତଙ୍କ ଆକାଂକ୍ଷାକୁ ପ୍ରତିଫଳିତ କରୁଥିବା ଅନୁଷ୍ଠାନ ନିର୍ମାଣ କରିବା । ଏହା ବିପ୍ଳବୀ ପରିବର୍ତ୍ତନ ପାଇଁ ଏକ ବ୍ଲୁପ୍ରିଣ୍ଟ – ଯେତେ ପ୍ରତିଦ୍ୱନ୍ଦ୍ୱୀତାପୂର୍ଣ୍ଣ – ପ୍ରଦାନ କରିଥିଲା । ଶୋଷଣ ବିରୁଦ୍ଧରେ ପ୍ରତ୍ୟେକ ସଂଘର୍ଷ, ସମାନତା ପାଇଁ ପ୍ରତ୍ୟେକ ଆହ୍ୱାନ ଏବଂ ପୁଞ୍ଜିବାଦ ବାହାରେ ଏକ ବିଶ୍ୱର ପ୍ରତ୍ୟେକ ଦୃଷ୍ଟିକୋଣରେ ଏହାର ପ୍ରତିଧ୍ୱନି ଶୁଣିବାକୁ ମିଳେ ।


***ସୁଜନପୁର, ଯାଜପୁର***
***ମୋ. ୯୪୩୭୨୮୮୦୨୮***





ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ



# ଅଜଣା ପୃଥିବୀ ସମ୍ପର୍କରେ...



ଆପଣଙ୍କ ପାଠପଢ଼ା ସ୍କୁଲ୍ ପର୍ଯ୍ୟନ୍ତ ସୀମିତ ଥାଉ କି ଆପଣଙ୍କ ପାଖରେ ବିଶ୍ୱବିଦ୍ୟାଳୟର ଡିଗ୍ରୀ ଥାଉ । ଏକଥା ନିଶ୍ଚୟ ଯେ ଆପଣ ପୃଥିବୀ ବିଷୟରେ ଅନେକ କିଛି ଜାଣିନଥିବେ । ବିଶେଷ କରି ପୃଥିବୀର ଭୂଗୋଳ ବିଷୟରେ । ଆପଣ ଜାଣନ୍ତି କି ପ୍ରଶାନ୍ତ ମହାସାଗର ବର୍ଷକୁ ବର୍ଷ ସଂକୁଚିତ ହେଉଛି? ପୃଥିବୀରେ ଏମିତି ସମୁଦ୍ର ଅଛି ଯାହାର ଉପକୂଳ ନାହିଁ? କିମ୍ବା ପୃଥିବୀ ପୃଷ୍ଠରୁ ଏଭରେଷ୍ଟର ଶୀର୍ଷ ଚନ୍ଦ୍ରର ସବୁଠାରୁ ନିକଟତମ ସ୍ଥାନ ନୁହେଁ? ଏ ତାଲିକା ଖୁବ୍ ଲମ୍ବା । ଜାଣିଛନ୍ତି କି ରୁଷିଆରେ ଏକା ସମୟରେ ଦିନ ଓ ରାତି ହୁଏ? ଆସନ୍ତୁ ଭୂଗୋଳର ଏମିତି ସବୁ ବିସ୍ମୟକର ତଥ୍ୟ ଜାଣିବା ଯାହା ପ୍ରାୟତଃ ଅନେକଙ୍କୁ ଅଜଣା ।

### ଆଲାସ୍କା ଆମେରିକାର ପୂର୍ବ ଏବଂ ପଶ୍ଚିମରେ

ଯୁକ୍ତରାଷ୍ଟ୍ର ଆମେରିକାର ପଶ୍ଚିମ ଭାଗର ଶେଷ ରାଜ୍ୟ ଆଲାସ୍କା ଏହା ମାନଚିତ୍ର ଦେଖିଥିବା ଯେକୌଣସି ବ୍ୟକ୍ତି ବି କହିବେ । କିନ୍ତୁ ଯଦି ଆପଣ ଆଲାସ୍କାର ଭୌଗୋଳିକ ସ୍ଥିତି ସମ୍ପର୍କରେ ମାନଚିତ୍ରରେ ଭଲଭାବରେ ନିରୀକ୍ଷଣ କରିବେ ତେବେ ଏହା ମଧ୍ୟ ଦେଖିବେ ଯେ ଏହା ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବଦିଗର ଶେଷ ରାଜ୍ୟ । ଏହା ଏତେଦୂର ବ୍ୟାପ୍ତ ଯେ, ପଶ୍ଚିମରୁ ପୂର୍ବ ପର୍ଯ୍ୟନ୍ତ ଆସିଛି । ପ୍ରକୃତରେ ଆଲାସ୍କାର ଆଲେଉଟିଆନ ଦ୍ୱୀପପୁଞ୍ଜର ଅନ୍ୟତମ ଦ୍ୱୀପ ସେମିସୋପୋକ୍ନୋଇ ଉତ୍ତର ଆମେରିକାର ପୂର୍ବ ଦିଗର ଶେଷ ଭାଗରେ ରହିଛି ।

### ଭଲକାନ ପଏଣ୍ଟ

କେବେ ଗୋଟିଏ ଦ୍ୱୀପ ଭିତରେ ହ୍ରଦ, ସେହି ହ୍ରଦ ଭିତରେ ଦ୍ୱୀପ ଏବଂ ସେହି ଦ୍ୱୀପ ଭିତରେ ହ୍ରଦଟିଏ ଏବଂ ସେହି ହ୍ରଦ ଭିତରେ ଦ୍ୱୀପଟିଏ ଥିବା ଜାଣିଛନ୍ତି? ଏମିତି ବିଚିତ୍ର ଭୌଗୋଳିକ ସଂରଚନା ରହିଛି ଫିଲିପାଇନ୍ସରେ । ଆପଣ ଏଠାରେ ଭଲକାନ ପଏଣ୍ଟ ପାଇବେ, ଯାହାକି ରହିଛି ମେନ୍‌କ୍ରେଟର ହ୍ରଦରେ । ଏହି ହ୍ରଦ ରହିଛି ଭଲକାନୋ ଦ୍ୱୀପରେ । ଭଲକାନୋ ଦ୍ୱୀପ ରହିଛି ତାଲ ହ୍ରଦ ମଧ୍ୟରେ । ଏହି ତାଲ ହ୍ରଦ ରହିଛି ଲୁଜନ ଦ୍ୱୀପରେ । ଏହାକୁ ଥ୍ରୀ ସିଷ୍ଟର ଭଲକାନୋ ବୋଲି କୁହାଯାଏ ।





### ଏଭରେଷ୍ଟରୁ ଉଚ୍ଚ ମୌନା କୀ

ଏଭରେଷ୍ଟ ଶୃଙ୍ଗ ସମୁଦ୍ର ପତନରୁ ପୃଥିବୀର ସବୁଠାରୁ ଉଚ୍ଚତମ ସ୍ଥାନ। କିନ୍ତୁ ପୃଥିବୀର ଉଚ୍ଚତମ ପର୍ବତର ମାନ୍ୟତା କିନ୍ତୁ ମିଳେ ମୌନା କୀଙ୍କୁ । ସମୁଦ୍ର ପତନରୁ ମୌନା କୀର ଉଚ୍ଚତା ୧୩୭୯ ଫୁଟ । କିନ୍ତୁ ଯଦି ଆପଣ ଏହାକୁ ପ୍ରଶାନ୍ତ ମହାସାଗରର ସମୁଦ୍ର ତଳରୁ ମାପିବେ ତେବେ ଏହାର ଉଚ୍ଚତା ୩୨୮୦୮ ଫୁଟ । ଯାହାକି ଏଭରେଷ୍ଟର ଉଚ୍ଚତାଠାରୁ ୩ହଜାର ଫୁଟ ଅଧିକା ।

### ଚନ୍ଦ୍ରଠାରୁ ସବୁଠାରୁ ପାଖରେ ଚିମ୍ବୋରାଜୋ ମାଉଣ୍ଟ

ମାଉଣ୍ଟ ଏଭରେଷ୍ଟ ଉଚ୍ଚତମ ଗିରିଶୃଙ୍ଗ । କିନ୍ତୁ ଏହା ବିଶ୍ୱର ଉଚ୍ଚତମ ପର୍ବତ ଶୃଙ୍ଗ ନୁହେଁ କିମ୍ବା ଏହା ମହାକାଶଠାରୁ ସବୁଠାରୁ ନିକଟତର ନୁହେଁ ପୃଥିବୀ ପୃଷ୍ଠରୁ ଚନ୍ଦ୍ର ପୃଷ୍ଠ ମଧ୍ୟରେ ସର୍ବନିମ୍ନ ଦୂରତା ମାଉଣ୍ଟ ଚିମ୍ବୋରାଜୋଠାରୁ । କାରଣ ପୃଥିବୀ ସମତଳ ନୁହେଁ ଗୋଲାକାର । ଏହି କାରଣରୁ ଇକ୍ୟୁଡରରେ ଥିବା ମାଉଣ୍ଟ ଚିମ୍ବୋରାଜୋର ଉଚ୍ଚତା ମାତ୍ର ୨୦୫୬୪ ଫୁଟ, କିନ୍ତୁ ଏହା ୨୯୦୩୫ ଫୁଟ ଉଚ୍ଚତାର ଏଭରେଷ୍ଟଠାରୁ ଚନ୍ଦ୍ରର ଅଧିକ ନିକଟରେ ରହିଛି ।

### ଆଇସ୍‌ଲ୍ୟାଣ୍ଡ ବଢ଼ୁଛି

ଉତ୍ତର ଆମେରିକା ଏବଂ ୟୁରୋପୀୟ ଟେକ୍ଟୋନିକ୍ ପ୍ଲେଟ୍ ମଧ୍ୟରେ ମଧ୍ୟ ଆଇସ୍‌ଲ୍ୟାଣ୍ଡ ପ୍ରତିବର୍ଷ ପ୍ରାୟ ୫ ସେଣ୍ଟିମିଟର ବୃଦ୍ଧି ପାଉଛି । କାରଣ ଉତ୍ତର ଆମେରିକା ଏବଂ ୟୁରୋପର ଏହି ଭୂପୃଷ୍ଠ ପରସ୍ପରଠାରୁ ଦୂରେଇ ଯାଉଛନ୍ତି ।

### ସଂକୁଚିତ ହେଉଛି ପ୍ରଶାନ୍ତ ମହାସାଗର

ଯେହେତୁ ଉତ୍ତର ଆମେରିକା ଏବଂ ଦକ୍ଷିଣ ଆମେରିକା ପଶ୍ଚିମ ଦିଗକୁ ଅଧିକରୁ ଅଧିକ ଘୁଞ୍ଚି ଯାଉଛନ୍ତି ତେଣୁ ପ୍ରଶାନ୍ତ ମହାସାଗର ବର୍ଷକୁ ବର୍ଷ ସଂକୁଚିତ ହେଉଛି । ପ୍ରତିବର୍ଷ ଏସିଆ ଏବଂ ଉତ୍ତର ଆମେରିକା ପରସ୍ପର ପରସ୍ପରର ନିକଟତର ହେଉଛନ୍ତି, ସେହି କାରଣରୁ ମଧ୍ୟ ପ୍ରଶାନ୍ତ ମହାସାଗର ପ୍ରତିବର୍ଷ ୨ରୁ ୩ ସେଣ୍ଟିମିଟର କମ୍ ହେଉଛି ।

### ଏକା ସମୟରେ ସୁପ୍ରଭାତ ଓ ଶୁଭରାତ୍ରି

ଏସିଆରୁ ୟୁରୋପ ପର୍ଯ୍ୟନ୍ତ ବ୍ୟାପ୍ତ ରୁଷିଆରେ ୧୧ଟି ଟାଇମ୍‌ଜୋନ୍ ଅଛି । ସାରା ବିଶ୍ୱରେ ଟାଇମ୍‌ଜୋନ୍‌ର ସଂଖ୍ୟା ସମୁଦାୟ ୨୪ । ଏହି କାରଣରୁ ରୁଷିଆରେ ଗୋଟିଏ ଅଂଶରେ ସକାଳ ୭ଟା ହୋଇଥିବା ବେଳେ ଅନ୍ୟ ଅଂଶରେ ଲୋକମାନେ ରାତ୍ରିଭୋଜନ ପାଇଁ ବସିଥାଆନ୍ତି । ତେଣୁ ଏଠାରେ ସକାଳ, ରାତି, ଦି'ପହର, ଅପରାହ୍ଣ, ସନ୍ଧ୍ୟା ସବୁକିଛି ଏକ ସମୟରେ ଥାଏ । ତେବେ ରୁଷିଆଠାରୁ ଅଧିକ ଟାଇମ୍‌ଜୋନ୍ ବ୍ୟବହାର କରେ ଫ୍ରାନ୍ସ । ବିଦେଶରେ ଥିବା ଉପନିବେଶ କାରଣରୁ ଫ୍ରାନ୍ସ ୧୨ଟି ଟାଇମ୍‌ଜୋନ୍ ବ୍ୟବହାର କରେ ।

### ମେକ୍ସିକୋ ବୁଡ଼ୁଛି

୧୩୨୫ ଖ୍ରୀଷ୍ଟାବ୍ଦରେ ଗୋଟିଏ ହ୍ରଦ ଉପରେ ନିର୍ମିତ ହୋଇଥିବା ମେକ୍ସିକୋ ମହାନଗର ବର୍ଷକୁ ୩.୨ ଫୁଟ ହାରରେ ବୁଡ଼ିବାରେ ଲାଗିଛି । ଆଜଟେକ୍ ସଭ୍ୟତାର ଲୋକମାନେ ଲାଗୋଡେ ଟେସ୍କୋକୋକୁ ପୋତିଦେଇଥିଲେ ଏକ କୃତ୍ରିମ ଦ୍ୱୀପ ତିଆରି ପାଇଁ । ସ୍ପେନିୟମାନେ ଏହାର ଧ୍ୱଂସାବଶେଷ ଉପରେ ୧୫୨୧ ମସିହାରେ ଆଉ ଏକ ନଗର ସ୍ଥାପନ କରିଥିଲେ । ଯେହେତୁ ସ୍ଥାନୀୟ ବାସିନ୍ଦାମାନେ ସହର ତଳେ ଥିବା ଭୂତଳ ଜଳ ଉପରେ ନିର୍ଭର କରନ୍ତି ତେଣୁ ଏହା ଗତ ୬୦ ବର୍ଷରେ ୩୨ଫୁଟ ତଳକୁ ଖସିଯାଇଛି । ଏହି କାରଣରୁ ମେକ୍ସିକୋ ସହର ମଧ୍ୟ ଧୀରେଧୀରେ ତଳକୁ ଖସୁଛି ।

### ପଡ଼ୋଶୀ ସହର ହେବେ ଲସ୍‌ଆଞ୍ଜେଲ୍ସ ଏବଂ ସାନ୍‌ଫ୍ରାନ୍ସିସ୍‌କୋ

ସାନ୍‌ଆଣ୍ଡ୍ରୁସ୍ ଗଣ୍ଡ ପ୍ରତିବର୍ଷ କାଲିଫର୍ଣ୍ଣିଆର ୨ଇଞ୍ଚ ଭୂମି ଖାଇଯାଉଛି । ଯଦି ମଣିଷମାନେ ୧୫ନିୟୁତ ବର୍ଷ ପୃଥିବୀ ପୃଷ୍ଠରେ ଥିବେ ତେବେ ସେତେବେଳେ ଲସ୍‌ଆଞ୍ଜେଲ୍ସ ଏବଂ ସାନ୍‌ଫ୍ରାନ୍ସିସ୍‌କୋ ପରସ୍ପର ସହ ଲାଗିଯାଇଥିବ ।

### ୧୪ଟି ଦେଶର ସୀମା ସହ ସଂଯୁକ୍ତ ରୁଷ ଏବଂ ଚୀନ

ମାନଚିତ୍ରରେ ଦେଖିଲେ ମନେହେବ ରୁଷ ଭିତରେ ଚୀନ ସଂପୂର୍ଣ୍ଣ ଭାବରେ ରହିଯିବ । କିନ୍ତୁ ଏହା ସହ ଆଉ ଏକ ଜିନିଷ ମଧ୍ୟ ଦେଖିବାକୁ ମିଳିବ ମାନଚିତ୍ରରେ । ତାହା ହେଉଛି ଉଭୟ ଦେଶର ୧୪ଟି ଦେଶ ସହିତ ସଂଯୁକ୍ତ ସୀମା ରହିଛି । ରୁଷର ଆଜାର ବୈଜାନ, ବେଲାରୁଷ, ଚୀନ, ଇଷ୍ଟୋନିଆ, ଫିନ୍‌ଲ୍ୟାଣ୍ଡ, ଜର୍ଜିଆ, କାଜାକସ୍ଥାନ, ଲାଟଭିଆ, ଲିଥୁନିଆ, ମଙ୍ଗୋଲିଆ, ଉତ୍ତର କୋରିଆ, ନରୱେ, ପୋଲାଣ୍ଡ ଏବଂ ୟୁକ୍ରେନ ସହ ସଂଯୁକ୍ତ ସୀମା ରହିଛି । ସେହିପରି ଭାବରେ ଚୀନର ସୀମା ରହିଛି ଆଫଗାନିସ୍ଥାନ, ଭୁଟାନ, ଭାରତ, କାଜାକସ୍ଥାନ, କିର୍ଗିଜସ୍ଥାନ, ଲାଓସ୍, ମିଆଁମାର, ମଙ୍ଗୋଲିଆ, ନେପାଳ, ଉତ୍ତରକୋରିଆ, ପାକିସ୍ତାନ, ରୁଷିଆ, ତାଜିକିସ୍ଥାନ ଏବଂ ଭିଏତ୍‌ନାମ ସହିତ ।

### ଗୋଟିଏ ଦେଶର ସୀମା ଭିତରେ ଅନ୍ୟ ଦେଶ

ଲେସୋଥୋ, ସାନ୍‌ମାରିନୋ ଏବଂ ଭଟିକାନସିଟି ବିଶ୍ୱର ମାତ୍ର ତିନୋଟି ଦେଶ । ଯାହା ଅନ୍ୟ ଦେଶର ଭୂଭାଗ ପରିବେଷ୍ଟିତ । ଲେସୋଥୋ ସମ୍ପୂର୍ଣ୍ଣ ଭାବରେ ଦକ୍ଷିଣ ଆଫ୍ରିକା ପରିବେଷ୍ଟିତ, ସାନ୍‌ମାରିନୋ ଏବଂ ଭଟିକାନସିଟି ଉଭୟ ରହିଛି ଇଟାଲି ମଧ୍ୟରେ । ହଁ, ଇଟାଲିର ରାଜଧାନୀ ରୋମ୍ ମଧ୍ୟରେ ରହିଛି ଭଟିକାନସିଟି ।

### ଉପକୂଳ ନଥିବା ସମୁଦ୍ର

ପୃଥିବୀରେ ମାତ୍ର ଗୋଟିଏ ସମୁଦ୍ର ଅଛି ଯାହାର କୌଣସି ଉପକୂଳ ନାହିଁ । ଏହା ହେଉଛି ଆଣ୍ଟଲାଟିକ୍ ମହାସାଗରରେ ଥିବା ସାର୍ଗାସୋ ସାଗର । ଉତ୍ତରରେ ଥିବା ଏହି ସାଗର ଚାରୋଟି ସାମୁଦ୍ରିକ ସ୍ରୋତ ଦ୍ୱାରା ପରିବେଷ୍ଟିତ । ଏହାର କୌଣସି ଭୂ-ଉପକୂଳ ନାହିଁ । ଏହି ସାଗରରେ ଏକପ୍ରକାର ସାମୁଦ୍ରିକ ଗୁଳ୍ମ ଭାସୁଥିବାର ଦେଖାଯାଏ । ସେଗୁଡ଼ିକର ନାମ ଅନୁଯାୟର ସାଗରର ନାମ ହୋଇଛି ସାର୍ଗାସୋ ।





### ସୁଦାନର ପିରାମିଡ ଇଜିପ୍ଟଠାରୁ ବି ପୁରୁଣା

ଇଜିପ୍ଟର ଗୀଜା ପିରାମିଡକୁ ବିଶ୍ୱର ଅନ୍ୟତମ ବିସ୍ମୟ ଭାବରେ ବିବେଚନା କରାଯାଏ । କିନ୍ତୁ ପ୍ରକୃତରେ ଏହା ତୁଳନାରେ ଦୁଇଗଣ ଅଧିକ ପିରାମିଡ ରହିଛି ସୁଦାନରେ । ସୁଦାନରେ ବର୍ତ୍ତମାନ ସୁଦ୍ଧା ୨୨୦ରୁ ୨୫୫ ପର୍ଯ୍ୟନ୍ତ ପୀରାମିଡ ଅଛି । ଏହା ନୁବିୟାର କୁସାଇଟ୍ ସାମ୍ରାଜ୍ୟ ସମୟରେ ନିର୍ମିତ ହୋଇଥିଲା । ଅପରପକ୍ଷରେ ଇଜିପ୍ଟରେ ମାତ୍ର ୧୩୮ଟି ପିରାମିଡ ରହିଛି । ସାହାରା ମରୁଭୂମି ମଧ୍ୟରେ ଆପଣ ସୁଦାନର ଏହି ପୁରାତନ ଏବଂ ପୁନଃନିର୍ମିତ ପିରାମିଡଗୁଡ଼ିକ ଦେଖିପାରିବେ ।

### ବିଶ୍ୱର ବୃହତ୍ତମ ପଥର ମାଉଣ୍ଟ ଅଗଷ୍ଟସ୍

ପର୍ବତ ଶୃଙ୍ଗ ଭାବରେ ନାମିତ ହୋଇଥିବା ସତ୍ତ୍ୱେ ଅଷ୍ଟ୍ରେଲିଆର ମାଉଣ୍ଟ ଅଗଷ୍ଟସ୍ ଏକ ପର୍ବତ ନୁହେଁ ବରଂ ଏହା ଏକ ବିଶାଳ ପଥର ଖଣ୍ଡ । ଏହି ବିଶାଳ ପଇର ମୁଣ୍ଡିଆର ଉଚ୍ଚତା ୨୩୦୦ ଫୁଟ ,ବଂ ଏହା ପ୍ରାୟ ୧୦୦ ମାଇଲ୍ ଦୂରରୁ ଦେଖାଯାଏ ।ଏହା ପ୍ରାୟ ୧,୬୫୦ ନିୟୁତ ବର୍ଷ ପୁରାତନ ।

### ଦାମାସ୍‌କସ୍ ବିଶ୍ୱର ସର୍ବପୁରାତନ ସହର

ଅଧିକାଂଶ ମନେ କରନ୍ତି ଜେରୁଜେଲମ୍ କିମ୍ବା ଏଥେନ୍ସ ବିଶ୍ୱର ସର୍ବପୁରାତନ ସହର ହୋଇଥିବ, ମାତ୍ର ପୁରାତତ୍ତ୍ୱ ବିଶେଷଜ୍ଞମାନଙ୍କ ତଥ୍ୟ ଅନୁଯାୟୀ ଦାମାସ୍‌କସ୍ ହିଁ ବିଶ୍ୱର ସର୍ବପୁରାତନ ସହର ଯେଉଁଠାରେ ନିରବଚ୍ଛିନ୍ନ ଭାବରେ ମାନବର ବସବାସ ରହିଛି ।ଏହି ଧାରା ଅତିକମ୍‌ରେ ୧୧,୦୦୦ ବର୍ଷ ହେବ ଚାଲି ଆସିଛି । ସିରିଆର ଏହି ସହରକୁ ୨୦୦୮ ମସିହାରେ ଆରବ ଜଗତର ସାଂସ୍କୃତିକ ସହର ଭାବରେ ନାମିତ କରାଯାଇଥିଲା । ଦାମାସ୍‌କସ୍‌ରେ ୧୨୫ ଟି ଏପରି ଭିନ୍ନ ଭିନ୍ନ ସ୍ମାରକ ରହିଛି ଯାହା ଖ୍ରୀଷ୍ଟପୂର୍ବ ୩ ସହସ୍ରାବ୍ଦ ଠାରୁ ଆରମ୍ଭ କରି ଇତିହାସର ବିଭିନ୍ନ ସମୟର ସ୍ମୃତି ବହନକରିଛି । ଏମଧ୍ୟରେ ରହିଛି ଅଷ୍ଟମ ଶତାବ୍ଦୀରେ ନିର୍ମିତ ଗ୍ରେଟ୍ ମସ୍କ ଅଫ୍ ଉମେୟାଦ୍ । ବର୍ତ୍ତମାନ ଏହି ସହରରେ ୧.୭ ନିୟୁତ ଲୋକ ବାସ କରୁଛନ୍ତି ।









### ଚାରୋଟି ଗୋଲାର୍ଦ୍ଧରେ ଅଛି ଆଫ୍ରିକା ମହାଦେଶ

ଆଫ୍ରିକା ହିଁ ବିଶ୍ୱର ଏକମାତ୍ର ମହାଦେଶ ଯାହା ପୃଥିବୀର ଚାରୋଟି ଯାକ ଗୋଲାର୍ଦ୍ଧରେ ପରିବ୍ୟାପ୍ତ । ପୂର୍ବ, ପଶ୍ଚିମ, ଉତ୍ତର ,ଦକ୍ଷିଣ କ୍ଷେତ୍ରରେ ପରିବ୍ୟାପ୍ତ ଆଫ୍ରିକା ମହାଦେଶ ୧୨ ନିୟୁତ ବର୍ଗ ମାଇଲ୍ କ୍ଷେତ୍ର ବିଶିଷ୍ଟ । ଏହା ପୃଥିବୀର ସମୁଦାୟ ଭୂଭାଗର ୬ ପ୍ରତିଶତ । ଆଫ୍ରିକା ମହାଦେଶରେ ସମୁଦାୟ ୫୪ ଟି ଦେଶ ରହିଛି ଏବଂ ଏ ମଧ୍ୟରୁ ଆଲ୍‌ଜେରିଆ ସର୍ବବୃହତ୍ ।

### ଦୁଇ ମହାଦେଶରେ ଥିବା ସହର ଇସ୍ତାନବୁଲ୍

ତୁର୍କିର ରାଜଧାନୀ ଇସ୍ତାନବୁଲ୍ ବିଶ୍ୱର ଏକମାତ୍ର ପ୍ରମୁଖ ସହର ଯାହା ଦୁଇଟି ମହାଦେଶ ମଧ୍ୟରେ ଅଛି । ଏହା ଉଭୟ ୟୁରୋପ ଏବଂ ଏସିଆ ମହାଦେଶ ଉପରେ ଅବସ୍ଥିତ ଏବଂ ଏହା ମଧ୍ୟଭାଗରେ ବୋସ୍ଫରସ ପ୍ରଣାଳୀ ପ୍ରବାହିତ ହେଉଛି । ଆପଣ ଉଭୟ ପାର୍ଶ୍ୱକୁ ବୋସ୍ଫରସ ବ୍ରିଜ୍ ଦେଇ ଯାଇପାରିବେ । ଏହି ସହରର ୟୁରୋପୀୟ ପାର୍ଶ୍ୱରେ ଥିବା ଅଂଶ ବ୍ୟବସାୟିକ ଏବଂ ଐତିହାସିକ କେନ୍ଦ୍ର ଭାବରେ କାର୍ଯ୍ୟ କରେ । ସହରର ଜନସଂଖ୍ୟା ୧୪ ନିୟୁତ । ଏହି ସହରର ଇତିହାସ ଦୁଇ ହଜାର ବର୍ଷ ପୁରାତନ । ଏହା ଏକଦା ରୋମାନ, ବୈଜାନଟାଇମ୍ ଏବଂ ଓଟମାନ ସାମ୍ରାଜ୍ୟର କେନ୍ଦ୍ରବିନ୍ଦୁ ଥିଲା । ଏହା ବ୍ୟତୀତ ଦୁଇଟି ମହାଦେଶରେ ଥିବା ଅନ୍ୟ ସହରଗୁଡ଼ିକ ହେଉଛନ୍ତି ସୁଏଜ, ଓରେନବର୍ଗ, ମଗ୍ନିଟୋଗୋସ୍କ, ପର୍ଭୋରାଲ୍‌ସ୍କ, ଏକାଟେରିନବର୍ଗ, ଆଟିରାଓ, ଓରାଲ, କାନାକାଲେ ଏବଂ ପାନାମା ସହର । ଇଜିପ୍ଟରେ ଥିବା ସୁଏଜ ବା ଏଲ୍ କ୍ୱାଣ୍ଟାରା ଆଫ୍ରିକା ଏବଂ ଏସିଆ ମହାଦେଶର ମିଳନ ସ୍ଥରରେ ଥିବା ବେଳେ ରଷିଆର ଓରେନବର୍ଗ, ମଗ୍ନିଟୋଗୋସ୍କ, ପର୍ଭୋରାଲ୍‌ସ୍କ, ଏକାଟେରିନ୍‌ବର୍ଗ ଆଦି ସହର ୟୁରୋପ ଏବଂ ଏସିଆ ମହାଦେଶରେ ଅଛି । ସେହିପରି କାଜାକସ୍ତାନର ଆଟିରାଓ ଏବଂ ଓରାଲ ଏସିଆ ଏବଂ ୟୁରୋପ ମହାଦେଶରେ ଅବସ୍ଥିତ । ତୁର୍କୀର ଅନ୍ୟ ଏକ ସହର କାନାକାଲେ ୟୁରୋପ ଏବଂ ଏସିଆ ମହାଦେଶରେ ରହିଛି । ସେହିପରି ପାନାମା ସହର ଉଭୟ ଉତ୍ତର ଏବଂ ଦକ୍ଷିଣ ଆମେରିକାରେ ଅବସ୍ଥିତ ।

### ଉତ୍ତର ଗୋଲାର୍ଦ୍ଧ ଜନବହୁଳ

ପୃଥିବୀର ଉତ୍ତର ଗୋଲାର୍ଦ୍ଧ ଜନବହୁଳଛ ଏଠାରେ ପୃଥିବୀ ଜନସଂଖ୍ୟାର ୯୦ ପ୍ରତିଶତ ବାସ କରନ୍ତି। ପୃଥିବୀର ଜନସଂଖ୍ୟା ୭.୩ ବିଲିୟନ । କିନ୍ତୁ ଏ ମଧ୍ୟରୁ ୬.୫୭ ବିଲିୟନ ନିରକ୍ଷ ବୃତ୍ତର ଉତ୍ତରରେ ଉତ୍ତର ଆମେରିକା, ୟୁରୋପ, ଆଫ୍ରିକା, ଏସିଆ ଏବଂ ଦକ୍ଷିଣ ଆମେରିକାର କିଛି ଅଂଶରେ ବାସ କରନ୍ତି ।

### ପୃଥିବୀର ଗଭୀରତମ ସ୍ଥାନ ପ୍ରଶାନ୍ତ ମହାସାଗରରେ

ପୃଥିବୀରେ ଗଭୀରତମ ସ୍ଥାନ ରହିଛି ପ୍ରଶାନ୍ତ ମହାସାଗରରେ ମାରିଆନାଟ୍ରେଞ୍ଚରେ । ଏହିଠାରେ ଥିବା ଗଭୀରତମ ଅଂଶଟିକୁ କୁହାଯାଏ ଚାଲେଞ୍ଜର ଡିପ୍ । ଏହା ପ୍ରାୟ ୩୫୮୧୪ ଫୁଟ ଗଭୀର ।

### ୩୯୦୧ ନଦୀ ପୋଲ ଉପରେ ଯାଉଥିବା ରେଳ

ରଷର ଟ୍ରାନ୍ସ ସାଇବେରିଆ ରେଳପଥ ୩୯୦୧ଟି ନଦୀ ପୋଲ ଅତିକ୍ରମ କରେ । ରେଳରେ ସାରା ରଷିଆ ଭ୍ରମଣ କରିବା ପାଇଁ ସମୁଦାୟ ୭ଦିନ ଲାଗେ । ରାସ୍ତାରେ କୌଣସି ସ୍ଥାନରେ ନ ଅଟକି ଏହା ୧୧ଟି ଟାଇମ୍ ଜୋନ୍ ଅତିକ୍ରମ କରେ । ଏହି ନଦୀ ପଥରେ ୧୬ଟି ବୃହତ୍ତମ ନଦୀ ରହିଛି । ଏହା ୬୨ ମାଇଲ୍ ଦୀର୍ଘତା ବିଶିଷ୍ଟ ସମୁଦାୟ ୩୯୦୧ଟି ନଦୀପଥ ଅତିକ୍ରମ କରିଥାଏ ।

### ସାହାରା ମରୁଭୂମିରେ ତୁଷାରପାତ

ଦିନର ତାପମାତ୍ରା ୧୩୬ ଡିଗ୍ରୀ ଫାରେନହିଟ୍‌ରେ ପହଞ୍ଚି ଯାଉଥିବା ଉତ୍ତର ଆଫ୍ରିକାର ସାହାରା ମରୁଭୂମିରେ କେବେ ବରଫ ପଡୁଥିବ କି ? ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ । ଦିନରେ ତାତିରେ ଜଳୁଥିବା ସାହାରା ମରୁଭୂମି ସନ୍ଧ୍ୟା ପରେ ଥଣ୍ଡା ହେବା ଆରମ୍ଭ କରେ, ପ୍ରାୟତଃ ୫୫ ଡିଗ୍ରୀରେ ପହଞ୍ଚେ । କିନ୍ତୁ ୨୦୧୮ ଜାନୁଆରୀ ମାସରେ ସମଗ୍ର ସାହାରା ମରୁଭୂମି ବରଫର ଚାଦର ଘୋଡ଼େଇ ହୋଇଥିଲା । ଏହା ପୂର୍ବରୁ ୨୦୧୬ ଏବଂ ୧୯୭୯ରେ ମଧ୍ୟ ଏହି ବିରଳ ଘଟଣା ଦେଖାଯାଇଥିଲା ।

### ୧୬୩ ଅକ୍ଷରର ସହର

ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକର ନାମ ୧୬୩ ଅକ୍ଷର ବିଶିଷ୍ଟ । ଏହା ସମୁଦାୟ ୨୧ଟି ଶବ୍ଦକୁ ନେଇ ଗଠିତ । ତେବେ ଔପଚାରିକ ନାମ ବଦଳରେ ସାରା ଦୁନିଆ ଏହାକୁ ଏହାର ଡାକ ନାମ ବ୍ୟାଙ୍କକ ଭାବରେ ଜାଣେ ।

### ସର୍ବାଧିକ ହ୍ରଦ ଥିବା ଦେଶ

ବିଶ୍ୱରେ ସର୍ବାଧିକ ମଧୁର ଜଳ ହ୍ରଦ ଥିବା ଦେଶ ହେଉଛି କାନାଡ଼ା । କାନାଡ଼ାର ସମୁଦାୟ କ୍ଷେତ୍ରର ୯ ପ୍ରତିଶତ ହ୍ରଦ ଦ୍ୱାରା ପରିବେଷ୍ଟିତ । ଦେଶରେ ସମୁଦାୟ ୩୧, ୭୫୨ଟି ହ୍ରଦ ରହିଛି ।

### ୨.୪ ମାଇଲ୍ ଦୂରତା ହେଲେ ସମୟରେ ଫରକ ୨୦ ଘଣ୍ଟା

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ରଷ ମଧ୍ୟରେ ରହିଛି ଡାୟୋମେଡ୍ ଦୀପ ପୁଞ୍ଜ । ଦୁଇଟିଯାକ ଦେଶ ଏହି ଦୀପକୁ ଭାଗ ଭାଗ କରିଛନ୍ତି । ବିଗ୍ ଡାୟୋମେଡ୍ ଅଂଶ ରହିଛି ରଷିଆ ଭାଗରେ ଏବଂ ଲିଟିଲ୍ ଡାୟୋମେଡ୍ ରହିଛି ଆମେରିକା ଭାଗରେ । ଉଭୟ ଆନ୍ତର୍ଜାତିକ ସୀମା ଏବଂ ସମୟ ଦ୍ୱାରା ବିଭାଜିତ । ଏହି କାରଣରୁ ଯଦଓ ଏହି ଦୁଇଟି ଦୀପ ମଧ୍ୟରେ ଦୂରତା ମାତ୍ରା ୨.୪ ମାଇଲ ଥିଲେ ମଧ ଏହାର ସମୟରେ ଫରକ ୨୦ଘଣ୍ଟା । କାରଣ ଉଭୟର ଟାଇମ୍ ଜୋନ୍ ଭିନ୍ନ ଭିନ୍ନ । ଏହି କାରଣରୁ ବିଗ୍ ଡାୟୋମେଡ୍‌କୁ କୁହାଯାଏ ଟୁମୋରୋ ଆଇଲାଣ୍ଡ ଏବଂ ଲିଟିଲ ଡାୟୋମେଡ୍‌କୁ କୁହାଯାଏ ୟେଷ୍ଟର ଡେ ଆଇଲାଣ୍ଡ ।



### ଚାରିଆଡେ ପାଣି କିନ୍ତୁ ବ୍ୟବହାର ପାଇଁ ନୁହେଁ

ପୃଥିବୀର ୭୧ ପ୍ରତିଶତ ଜଳ । କିନ୍ତୁ ଏ ମଧ୍ୟରୁ ମାତ୍ର .୦୦୭ ପ୍ରତିଶତ ମଣିଷଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ । କାରଣ ମାତ୍ର ୨.୫ ପ୍ରତିଶତ ମଧୁର ଜଳ ଏବଂ ଅବଶିଷ୍ଟ ଲୁଣିଆ ବା ମହାସାଗରର ଜଳ । ତେବେ ସମୁଦାୟ ମଧୁର ଜଳ ମଧ୍ୟରୁ ମାତ୍ର ୧ ପ୍ରତିଶତ ମନୁଷ୍ୟ ବ୍ୟବହାର ପାଇଁ ଉପଲବ୍ଧ । କାରଣ ଅବଶିଷ୍ଟ ଗ୍ଲାସିୟର ଏବଂ ବରଫ ଅଞ୍ଚଳରେ ରହିଛି ।

### ୨୦ ପ୍ରତିଶତ ଅମ୍ଳଜାନ ଦିଏ ଆମାଜନ

ଦକ୍ଷିଣ ଆମେରିକାର ଚିରହରିତ ଆମାଜନ ବିଶ୍ୱର ସର୍ବବୃହତ୍ତ ଜଙ୍ଗଲ ଏକଥା ସମସ୍ତେ ଜାଣନ୍ତି । କିନ୍ତୁ ଏହା ପୃଥିବୀ ପୃଷ୍ଠକୁ ଆସୁଥିବା ସମୁଦାୟ ଅମ୍ଳଜାନ ମଧ୍ୟରୁ ୨୦% ଉତ୍ପନ୍ନ କରିଥାଏ ଏକଥା ଅନେକଙ୍କୁ ଜଣା ନଥିବଛ ଅଧିକ ପରିମାଣରେ କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରୁଥିବାରୁ ଏବଂ ସର୍ବାଧିକ ପରିମାଣର ଅମ୍ଳଜାନ ପ୍ରଦାନ କରୁଥିବାରୁ ଏହାକୁ ପୃଥିବୀର ଫୁସ୍‌ଫୁସ୍ କୁହାଯାଏ ।

### ମାରିଆନା ଟ୍ରେଞ୍ଚରେ ରହିଯିବ ମାଉଣ୍ଟ ଏଭରେଷ୍ଟ

ମାଉଣ୍ଟ ଏଭରେଷ୍ଟ ପୃଥିବୀର ଉଚ୍ଚତମ ସ୍ଥାନ । ସମୁଦ୍ର ପତ୍ତନରୁ ଏହାର ଉଚ୍ଚତା ୨୯୦୨୯ ଫୁଟ । କିନ୍ତୁ ମାରିଆନା ଟ୍ରେଞ୍ଚ ସାମ୍ନାରେ ଏହା ଖୁବ୍ ଛୋଟ । ପ୍ରଶାନ୍ତ ମହାସାଗରରେ ଥିବା ଏହି ମାରିଆନା ଟ୍ରେଞ୍ଚରେ ଏଭରେଷ୍ଟ ବୁଡ଼ିଯିବ । କାରଣ ଏହାର ଗଭୀରତା ୩୬୦୭୦ଫୁଟ ।

### ଶୁଖୁଛି ମୃତ ସାଗର

ବର୍ତ୍ତମାନ ସମୁଦ୍ର ପତ୍ତନରୁ ୧୩୮୮ ଫୁଟ ନିମ୍ନରେ ଥିବା ମୃତ ସାଗର ଆହୁରି ଶୁଖିବାକୁ ଯାଉଛିଛ ଗବେଷକମାନେ ଜାଣିପାରିଛନ୍ତି ଯେ ଏହି ଲୁଣିଆ ସାଗରର ଉପର ସ୍ତର ବର୍ଷକୁ ୩ଫୁଟ ତଳକୁ ଖସୁଛିଛ ଏହି ସାଗରର ଜଳ ଏତେ ଲବଣାକ୍ତ ଯେ, ଏଠାରେ କେହି ବୁଡ଼ି ଯାଆନ୍ତି ନାହିଁଛ ଏହା ପୃଥିବୀର ଯେକୌଣସି ସାଗର କିମ୍ବା ମହାସାଗର ତୁଳନାରେ ୮ରୁ ୯ଗୁଣ ଅଧିକ ଲୁଣିଆଛ ଏହି କାରଣରୁ ଏଠାରେ ସବୁକିଛି ଭାସିଥାଏଛ ଆପଣ ମୃତ ସାଗର ଭିତରକୁ ଯାଆନ୍ତୁ ଏବଂ ପଛକୁ ମୁଣ୍ଡ ନୁଆଁନ୍ତୁ, ଦେଖିବେ ଆପଣଙ୍କ ପାଦ ଉପରକୁ ଟେକି ହୋଇଯିବ ।

### ୫୬ ଅକ୍ଷର ବିଶିଷ୍ଟ ଦେଶ

ଅନେକ ଦେଶର ଔପଚାରିକ ନାମ ରହିଛି, ଯାହାକି ସେଗୁଡ଼ିକର ଜଣାଶୁଣା ନାମଠାରୁ ଭିନ୍ନ । ତେବେ ଏହି ନାମ ଛୋଟ ହୋଇଥିବା କାରଣରୁ ସହଜରେ ମନେ ରୁହେ ।



ତେବେ ଲିବ୍ୟାର ଔପଚାରିକ ନାମ ସବୁଠାରୁ ଅଧିକ ଅକ୍ଷର ବିଶିଷ୍ଟ । ଏହାର ନାମ ଥିଲା ଅଲ ଜୁମାହିରିୟାହ ଅଲ ଆରବୀୟାହ ଅଲ ଲିବ୍ୟାହ ଆସ ସବିୟାହ ଅଲ ଇଷ୍ଟିରାକିୟାହ ଅଲ ଉଜୁମା । ଏହି ନାମ ଲେଖିବା ପାଇଁ ଇଂରାଜୀରେ ୫୬ଟି ଅକ୍ଷର ବ୍ୟବହୃତ ହେଉଥିଲା । ୨୦୧୩ ମସିହାରେ ଏହାର ନାମ ପରିବର୍ତ୍ତନ ହୋଇ ଷ୍ଟେଟ୍ ଅଫ୍ ଲିବ୍ୟା ରଖାଗଲା ।

### ଦୀର୍ଘତମ ଯୁଦ୍ଧ ସ୍ମାରକ

ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧରୁ ଅଷ୍ଟ୍ରେଲିଅ ସୈନିକମାନେ ଫେରୁଥିଲେ, ସେମାନଙ୍କୁ ଏକ ରାସ୍ତା ନିମାଣ ଦାୟିତ୍ୱ ଦିଆଯାଇଥିଲା । ୧୯୩୨ ମସିହାରେ ଏହି ରାସ୍ତା ନିମାଣ ଶେଷ ବେଳକୁ ଶେଷ ହୋଇଥିଲା । ଏହ ରାସ୍ତାର ନାମ ଦିଆଗଲା ଗ୍ରେଟ୍ ଏସିଆନ୍ ରୋଡ । ଏହା ୧୫୦ ମାଇଲ୍ ଦୀର୍ଘ । ଯୁଦ୍ଧରେ ମୃତ୍ୟୁବରଣ କରିଥିବା ସେନିକମାନଙ୍କ ଉଦ୍ଦେଶ୍ୟରେ ଏହା ସମର୍ପିତ ଥିଲା ।

### ଆଫ୍ରିକାର ୨୬ଟି ଦେଶରେ ସିଂହ ନାହାଁନ୍ତି

ଆଫ୍ରିକା ମହାଦେଶ ଏହାର ସିଂହ ପାଇଁ ପ୍ରସିଦ୍ଧ । ଏକଦା ଏହି ମହାଦେଶର ପ୍ରତ୍ୟେକ ସ୍ଥାନରେ ସିଂହ ଖୁବ୍ ସାଧାରଣ ଭାବରେ ଦେଖିବାକୁ ମିଳୁଥିଲା । କିନ୍ତୁ ବର୍ତ୍ତମାନ ସମୁଦାୟ ମହାଦେଶରେ ୨୩ହଜାରରୁ ୩୯ହଜାର ପର୍ଯ୍ୟନ୍ତ ସିଂହଥିବା ଆକଳନ କରାଯାଉଛି । ମହାଦେଶର ୨୬ଟି ଦେଶରୁ ସିଂହ ବିଲୁପ୍ତ ହୋଇଯାଇଛନ୍ତି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୧ ନଭେମ୍ବର ୨୦୨୫ । ମଙ୍ଗଳବାର

## ଠିକାଦାରଙ୍କୁ ବଟି ମାଗିବା ଥାନାରେ ଲିଖିତ ଅଭିଯୋଗ

**ଅସ୍ତରଙ୍ଗ, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳସାହି ପଂଚାୟତରେ ଜଣେ ପାଇପି ଠିକାଦାରଙ୍କୁ ବଟି ମାଗିବାକୁ ନେଇ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ କି ସରକାରଙ୍କ ମେଗା ପାଇପି ଲାଇନି ଯୋଗେ ଅଞ୍ଚଳବାସୀଙ୍କୁ ସୁଦ୍ଧ ପିଇବା ପାଣି ଯୋଗାଇବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସରପଞ୍ଚଙ୍କ ସ୍ୱାମୀ ଠିକାଦାର ଠାରୁ ଲୋକ ପଠାଇ ଟଙ୍କା ମାଗିବା ସହ ନ ଦେଲେ ଧମକ ଦେବା ତର୍କାକୁ ଆସିଛି । ଆଳସାହି ପଂଚାୟତରେ ବିଭିନ୍ନ ଗ୍ରାମକୁ ପାଇପି ବିଛାଇବା ପାଇଁ ଠିକାଦାର ସନ୍ତୋଷ ଖୁଣ୍ଟିଆ ପାଇପି କାମ କରୁଥିବା ବେଳେ ଗୁରୁବାର ଦିନ ୩ ଘଂଟିକା ସମୟରେ ତିନିଜଣ ଯୁବକ ଆସି ବରାଙ୍ଗ ମୁଣ୍ଡରେ ତାଙ୍କୁ ଧମକାଇବା ସହ ଆମକୁ ସରପଞ୍ଚଙ୍କ ସ୍ୱାମୀ ପ୍ରେରଣ ବଲରାମ ଆମକୁ ପଠାଇଥିବା କହି ଅନନ୍ତ ଗ୍ରାମର ଈଶ୍ୱର ପରିଡା, ଝୁଲା ନାୟକ ଓ ତୋଫାନ ନାୟକ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ୩୫ ହଜାର ଟଙ୍କା ବଟି ମାଗିବା ଓ ନ ଦେଲେ ଜେସିବି ମେସିନିକୁ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେବା କୁ ଧମକ ଦେଇଥିବା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଅସ୍ତରଙ୍ଗ ଥାନା ନିରୀକ୍ଷକ ଦୁର୍ଗାଚରଣ ମହାପାତ୍ରଙ୍କୁ ପଚାରିବାରୁ ଅଭିଯୋଗ ହସ୍ତଗତ ହୋଇଛି ଓ ତଦନ୍ତ ଚାଲିଛି ।

## ଜାତୀୟ ରାଜପଥ ସର୍ଭିସ ରୋଡ଼ ପ୍ରଶସ୍ତିକରଣକୁ ବିରୋଧ

**ଯାଜପୁର, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

୨୦ନଂ ଜାତୀୟ ରାଜପଥ ସର୍ଭିସ ରୋଡ଼ ପ୍ରଶସ୍ତିକରଣକୁ ବିରୋଧ କରି ବିରୋଧୀ ମଞ୍ଚ ପକ୍ଷରୁ ସୋମବାର ଦିନ ଏକ ଜନସମାବେଶ ହୋଇଥିଲା। ଜାତୀୟ ରାଜପଥ ସର୍ଭିସ ରୋଡ଼ ପ୍ରଶସ୍ତିକରଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରୁଛନ୍ତି। ଜାତୀୟ ରାଜପଥ ଦୁଇ ଲେନ୍ ବିଶିଷ୍ଟ ହୋଇଛି। ଏହା ଏକ ଜାତୀୟ ରାଜପଥ ପ୍ରକଳ୍ପ ହିସାବରେ ଭାରତ ସରକାରଙ୍କ ତୁରନ୍ତ କାର୍ଯ୍ୟ ସମ୍ପାଦନା କରିବା ପାଇଁ ଚେଷ୍ଟା କରାଯାଇଛି। ସେହି କ୍ଷେତ୍ରରେ ସର୍ଭିସ ରୋଡ଼ ରାଜ୍ୟ ସରକାରଙ୍କ ଅଧିନରେ ଥାଇ ୮ଲେନ ବିଶିଷ୍ଟ ହେବା ପ୍ରକଳ୍ପ ସମସ୍ତ ସ୍ଥାୟୀ ବାସିନ୍ଦା ଏହାକୁ ଘୋର ବିରୋଧ କରୁଛନ୍ତି। ଏହି ରାସ୍ତା ଦ୍ୱାରା ୫ଶହରୁ ଉର୍ଦ୍ଧ୍ୱ ପରିବାର ନିଜର ଭିଟାମାଟି ହରାଇବା ସହ ବ୍ୟବସାୟରେ ବ୍ୟବହୃତ ଗୃହ ଗୁଡ଼ିକ ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇଯିବ। ଏପରିକି ଶିକ୍ଷାନୁଷ୍ଠାନ ଗୁଡ଼ିକ ଉଚ୍ଛେଦ ହେବା ସହ ବ୍ୟାଙ୍କ ମଧ୍ୟ ପ୍ରଶସ୍ତିକରଣରେ ପ୍ରଭାବିତ ହେବ। ବୁଢ଼ାଘାଟ ଠାରୁ ମାନସାପୋଲ ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରିବାର ଉଦ୍ଦେଶ୍ୟ କ'ଣ ଥାଇପାରେ ବୋଲି ବିରୋଧ କରୁଥିବା ବ୍ୟକ୍ତି ବିଶେଷ ପଚାରିବା ସହ ରାଜ୍ୟ ସରକାର ଏ ପ୍ରକାର ଜନ ବିରୋଧୀ କାର୍ଯ୍ୟକଳାପ ଠାରୁ ଦୂରେଇ ରହିବାକୁ ମଞ୍ଚ ଚେତାବନୀ ଦେଇଥିଲା। ମାତ୍ର ୪ କିମି ରାସ୍ତାକୁ ୮ଲେନ୍ କରିବା ପଛରେ କି ରହସ୍ୟ ଲୁଚିଛି ତାକୁ ମଞ୍ଚ ବିରୋଧ କରିଛି। ସରକାର ଓ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଏକ ବୃହତ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସର୍ଭିସ ରୋଡ଼ ପ୍ରଶସ୍ତିକରଣ ବିରୋଧି ମଞ୍ଚ ଚେତାବନୀ ଦେଇଥିଲେ। ବିରୋଧୀ ମଞ୍ଚର ସଭାପତି ପ୍ରଭୁପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିମ୍ବାଧର ପଣ୍ଡା, ନିରଞ୍ଜନ ମହାରଣା, ନୃସିଂହ ଚରଣ ଶତପଥୀ, ବାବାଜୀ ଚରଣ ସାହୁ, ମହେଶ୍ୱର ମାହୁନ୍ତ, ଭରତ ଚନ୍ଦ୍ର ସାହୁ, ସୁମିତ୍ରା ପଣ୍ଡା, ଅବଦୁଲ ବସ୍ତିଆ, ଜୟନ୍ତୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ସଦର ଥାନା ପକ୍ଷରୁ ଚକ୍ରୋଡା ପଞ୍ଚାୟତରେ ସାଇବର ସୁରକ୍ଷା ସଚେତନତା

**କେନ୍ଦ୍ରାପଡ଼ା, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ସଦର ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଚକ୍ରୋଡା ପଞ୍ଚାୟତ ଅନ୍ତର୍ଗତ ତାରାପୁର ସାରଳା ମନ୍ଦିର ସମୁଖରେ ସରପଞ୍ଚ ତନୁଜା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛ । ଏହି ସଚେତନତା ସଭାରେ ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ୨୦୧୦ ମସିହାରେ ଇରନେଟ ସେବା ଆରମ୍ଭ ହେଲା । ଇରନେଟ ପ୍ରୋଭାଇଡର ଗୁଡିକ ୫ଜି ସେବା ଆରମ୍ଭ କରିବା ପରେ ଫୋନପେ, ଗୁଗୁଲପେ, ୟୁପିଆଇ ଭଳି ଅର୍ଥ ଉଠାଣର ସୁବିଧା ସ୍ମାର୍ଟ ଫୋନ ଗୁଡିକରେ ବହୁଳମାତ୍ରାରେ ଚାଲିଲା। ଲୋକମାନେ କିଛି ନବୁଝି ନଭାବି ଓ ଚିନ୍ତା ନକରି ସନ୍ଦିଗ୍ଧ ଲିଙ୍କ ଓ ସନ୍ଦେହଯୁକ୍ତ ଆପ୍ ବ୍ୟବହାର କରିବା ସହିତ ନିଜ ମୋବାଇଲକୁ ଆସିଥିବା ଓଟିପି, ନିଜ ଇ-ମେଲ, ଇନଷ୍ଟାଗ୍ରାମ ଓ ଫେସବୁକର ପାସୱାର୍ଡ ସହିତ ବ୍ୟାଙ୍କ ଏଟିଏମର ପିନ ପ୍ରଭୃତି ଅଜଣା ଅଚିହ୍ନା ଲୋକଙ୍କୁ ଦେଇଦେଲେ। ଫଳରେ ସାଇବର ଅପରାଧୀମାନେ ଏହାର ସୁଯୋଗ ନେଇ ଲୋକମାନଙ୍କୁ ଲୁଟିବା ଆରମ୍ଭ କରିଦେଲେ। ଆଜିର ଦିନରେ କମ୍ପ୍ୟୁଟର, ଲାପଟପ ଓ ମୋବାଇଲର ବ୍ୟବହାର ଅତ୍ୟନ୍ତ ଆବଶ୍ୟକ ହୋଇପଡିଥିବା ବେଳେ ଆମକୁ ଅତ୍ୟନ୍ତ ସତର୍କତାର ସହ ଏସବୁର ବ୍ୟବହାର କରିବାକୁ ପଡିବ। ଏଥିସହିତ ସାଇବର ଅପରାଧର ଶୀକାର ହେଲେ ତୁରନ୍ତ ହେଲ୍ପଲାଇନ ନମ୍ବର-୧୯୩୦କୁ ଯୋଗାଯୋଗ କରିବା ସହିତ ସ୍ଥାନୀୟ ଥାନାରେ ସଙ୍ଗେ ସଙ୍ଗେ ଅଭିଯୋଗ କରିବାକୁ ଶ୍ରୀ ଗୌଡ଼ କହିଥିଲେ। ଏହି ଅବସରରେ ଡିଏସପି ସରୋଜକାନ୍ତ ସାହୁ,ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଇନସପେକ୍ଟର ବିଶ୍ୱଭୂଷଣ ସାହାଣୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସାଇବର ଠକାଇ ସମ୍ପର୍କରେ ଏକ ସଚେତନତା ନାଟକ ଅନୁଷ୍ଠିତ ହୋଇଥିଲା। ଏଏସଆଇ ଶିବରାମ ସ୍ୱାଇଁ, ସୁସ୍ମିତା ରାଉତଙ୍କ ସହ ସଦର ଥାନା କର୍ମଚାରୀ ସହଯୋଗ କରିଥିଲେ। ପରିଶେଷରେ ସମାଜସେବୀ ନିରଞ୍ଜନ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଘୁ.ଉଦୟଗିରିରେ ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳା, ୧୩୫ ପ୍ରକଳ୍ପ ପ୍ରଦର୍ଶିତ

**ଘୁ.ଉଦୟଗିରି, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାନୁଷ୍ଠାନ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାକୁ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଏବଂ ଏନ ଏ ସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଆୟୋଜିତ ରାଜ୍ୟସ୍ତରୀୟ ଏହି ବିଜ୍ଞାନ ମେଳାରେ ବିଭିନ୍ନ ଜିଲ୍ଲାର ୧୨ଟି ସ୍କୁଲରୁ ୧୩୫ ପ୍ରତିଯୋଗୀ ଅଂଶ ଗ୍ରହଣ କରି ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଉଦଯାପନୀ ଉତ୍ସବରେ ଏନ ଏ ସି ଅଧକ୍ଷା ଦେବସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଘୁ.ଉଦୟଗିରି ଏସ ଡି ପି ଓ ବିଜୟ କୁମାର ବିଶି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ରାଜ୍ୟ ଶିକ୍ଷା ପରିଷଦ ସଭାପତି ପ୍ରଶାନ୍ତ କୁମାର ଦାସ, ଶିକ୍ଷା ପରିଷଦ କୋଷାଧକ୍ଷ ବିଷ୍ଣୁ ପ୍ରସାଦ ରଥ, ଶିକ୍ଷା ପରିଷଦ ସଭ୍ୟ ଦିଲ୍ଲୀପ କୁମାର ଖାଡ଼ଙ୍ଗା ଯୋଗ ଦେଇଥିବା ବେଳେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ, ବାଳିକା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଳୟ କୁମାର ନାୟକ ଯୋଗ ଦେଇ ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ଚୟନ କରିଥିଲେ । ତିନୋଟି ବର୍ଗରେ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା । ଏଥି ସହ ମେଧା ବୃତ୍ତି ପାଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମେଡାଲ ସହିତ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ଶିକ୍ଷା ପରିଷଦ କୋଷାଧକ୍ଷ ବିଷ୍ଣୁ ପ୍ରସାଦ ରଥ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ମିଳିବ ୨୦୨୫ରେ ସୋଆ ଯୁବ ସାହିତ୍ୟ ପୁରସ୍କାର

**ଭୁବନେଶ୍ୱର, ୧୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**






ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀ ପାଇବେ ସୋଆ ଯୁବ ସାହିତ୍ୟ ପୁରସ୍କାର ୨୦୨୫। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଉତ୍ସବ ନଭେମ୍ବର ୩୦ ତାରିଖରେ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ।

ବର୍ଷା ପ୍ରକାଶନୀ ଦ୍ୱାରା ୨୦୨୪ରେ ପ୍ରକାଶିତ ଶ୍ରୀ ତ୍ରିପାଠୀଙ୍କର କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଟି ନାରଙ୍ଗ' ନିମନ୍ତେ ବିଚାରକ ମଣ୍ଡଳୀ ସର୍ବସମ୍ମତି କ୍ରମେ ତାଙ୍କ ନାମକୁ ପୁରସ୍କାର ନିମନ୍ତେ ମନୋନୀତ କରିଛନ୍ତି । ଏହି ସଂକଳନରେ ୧୨ଟି ଗଳ୍ପ ରହିଛି ଯେଉଁଥିରେ ଲେଖକ ମଣିଷର ମନସ୍ତତ୍ତ୍ୱ ଏବଂ ସମସାମୟିକ ଅନୁଭୂତିର ନିଚ୍ଛକ ପରିପ୍ରକାଶ କରିଛନ୍ତି । ତାଙ୍କର କବିତା ପରି ସ୍ୱପ୍ନ ଏବଂ ପ୍ରେମ ତାଙ୍କ ଗଳ୍ପର ମୁଖ୍ୟ ସ୍ୱର ।

ସେ ବର୍ତ୍ତମାନ ଆଇଆଇଟି ରୁପାରର ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି । ୧୯୯୧ ମସିହାରେ ଜନ୍ମିତ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କର ୭ଟି କବିତା ସଂକଳନ, ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ପ୍ରକାଶ ପାଇଛି । ସେ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡ଼ିଆ ଅନୁବାଦ କରିଛନ୍ତି । ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ସମ୍ମାନିତ ହୋଇଥିବା ଶ୍ରୀ ତ୍ରିପାଠୀ ହାଇଦ୍ରାବାଦ ସ୍ଥିତ ନାଟକ ସଂସ୍ଥା 'କାସ', 'କିସ୍‌ସା ଗୋ' ଏବଂ 'ପ୍ଲେ ଅଫ୍ ଶିବା' ଭଳି ଅନୁଷ୍ଠାନ ଗୁଡ଼ିକ ନିମନ୍ତେ ନାଟକର ସଂଳାପ ଲେଖିଥିବା ବେଳେ 'ବୋତଲ ଅର୍ଜ ହେ, ଲାଷ୍ଟ ୱିସ, ଜେନେରେସନ୍ସ ଅଫ୍ ନ୍ୟୁଟନ୍ ଭଳି ନାଟକର ସଂଳାପ ଲେଖିଛନ୍ତି । ନିକଟରେ ସେ ଓଡ଼ିଆ ସିନେମା ଇନ୍ଦ୍ରଧନୁ ସମେତ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' (ଓଡ଼ିଆ) ଏବଂ 'ଖିଡ଼କିୟାନ୍' (ହିନ୍ଦୀ) ନିମନ୍ତେ ସଂଳାପ ରଚନା କରିଛନ୍ତି ।

କବିତା, ଗଳ୍ପ, ଉପନ୍ୟାସ ଆଦି ସାହିତ୍ୟର ସୃଜନାତ୍ମକ କ୍ଷେତ୍ରରେ ଲେଖୁଥିବା ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦେବା ସହ ଉତ୍ସାହିତ କରିବା ନିମନ୍ତେ ଚଳିତ ବର୍ଷ ଠାରୁ ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରିବା ନିମନ୍ତେ ସ୍ଥିର କରାଯାଇଛି। ଏହି ଅବସରରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ରୌପ୍ୟ ଫଳକ ଓ ଉତରୀୟ ପ୍ରଦାନ କରାଯିବ ।

ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଏବଂ ଚିନ୍ତକ ଜାଭେଦ ଅଖତରଙ୍କୁ ଭାରତୀୟ ସିନେମା ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ଜୀବନବ୍ୟାପୀ ସାଧନା ଏବଂ ଅବଦାନ ନିମନ୍ତେ ନଭେମ୍ବର ୨୯ ତାରିଖରେ ଆରମ୍ଭ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ମାନିତ କରାଯିବ ।

ସୋଆ ପରିଚାଳିତ ସେଣ୍ଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଂଟ କଲ୍ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସ'। ନଭେମ୍ବର ୨୯ ଓ ୩୦ ଦୁଇ ଦିନ ଧରି ଏହି ସାହିତ୍ୟ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି 'କଲ୍ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା।

ଚଳିତ ବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣ ଅନୁକୋଣରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦୁଇ ଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରାଚୀନର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସୂଚନା ଦେଇଛନ୍ତି ।

## ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତର ବାର୍ଷିକ ଉତ୍ସବ

**ମାହାଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ଠାରେ କନିଷ୍ଠ ଦେୱାନୀ ବିଚାରପତି ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତର ବାର୍ଷିକ ଉତ୍ସବ ସାଲେପୁର ବାର ଅସୋସିଏସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ବାର ଆସୋସିଏସନ ପୂର୍ବତନ ସଭାପତି ଆଇନଜିବୀ ଦୀପକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଚାରପତି ଶର୍ମିଷ୍ଠା ଜେନା ଯୋଗଦେଇଆଇନଜୀବୀ ଓ ଅଦାଲତ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ଆଇନଜୀବୀ ଓ ନ୍ୟାୟଳୟ ମଧ୍ୟରେ ସଠିକ୍ ସମନ୍ୱୟ ରହିପାରିଲେ ଗରିବ ଜନସାଧାରଣ ଉଚିତ ନ୍ୟାୟ ପାଇପାରିବେ ବୋଲି ମତବ୍ୟକ୍ତ କରିବା ସହ ଅଦାଲତର ଭିତିଭୂମି ବିକାଶ ନିମନ୍ତେ ସମସ୍ତଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏଥିରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ବିଜୟ କେତନ ନାୟକ, ପ୍ରବୀଣ କୁମାର କାନୁନଗୋ,ଏସ.ଏମ.ଏ ରହେମନ, ଗୌତମ ରାୟ ଚୌଧୁରୀ, ସୁବାଷ ଚନ୍ଦ୍ର ଭୂୟାଁ,ପୂର୍ବତନ ବାର ଆସୋସିଏସନ ସଭାପତି ଡଃ ଅରୁଣୋଦୟ ମହାନ୍ତି ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆଇନଜିବୀ ନରୋତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭେଣ୍ଟିଲେଟରରୁ ମେଡିସିନ୍ ୱାର୍ଡକୁ ଗଲେ ଅଭିଜିତ

**ଭୁବନେଶ୍ୱର, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଛି । ଆଜି ଭେଣ୍ଟିଲେଟରରୁ ବାହାରି ତାଙ୍କୁ ମେଡିସିନ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଭୁବନେଶ୍ୱର ଏମ୍ସ ପକ୍ଷରୁ ହେଲଥ୍ ବୁଲେଟିନ ଜାରି କରି ସୂଚନା ଦିଆଯାଇଛି । ଗତ ସେପ୍ଟେମ୍ବର ୪ ତାରିଖରେ ଗୁରୁତର ଅବସ୍ଥାରେ ଅଭିଜିତ ମଜୁମଦାରଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ସେତେବେଳେ ସେ କୋମାରେ ଥିଲେ । ସେପ୍ଟେମ୍ବର ୨୫ ତାରିଖରେ ଅଭିଜିତଙ୍କ ସ୍ୱାସ୍ଥ୍ୟରେ ସାମାନ୍ୟ ସୁଧାର ଆସିଥିଲା । ସେଥିପାଇଁ ତାଙ୍କୁ ଆଇସିୟୁରୁ ବାହାର କରାଯାଇ ସାଧାରଣ ୱାର୍ଡକୁ ଅଣାଯାଇଥିଲା । ହେଲେ ଅକ୍ଟୋବର ୧୧ରେ ଅସୁସ୍ଥତା ଯୋଗୁଁ ପୁଣି ଥରେ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା । ନିମୋନିଆ ସହିତ ତାଙ୍କର ଫୁସଫୁସରେ ସଂକ୍ରମଣ ହୋଇଥିଲା ।

# ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି

**ଭୁବନେଶ୍ୱର, ୧୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ରେଳ ସମ୍ବନ୍ଧୀୟ ଜରୁରୀକାଳୀନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ସହଭାଗୀ ମାନଙ୍କ ମଧ୍ୟରେ ପ୍ରସ୍ତୁତି ଏବଂ ସମନ୍ୱୟ ସମୀକ୍ଷା କରିବା ପାଇଁ ଏକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲା । ଏହି ବୈଠକର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଅଧକ୍ଷତା କରିଥିଲେ ।

ରାଜ୍ୟ ପୋଲିସ, ଏନଡିଆରଏଫ (ମୁଣ୍ଡଳି ୟୁନିଟ୍), ଓଡିଆରଏଏଫ୍, ଆରପିଏଫ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ଡାକ୍ତରୀ ଦଳ ଏବଂ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ସହିତ ଜଡିତ ପ୍ରମୁଖ ରେଳ ବିଭାଗର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକର ଉଦ୍ଦେଶ୍ୟ ଥିଲା ଆନ୍ତଃ-ସହଭାଗୀ ସମନ୍ୱୟକୁ ମଜବୁତ କରିବା, ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ରେଳ ପରିଚାଳନାରେ ଯେକୌଣସି ଅପ୍ରୀତିକର ଘଟଣାର ପ୍ରଭାବଶାଳୀ ପରିଚାଳନା ପାଇଁ ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା ।

ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବରେ, ନିକଟ ଭବିଷ୍ୟତରେ ଏକ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ କରାଯିବାର ଯୋଜନା କରାଯାଇଛି । ପ୍ରସ୍ତାବିତ ମକ୍ ଡ୍ରିଲ୍ ଲକ୍ଷ୍ୟ ରଖିଛି ଉଦ୍ଧାର ଏବଂ ପ୍ରତିକ୍ରିୟା ସଂସ୍ଥା ମଧ୍ୟରେ ସମନ୍ୱୟ, ବିପର୍ଯ୍ୟୟ ପରିଚାଳନା ଉପକରଣ ଏବଂ ଯୋଗାଯୋଗ ପ୍ରଣାଳୀର କାର୍ଯ୍ୟକାରିତା ମୂଲ୍ୟାଙ୍କନ, ବାସ୍ତବ ଜୀବନର ଜରୁରୀକାଳୀନ ପରିସ୍ଥିତି ସମୟରେ ଶୀଘ୍ର, ଦକ୍ଷ ଏବଂ ସମନ୍ୱିତ ପ୍ରତିକ୍ରିୟା ପାଇଁ କର୍ମଚାରୀମାନଙ୍କୁ ତାଲିମ ଏବଂ ପରିଚାଳିତ କରିବା ।

ମକ୍ ଡ୍ରିଲ ଅଭ୍ୟାସରେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ମଧ୍ୟରେ ରେଳବାଇ, ଏନଡିଆରଏଫ, ଓଡ୍ରାଫ, ରାଜ୍ୟ ପୋଲିସ, ସରକାରୀ ରେଳବାଇ ପୋଲିସ, ଅଗ୍ନିଶମ ସେବା, ଚିକିତ୍ସା ବିଭାଗ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ, ସିଭିଲ ଡିଫେନ୍ସ, ବେସରକାରୀ ସଂସ୍ଥା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ମଚାରୀମାନେ ସାମିଲ ହେବେ ।

ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ / ପରିଚାଳନା ଙ୍କ ନେତୃତ୍ୱରେ ଦ୍ରୁତ ପ୍ରତିକ୍ରିୟା ଦଳ ଜରୁରିକାଳୀନ ପରିସ୍ଥିତି ସମୟରେ ତଳ ସ୍ତରରୁ ସମନ୍ୱୟ ତଦାରଖ କରିବେ । ବୈଠକରେ ବିଭାଗୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାର ମଧ୍ୟ ସମୀକ୍ଷା କରାଯାଇଥିଲା, ଯାହା ଉପରେ ଧ୍ୟାନ ଦିଆଯାଇଥିଲା । ଏହି ସମୀକ୍ଷା ଗୁଡିକ ମଧ୍ୟରେ ଦ୍ରୁତ ପ୍ରତିକ୍ରିୟା, ଉଦ୍ଧାର ଏବଂ ରିଲିଫ୍ ପଦକ୍ଷେପ, ରାଜ୍ୟ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ, ଆକ୍ସିଡେଣ୍ଟ ରିଲିଫ ଟ୍ରେନ, ଆକ୍ସିଡେଣ୍ଟ ରିଲିଫ ମେଡିକାଲ ସାମଗ୍ରୀ ଟ୍ରେନ ଏବଂ ମୋବାଇଲ୍ ଉଦ୍ଧାର ୟୁନିଟ୍ର ରକ୍ଷଣାବେକ୍ଷଣ ସହ ସଠିକ ସମୟରେ ପ୍ରଭାବଶାଳୀ ଯୋଗାଯୋଗ, ଭିଡ଼ ନିୟନ୍ତ୍ରଣ ଏବଂ ଡାକ୍ତରୀ ସହାୟତା ଅନ୍ତର୍ଭୁକ୍ତ ।

ଏହି ବୈଠକରେ ସମନ୍ୱୟକୁ ଉନ୍ନତ କରିବା, ବୈଷୟିକ ପ୍ରସ୍ତୁତିକୁ ଉନ୍ନତ କରିବା ଏବଂ ମିଳିତ ପ୍ରତିକ୍ରିୟା ଦକ୍ଷତା ବୃଦ୍ଧି କରିବା ପାଇଁ ସାମ୍ପ୍ରତିକ ରେଳ ଦୁର୍ଘଟଣା ଅଭିଜ୍ଞତା ବିଶ୍ଳେଷଣ କରାଯାଇଥିଲା ।

ପୂର୍ବତଟ ରେଳପଥ ନିରନ୍ତର ପ୍ରସ୍ତୁତି, ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ରାଜ୍ୟ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହିତ ସହଯୋଗ ମାଧ୍ୟମରେ ଯାତ୍ରୀ ସୁରକ୍ଷା ଏବଂ ବିପର୍ଯ୍ୟୟ ପ୍ରତିରୋଧକତା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଶ୍ରୀ ନମୋନାରାୟଣ ମୀନା ଏହି ବୈଠକର ସଂଯୋଜନା କରିଥିଲେ ।

# ଅଭିଯୋଗ ନେଇ ୬ କିଲୋମିଟର ଚାଲି ଚାଲି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଛାତ୍ରଛାତ୍ରୀ

**କୋରାପୁଟ, ୧୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



କୋରାପୁଟ ଲାଣ୍ଡିଗୁଡା ସ୍ଥିତ ପି.ଏମ ଶ୍ରୀ ନବୋଦୟ ବିଦ୍ୟାଳୟରେ ଦେଖାଦେଇଛି ଅଶାନ୍ତ ପରିସ୍ଥିତି । ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଯୋଗ ଶୁଣୁ ନଥିବା ଦାବି କରି ଦେଢ଼ଶହରୁ ଅଧିକ ଛାତ୍ରଛାତ୍ରୀ ପାଖାପାଖି ଛଅ କିଲୋମିଟର ଚାଲି କୋରାପୁଟ ଜିଲ୍ଲାପାଳ କାର୍ଯ୍ୟଳୟ ପହଞ୍ଚିଥିଲେ । ଛାତ୍ରଛାତ୍ରୀଙ୍କ ଅଭିଯୋଗ ଯେ ବିଦ୍ୟାଳୟର ଇତିହାସ ଶିକ୍ଷକଙ୍କ ଦ୍ୱାରା ସିଲାବସ୍ ବାହାରେ ପାଠ ପଢାଯାଉଥିବା ସହ କ'ଣ ପଢାଯାଉଛି ତାହା ଭି ସେମାନେ ବୁଝି ପାରୁନଥିବା କହିଥିଲେ । ଏନେଇ ଗତ ଦୁଇ-ତିନି ମାସ ଧରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଲେ ବି କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ କରିଥିଲେ । ସେମାନେ ଅଭିଯୋଗ କରିଛନ୍ତି ସେମାନେ ଯାହା ପଢୁଛନ୍ତି, ତାହା ସିଲାବସ୍‌ରେ ନାହିଁ । ସ୍କୁଲ ପ୍ରିନ୍ସିପାଲଙ୍କୁ ବାରମ୍ବାର କହିବା ସତ୍ତ୍ୱେ ତାହା ଉପରେ ପଦକ୍ଷେପ ନେଇନାହାନ୍ତି । ସେଥିପାଇଁ ଆମେ ଜିଲ୍ଲାପାଳଙ୍କୁ ଭେଟିବାକୁ ଆସିଛୁ । ଯଦି ପାଠ ଭଲ ଭାବେ ନ ପଢିବେ ତାହେଲେ ପରୀକ୍ଷାରେ କିପରି ପାସ୍ କରିବେ ବୋଲି ଅଭିଯୋଗ କରିଛନ୍ତି ଛାତ୍ର ଛାତ୍ରୀ କ୍ଲାସ୍‌ରେ କିଛି ବୁଝି ନ ପାରିଲେ ଓ ପଚାରିଲେ ଓଲଟା ଧମକ ଦିଅନ୍ତି ଏହି ଇତିହାସ ଶିକ୍ଷୟିତ୍ରୀ । ଆମ ଅଭିଯୋଗକୁ ପ୍ରଧାନ ଶିକ୍ଷୟତ୍ରୀ ବି ଶୁଣୁନାହାନ୍ତି ।

ସ୍ଥିତି ଗମ୍ଭୀର ଦେଖି କୋରାପୁଟ ଉପଜିଲ୍ଲାପାଳ ପ୍ରମେଲାଲ ହିଆଲ, ତହସିଲଦାର ଓ ଅନ୍ୟ ଅଧିକାରୀ ଛାତ୍ରଛାତ୍ରୀଙ୍କ ନିକଟକୁ ଆସି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ ବି କୌଣସି ନିଷ୍କର୍ଷ ବାହାରି ପାରି ନଥିଲା । ବହୁ ଚର୍ଚ୍ଚା ପରେ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ଭେଟିବାକୁ ଜିଦ ଧରି ବସିଥିଲେ । ଶେଷରେ ଉପ ଜିଲ୍ଲାପାଳ, ତହସିଲଦାର, ବିଡ଼ିଓ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଛାତ୍ରଛାତ୍ରୀ ନିଜର ଅଭିଯୋଗ ପ୍ରକାଶ କରିଥିଲେ । ଅଭିଯୋଗ ଶୁଣାଯିବା ପରେ ଛାତ୍ର ଛାତ୍ରୀ ଅନୁରୋଧ କରିଥିଲେ କି ଆମ୍ଭେ କିଛି ସମୟ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଏକାନ୍ତରେ କଥାବାର୍ତ୍ତା କରିବୁ । ଅନୁରୋଧ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଏକାନ୍ତରେ ଅଭିଯୋଗ ଶୁଣିଥିଲେ । ତେବେ ଏଥିରୁ ସ୍ପଷ୍ଟ ହେଉଛି ଯେ ଛାତ୍ରଛାତ୍ରୀଙ୍କର କିଛି ଏଭଳି ସମସ୍ୟା ରହିଛି ଯାହା ସେମାନେ କାହା ଆଗରେ ପ୍ରକାଶ କରି ପାରୁନାହାନ୍ତି । ତେବେ ଛାତ୍ରଛାତ୍ରୀଙ୍କର ଏଭଳି ଏକାନ୍ତରେ ଅଭିଯୋଗ କହିବାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ଉପୁଜୁଛି । ଏମିତି କଣ ଅଭିଯୋଗ ଥିଲା ଯେ ଛାତ୍ର ଛାତ୍ରୀ ସମସ୍ତଙ୍କ ଆଗରେ ପ୍ରକାଶ କରିପାରିଲେ ନାହିଁ ! ଅଭିଯୋଗ ଶୁଣିବା ପରେ ଛାତ୍ରଛାତ୍ରୀଙ୍କୁ ବସ୍ରେ ପଠାଇ ଦିଆଯାଇଛି । ସ୍କୁଲ ପ୍ରଶାସନ ସହ ଆଲୋଚନା କରି ଯଥା ଶୀଘ୍ର ନୂତନ ଇତିହାସ ଶିକ୍ଷକ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଉପ ଜିଲ୍ଲାପାଳ । ଏହି ଘଟଣା ପରେ ନବୋଦୟ ବିଦ୍ୟାଳୟ ପ୍ରଶାସନ ପକ୍ଷରୁ କୌଣସି ଅଧିକାରିଙ୍କ ପ୍ରତିକ୍ରିୟା ମିଳିପାରି ନଥିଲା । ତେବେ ଛାତ୍ରଛାତ୍ରୀଙ୍କ ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନ ତଦନ୍ତ ଆରମ୍ଭ କରି ଯଥା ଶୀଘ୍ର ନୂତନ ଇତିହାସ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ସଙ୍କେତ ମିଳିଛି । ଏହିଭଳି ଘଟଣା ପୂର୍ବରୁ ଅନେକ ଥର ଦେଖିବାକୁ ମିଳିଛି, କିନ୍ତୁ ଏହିଭଳି ଏକାନ୍ତରେ ମିଶି ଛାତ୍ରଛାତ୍ରୀ ଅଭିଯୋଗ କହିବାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀ ଉପରେ ଆଙ୍ଗୁଳି ଉଠୁଛି ।

## ବିବାହ କରିବେ ଆଥଲେଟ୍ ଅମୀୟ ମଲିକ୍

**ନିଆଳି, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳିର ଓଡ଼ିଆ ପୁଅ ଓଡ଼ିଶାର ଷ୍ଟାର ଆଥଲେଟ ଅମୀୟ କୁମାର ମଲିକ । ଆସନ୍ତା ୨୨ ତାରିଖରେ ବିବାହ ବନ୍ଧନ ରେ ଆବଦ୍ଧ ହେବେ । ସେ ଶ୍ୱେତା ଅଲିଭିଙ୍କୁ ବିବାହ କରିବେ । ଶ୍ୱେତାଙ୍କ ଘର ମୁମ୍ବାଇରେ । ଆସନ୍ତା ୨୧ ତାରିଖରେ ଉଭୟଙ୍କର ନିର୍ବନ୍ଧ ଓ ହଳଦୀ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଉଭୟଙ୍କ ପରିବାର ସଦସ୍ୟ ଓ ବନ୍ଧୁ ବାନ୍ଧବ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଅମୀୟ କୁମାର ମଲିକ୍ ଓଡ଼ିଶାର କଟକ ଜିଲ୍ଲା ନିଆଳି ବ୍ଲକ୍ ଅଲଣା ପଂଚାୟତରେ ଜନ୍ମିତ । ତାଙ୍କ ମା' ଉକ୍ତ ପଞ୍ଚାୟତର ସରପଞ୍ଚ ଓ ବାପା ସରକାରୀ କର୍ମଚାରୀ । ଜଣେ ଦ୍ରୁତ ଧାବକ ଶହେ ମିଟର ଦୌଡ଼ ପ୍ରତିଯୋଗିତାରେ ତାଙ୍କ ନାମରେ ଜାତୀୟ ରେକର୍ଡ ରହିଛି । ୨୦୧୬ ମସିହାରେ ଦିଲ୍ଲୀଠାରେ ଶହେ ମିଟର ଦୌଡ଼ରେ ମାତ୍ର ୧୦. ୨୬ ସେକେଣ୍ଡରେ ଅତିକ୍ରମ କରି ସେ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ ।

## ଆଇନସେବା ସଚେତନତା ଶିବିର

**କେନ୍ଦ୍ରାପଡ଼ା, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ନିକିରାଇ ବୀର ହନୁମାନଜୀଉ ୨ମାଧ୍ୟମିକ ବିଦ୍ୟାଳୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ମୌଳିକ କର୍ତ୍ତବ୍ୟ, ପୋକ୍ସୋ ଆକ୍ଟ, ଜେଜେ (ସିପିସି)ଆକ୍ଟ ଏବଂ ପିଓଏସଏଚ ଆକ୍ଟ ଉପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଜ୍ଞା ପରମିତା ରାଉଳ ଯୋଗଦେଇ ପୋକ୍ସୋ ଆଇନି ଉପରେ ଛାତ୍ରଛାତ୍ରୀମାନଙ୍କୁ ବହୁମୂଲ୍ୟ ଉପଦେଶ ଦେଇଥିଲେ। ତତ୍ସହିତ ବିଭିନ୍ନ ପ୍ରକାର ଗଳ୍ପ ଓ ଉଦାହରଣ ଦେଇ ପିଲାମାନଙ୍କୁ ଏପରି ଅପରାଧରୁ କିପରି ନିବୃ ରହି ସୁସ୍ଥ ମାନସିକତା ସହିତ ସୁସ୍ଥ ସମାଜ ଗଢିବାରେ ସହାୟକ ହେବେ ଓ ଆଗାମୀ କାଲି ଭବିଷ୍ୟତ ନିର୍ମାଣରେ ଜଣେ ଜଣେ କର୍ଣ୍ଣଧାର ସାଜିବେ ଆହ୍ୱାନ ଦେଇଥିଲେ। ଅପରାଧ ଓ ଅପରାଧୀ ଏହି ବୟସରେ ଜଡିତ ନହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ତତସହିତ ବରିଷ୍ଠ ସିଭିଲଜଜ ଶୁଭଗୌମ ମିଶ୍ର, ଜେଏମଏଫସି ଦେବାଶିଷ ମିଶ୍ର, ପ୍ରୋବେସନ ଅଫିସର ସିମରନ ସୁକୁନିଆ, ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତ ବରାଳ, ରାଜନୀତି ବିଜ୍ଞାନ ମୁଖ୍ୟ ଡ. ଆଲୋକ କୁମାର ରାୟ, ଆଇସିସିର ସଦସ୍ୟ ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ। ତତସହିତ ଜେଜେ କୋର୍ଟର ସଦସ୍ୟ ଉପସ୍ଥିତ ରହି ଜେଜେ ସିପିସି ଆଇନ ଉପରେ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ସନ୍ତୋଷ କୁମାର ମହାପାତ୍ର ପରିଚାଳନା କରିଥିଲେ ।

## ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ବିଜ୍ଞାନ ଏବଂ କଳା ପ୍ରଦର୍ଶନୀ

**କେନ୍ଦ୍ରାପଡ଼ା, ୧୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଅକ୍ସଫୋର୍ଡ ଇରନ୍ୟାସନାଲ ସ୍କୁଲ, ଠାକୁରପାଟଣାର କରିଡରଗୁଡ଼ିକ ଶକ୍ତି ଏବଂ ନବସୃଜନରେ ଗୁଞ୍ଜରିତ ହୋଇଥିଲା କାରଣ ସ୍କୁଲ ଏହାର ବହୁ ପ୍ରତୀକ୍ଷିତ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ସଫଳତାର ସହିତ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମ ଏହାର ଛାତ୍ରଛାତ୍ରୀମାନଙ୍କର ଚତୁରତା ଏବଂ ସମାଲୋଚନାମୂଳକ ଚିନ୍ତାଧାରା ପ୍ରଦର୍ଶନ କରିଥିଲା, ଯାହା କ୍ୟାମ୍ପସକୁ ବୈଜ୍ଞାନିକ ଆବିଷ୍କାରର ଏକ ଗତିଶୀଳ କେନ୍ଦ୍ରରେ ପରିଣତ କରିଥିଲା। ସକାଳ ୧୦ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉପସ୍ଥାପିତ ୭୦ରୁ ଅଧିକ ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀଗୁଡ଼ିକ ବିଭିନ୍ନ କ୍ଷେତ୍ରକୁ କଭର କରିଥିଲା । ଛାତ୍ରଛାତ୍ରୀମାନେ ସେମାନଙ୍କର ଗଭୀର ବୁଝାମଣା ଏବଂ ଜଟିଳ ବୈଜ୍ଞାନିକ ଧାରଣାର ସ୍ପଷ୍ଟ ବ୍ୟାଖ୍ୟା ସହିତ ପରିଦର୍ଶକ ଏବଂ ବିଚାରକମାନଙ୍କୁ ପ୍ରଭାବିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଇତିଶ୍ରୀ ତ୍ରିପାଠି, ପ୍ରଧାନ ଶିକ୍ଷୟିତ୍ରୀ ସୋନାଲି ମହାପାତ୍ର, ଅଭିଭାବକ, ପ୍ରେସ ସଦସ୍ୟ ଏବଂ ଠାକୁରପାଟଣା କେନ୍ଦ୍ର ଅକ୍ସଫୋର୍ଡ ଇରନ୍ୟାସନାଲ ସ୍କୁଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଆନ୍ତଃ କଲେଜ ସନ୍ତରଣ ମ୍ୟାଚରେ ବାଙ୍କୀ କଲେଜ ଛାତ୍ରୀ ଉପବିଜେତା

**ବାଙ୍କୀ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ମହିଳା ସନ୍ତରଣ ଖେଳାଳି ଅଲିଭା ସାମଲ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଉପବିଜେତା ଭାବେ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବାଙ୍କୀ କଲେଜ କ୍ରୀଡା କ୍ଲବ ଉପସଭାପତି ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ଓ ଜିତେନ୍ଦ୍ର ଦେଓ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ୟୁଏନ୍ ଅଟୋକଲେଜ ଅଡଶପୁର ଠାରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ବିଭିନ୍ନ ସନ୍ତରଣ ପ୍ରତିଯୋଗିତାରେ ଭାଗନେଇ ଅଲିଭା ସାମଲ ଓ ସାଇଜ୍ୟୋତି ଦାସ ପୁରସ୍କୃତ ହୋଇଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.8466, date-10-11-2025. I Bibhuti bhushan Nayak, S/O-Rangadhar Nayak, Vill- Sanaora, Post./P. S. Rajnagar, Dist-Kendrapara, State-Odisha, PIN-754225, declare that, I have changed my minor son's name from Krishnaarpit Nayak to Krishna Arpita Nayak. Henceforth, he shall be known as Krishna Arpita Nayak for all purposes.

S/d-
Bibhuti Bhushan Nayak.

**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.8449, date- 10-11- 2025. I Rajkishor Barik,S/O- Ajay Barik ,Vill- Nachhipara, Post.-Gopalpur, P.S.-Rajnagar, Dist-Kendrapara, State-Odisha, pin-754225, declare that, I have changed my name from Rajkishor Das to Rajkishor Barik. Henceforth, I shall be known as Rajkishor Barik for all purposes.

S/d
Rajkishor Barik

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର

● ୧୧ ନଭେମ୍ବର ୨୦୨୫ ● ମଙ୍ଗଳବାର

# ମାଧବ ମନ୍ଦିରକୁ ଗଲା ତୁଳସୀ ଭାର



**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ହେଉଛି ମାର୍ଗଶିର ମାସ ଅଷ୍ଟମୀ ତିଥି । ଯାହା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପୋଢୁଁଆ ଅଷ୍ଟମୀ ପର୍ବ ଭାବେ ପାଳିତ ହୋଇଥାଏ । ପରିବାରର ଜ୍ୟୋଷ୍ଠ ସନ୍ତାନମାନଙ୍କ ପାଇଁ ମାମୁ ଘରୁ ଆସିଥାଏ ପୋଢୁଁଆଁ ଭାର । ନବ ବସ୍ତ୍ର ସହିତ ପିଠା ପଣା ଆସିଥାଏ ମାମୁଁ ଘରୁ । ସେହି ପରମ୍ପରା ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିରରେ ପ୍ରଚଳିତ ରହି ଆସିଛି । ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିର ହେଉଛି ଶ୍ରୀଜଗନ୍ନାଥଙ୍କ ମାମୁ ଘର । ପ୍ରତିବର୍ଷ ପୋଢୁଁଆ ଅଷ୍ଟମୀ ପୂର୍ବ ଦିନ ମାଧବ ମନ୍ଦିରରୁ ତୁଳସୀ, ଫଳ ମୂଳ, ଚନ୍ଦନ କାଠ, ପାଟ ବସ୍ତ୍ର, ଗୀତ ଗୋବିନ୍ଦ ଖଣ୍ଡୁଆ ପ୍ରଭୃତି ଭାର ମାଧବ ମନ୍ଦିର ସେବକ, ଜଗନ୍ନାଥ ପ୍ରେମୀ, ମାଧବ ପ୍ରେମୀମାନେ ଏକ ଶୋଭାଯାତ୍ରାରେ ପୁରୀ ଶ୍ରୀକ୍ଷେତ୍ର ନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ପ୍ରଦାନ କରିଥାନ୍ତି । ଏହି ଭାରରେ ଯେଉଁ ତୁଳସୀ ଯାଇଥାଏ ତାକୁ ନିମାପଡ଼ା ବ୍ଲକ ତୁଳସୀପୁର ଗ୍ରାମର ଜଗନ୍ନାଥ ପ୍ରେମୀମାନେ ମାଧବ ମନ୍ଦିରକୁ ଯୋଗାଇଥାନ୍ତି । ଆଜି ତୁଳସୀପୁରର ବାବା ବୃନ୍ଦାବନ ମଠରୁ ଶ୍ରଦ୍ଧାଳୁମାନେ ତୁଳସୀ, ଫଳ ମୂଳ ସବୁ ଭାରରେ ଲଦି ଏକ ଶୋଭାଯାତ୍ରାରେ ମାଧବ ମନ୍ଦିରକୁ ନେଇଥିଲେ । ଶ୍ରୀଜଗନ୍ନାଥ ଓ ଶ୍ରୀମାଧବାନନ୍ଦ ଧ୍ୱନୀରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା । ତୁଳସୀପୁର ଗ୍ରାମରୁ ଶ୍ରୀଜଗନ୍ନାଥଙ୍କ ପାଇଁ ତୁଳସୀ ଭାର ଯିବା ପରମ୍ପରା ପୁନଃ ପ୍ରଚଳନ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ମାଧବ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ପାଇଁ ଯାଉଥିବା ପୋଢୁଁଆ ଭାର ପାଇଁ ପ୍ରତିବର୍ଷ ତୁଳସୀପୁର ଅଞ୍ଚଳରୁ ତୁଳସୀ ଯୋଗାଇ ଦିଆଯିବ ବୋଲି ଶ୍ରଦ୍ଧାଳୁ ଭକ୍ତମାନେ ପ୍ରକାଶ କରିଛନ୍ତି । ଏହି ଭାର ଯିବା ସମୟରେ ରଘୁନାଥ ବେହେରା, ସୁରେନ୍ଦ୍ର ଭୋଇ, ସନ୍ତୋଷ ଦାଶ, ପ୍ରଶାନ୍ତ ଦେବ ଗୋସ୍ୱାମୀ, ଅରକ୍ଷୀତ ଭୋଇ, ରତ୍ନାକର ଦାସ, କୁନା ବେହେରା, ପ୍ରତାପ ସାହୁ, ସୁରେନ୍ଦ୍ର ବେହେରା, ରଜନୀକାନ୍ତ ସେନ, ଆଲୋକ ତ୍ରିପାଠୀ, ପ୍ରଶାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ ।

# ଆଦର୍ଶ ଶିକ୍ଷୟିତ୍ରୀଙ୍କ ପରଲୋକ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଚୌଦ୍ୱାର ଓ.ଟି.ଏମ୍. ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ଆଲୋକ ଶତପଥୀଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି ।



ପିତା ଆଡ଼ଭୋକେଟ୍ ଇନ୍ଦ୍ରମଣି ମିଶ୍ର ଓ ରାଜମଣି ଦେବୀଙ୍କ କୋଳମଣ୍ଡନ କରି କଟକଠାରେ ୭ ଫେବୃଆରୀ ୧୯୪୩ରେ ଶ୍ରୀମତୀ ଶତପଥୀ ଜନ୍ମଲାଭ କରିଥିଲେ । ରେଭେନ୍ସା ଗାର୍ଲସ ହାଇସ୍କୁଲ, ଶୈଳବାଳା ମହିଳା ମହାବିଦ୍ୟାଳୟ, ରାଧାନାଥ ଟ୍ରେନିଂ କଲେଜରେ ଉଚ୍ଚଶିକ୍ଷା ଲାଭକରିବା ପରେ ଦୀର୍ଘ ୩୩ବର୍ଷ କାଳ ଚୌଦ୍ୱାର ଓ.ଟି.ଏମ୍. ହାଇସ୍କୁଲରେ ଶିକ୍ଷକତା କରିବା ପରେ ଅବସର ଗ୍ରହଣ କରି ଆଚାର୍ଯ୍ୟବିହାର, ଭୁବନେଶ୍ୱରସ୍ଥିତ ବାସଭବନରେ ଅବସ୍ଥାନ କରୁଥିଲେ । ପୂର୍ବରୁ ତାଙ୍କର ସ୍ୱାମୀ ଚୌଦ୍ୱାର ଟେକ୍ନିକାଲ୍ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଶତପଥୀଙ୍କର ଦେହାନ୍ତ ହୋଇଯାଇଛି । ଜଣେ ଆଦର୍ଶ, କର୍ମଠ ତଥା ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବରେ ତାଙ୍କର ସୁନାମ ରହିଛି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିବାବେଳେ ମଧ୍ୟମ ପୁତ୍ର ଡ. ଅମ୍ବରୀଶ ଶତପଥୀ ମୁଖାଗ୍ନି ଦେଇଥିଲେ । ସେ କିଡ୍‌ନୀ ଜନିତ ରୋଗରେ ଚିକିତ୍ସିତ ଅବସ୍ଥାରେ ୮୩ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁ ସମୟରେ ତାଙ୍କ ନିକଟରେ ପୁତ୍ରବଧୂ ଅଧ୍ୟାପିକା ଡ. ଆର୍. ସ୍ୱରୂପା, ରୁବି ଶତପଥୀ, ନାତି ବୋଧିସତ୍ତ୍ୱ ଶତପଥୀ, ଦତ୍ତାତ୍ରେୟ ଶତପଥୀ, ନାତୁଣୀ ହର୍ଷା ଶତପଥୀ ତଥା ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

# ବେଆଇନ ଇଟାଭାଟି ବୃଦ୍ଧିକୁ ନେଇ ଅସନ୍ତୋଷ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶହଶହ ମାଟି ଇଟାଭାଟିଗୁଡିକ ଗଢି ଉଠିଥିବା ବେଳେ ତା'ସହ ତାଳ ଦେଇ ସଂରକ୍ଷିତ ଜଙ୍ଗଲ ଜମି, ଗୋଚର ଜାଗା ଓ ନଦୀ ପଠାରେ ଯିଏ ଯେଉଁଠି ପାରିଲା ସେଠି ମାଟି ଓ ସିମେଣ୍ଟ ଇଟା ପ୍ରସ୍ତୁତ କଲା ସେଥିରେ କିଛି ଯା ଆସ ନାହିଁ । ଖଣ୍ଡପଡ଼ା ତହସିଲ ଅଫିସ୍‌ରେ କାର୍ଯ୍ୟରତ କେତେକ ଦୁର୍ନୀତିଖୋର କର୍ମଚାରୀଙ୍କ ଯୋଗୁଁ ବେଆଇନ ଭାବେ ସବୁଠି ଛତୁ ଫୁଟିଲା ପରି ଇଟା ଭାଟିଗୁଡିକ ଗଢ଼ି ଉଠିଥିବା ଅଭିଯୋଗ ହେଉଛି । ଏବେ ସେଗୁଡିକ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି । ଏ ନେଇ ଖଣ୍ଡପଡ଼ା ଅଞ୍ଚଳର ପରିବେଶବିତମାନେ ଘୋର ଉଦବେଗ ପ୍ରକାଶ କରିଥିବା ବେଳେ ସମୟାନୁକ୍ରମେ ଜଙ୍ଗଲ ସମ୍ପଦ କ୍ଷୟ ହେବାରେ ଲାଗିଛି । ପ୍ରତିବର୍ଷ ନଭେମ୍ବରରୁ ଜୁନ ମାସ ପର୍ଯ୍ୟନ୍ତ ଇଟା ବେପାରୀଙ୍କ ରାଜ ଖଣ୍ଡପଡ଼ା ଅଞ୍ଚଳରେ ଚାଲୁଥିବାରୁ ଏ ବାବଦରେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି । ଖଣ୍ଡପଡା ତହସିଲ ଅଧିନ ଶିଖରପୁର, ଖଳିସାହି, ସିଂଘାପଡା ମର୍ଦ୍ଦରାଜପୁର, ବେଣାଗାଡିଆ, ଯୋଗିଆପଲ୍ଲୀ, କିଆଝର, କର୍ଣ୍ଣିଲୋ, ବାଣପୁର ଗଡିଆସାହି, କୁମ୍ଭାରପଡା, ବନମାଳୀପୁର ପ୍ରଭୃତି ପଞ୍ଚାୟତ ଅଧିନ ଗ୍ରାମଗୁଡିକରେ ମାଳମାଳ ଇଟାଭାଟି ପୋଡା ଚାଲିଥିବା ନଜରକୁ ଆସୁଛି । ଖଣ୍ଡପଡା ତହସିଲ ଅଧିନରେ ୭ଟି ରାଜସ୍ୱ ନିରୀକ୍ଷକ ସର୍କଲ ରହିଥିବା ବେଳେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକମାନେ ବେଆଇନ ଭାବେ ଚାଲିଥିବା ଇଟା ଭାଟିଗୁଡିକ ପ୍ରତି ଦୃଷ୍ଟି ନଦେଇ ଆଖି ବୁଜିଦେଇ ଥିବା ଅଭିଯୋଗ ହେଉଛି । ରାଜସ୍ୱ ନିରୀକ୍ଷକମାନେ ସମୟେ ସମୟେ ଲୋକଦେଖାଣିଆ ଭାବେ ଚଢ଼ାଉ କରି ଇଟାଭାଟି ମାଲିକଙ୍କ ଠାରୁ ଜୋରିମାନା ବାବଦରେ କିଛି ପରିମାଣର ଅର୍ଥ ଆଦାୟ କରୁଥିବା ଜଣାପଡିଛି । ଏଥିପ୍ରତି ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କୁ ପଚାରିବାରେ ଉପରୋକ୍ତ ଅଭିଯୋଗ ପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# କଟକରେ ପରିବା ଚାଷ ବୁଲି ଦେଖିଲେ କେନ୍ଦ୍ର କୃଷି ମନ୍ତ୍ରୀ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ରାଜହଂସ ଗ୍ରାମରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । କଟକ ଗସ୍ତରେ ଆସିଥିବା ବେଳେ ପରିବା ଚାଷ ହେଉଥିବା ଅଂଚଳ ଶ୍ରୀ ଚୌହାନ ବୁଲି ଦେଖିଥିଲେ । ବିଶେଷକରି ଏହି ଅଂଚଳରେ ହେଉଥିବା ପରିବା ଚାଷକୁ ବୁଲି ଦେଖିବା ସହ ଚାଷର ପଦ୍ଧତି ସଂପର୍କରେ ପଚାରି ବୁଝିଥିଲେ । ଏହାପରେ ଚାଷୀମାନଙ୍କ ସହ ବସି ସେ ଆଲୋଚନା କରିଥିଲେ । ସାଂପ୍ରତିକ ସମୟରେ ଉନ୍ନତ ଜ୍ଞାନକୌଶଳରେ ଚାଷ କରାଯାଉଥିବା ବେଳେ ଆଗକୁ କିଭଳି ଭାବେ ଏହି ଅଂଚଳରେ କିପରି ତାହାକୁ ଅନୁସରଣ କରାଯିବ ସେ ସଂପର୍କରେ ପଚାରି ବୁଝିଥିଲେ । ବିଶେଷ କରି ସୋଲାର ଶକ୍ତିକୁ କିଭଳି ବ୍ୟବହାର କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା କଥା କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି । ଅପର ପକ୍ଷରେ ଚାଷୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ନିଜର ଅସୁବିଧା ସଂପର୍କରେ ଅବଗତ କରାଯାଇଥିଲେ ।

# କଟକ ସହରରେ ୨୩୧ ଅସୁରକ୍ଷିତ ଅଟ୍ଟାଳିକା ଚିହ୍ନଟ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ମଣିସାହୁ ଛକ ଅଘଟଣ ପରେ ସହର ଭିତରେ କେତେ ଅସୁରକ୍ଷିତ କୋଠା ରହିଛି, ସେ ନେଇ ପ୍ରଶାସନ ବେଫିକର ଥିବା ପରି ମନେହେଉଛି । ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ କି, କଟକ ମହାନଗର ନିଗମର ପୁରୁଣା କୋଠା ଏବେ ବି ଅସୁରକ୍ଷିତ ଭାବେ ଠିଆ ହୋଇଛି । ଏହା ଭିତରେ ସରକାରୀ କାର୍ଯ୍ୟ ବି ହେଉଛି । ଅପର ପକ୍ଷରେ ମେୟର କହିଲେ ପୁରୁଣା କୋଠା କାମରେ ଲାଗୁନି । ଖୁବ ଶିଘ୍ର ଏହାକୁ ଭାଙ୍ଗି ଦେବୁ । କିନ୍ତୁ କେବେ ଭଂଗାଯିବ ସଠିକ ତାରିଖ ବାବଦରେ ମେୟର କିଛି ସୂଚନା ଦେଇନଥିଲେ । ତେବେ ରିଏଲିଟି ଚେକ ବେଳେ ଜଣାପଡ଼ିଲା, ବ୍ରିଟିଶ ଅମଳର ଏହି ଅସୁରକ୍ଷିତ କୋଠାରେ ଷ୍ଟୋରରୁମ ରହିଛି । ୨ ଜଣ କର୍ମଚାରୀ ମଧ୍ୟ କାମ କରୁଛନ୍ତି । ପୁଣି ଏହି ବିଲ୍ଡିଂରେ ଅର୍ବାନ କୋଅପରେଟିଭ ବ୍ୟାଙ୍କ ଚାଲିଛି । ତେଣୁ ପ୍ରଶ୍ନ ହେଲା, ଯେବେ ସିଏମସି ଅକ୍ତିଆରରେ ଥିବା ଅସୁରକ୍ଷିତ କୋଠା ଭଂଗା ଯାଇ ପାରୁନାହିଁ, ସେତେବେଳେ ବ୍ୟକ୍ତିଗତ ମାଲିକାନାରେ ଥିବା ଅସୁରକ୍ଷିତ ବିଲ୍ଡିଂ ବାବଦରେ କିଏବା ଚିନ୍ତା କରିବ ? ମଣିସାହୁ ଛକ ଅଘଟଣ ଘଟଣାର ତଦନ୍ତ ରିର୍ପୋଟ ୨୪ ଘଣ୍ଟା ଭିତରେ ଦେବାଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ଅଘଟଣର ତଦନ୍ତ ସରିନଥିବା ଜଣାପଡ଼ିଛି । କେବେ ତଦନ୍ତ ଶେଷ ହେବ ଏ ବିଷୟରେ ସ୍ପଷ୍ଟ ସୂଚନା ମିଳିନାହିଁ । ତେବେ ଆଜି ସୁଦ୍ଧା କଟକ ସହରରେ ମୋଟ ୨୩୧ଟି ଅସୁରକ୍ଷିତ ଅଟ୍ଟାଳିକା ରହିଥିବା ପ୍ରଶାସନ ଚିହ୍ନଟ କରିଛି । ସେଥିମଧ୍ୟରୁ ୮ଟି ସରକାରୀ କୋଠା ଭାଙ୍ଗିବା ଲାଗି ପ୍ରଶାସନ ନିର୍ଦ୍ଦେଶ ମଧ୍ୟ ଦେଇସାରିଛି । ହେଲେ ନିଉ ଏଲଆଇସି କଲୋନୀରେ ଥିବା ସିଏମସିର ବିଲ୍ଡିଂ ପୂର୍ବଭଳି ମୁଣ୍ଡଟେକି ଠିଆ ହୋଇଛି । ଯଦିଓ ଏଠାରେ କେହି ବସବାସ କରୁନାହାନ୍ତି, ତାହାର ଅର୍ଥ ନୁହେଁ ଯେ କୋଠା ଗୁଡ଼ିକୁ ଏଭଳି ଅସୁରକ୍ଷିତ ଭାବେ ଛାଡ଼ି ଦିଆଯିବ । ଇତି ମଧ୍ୟରେ କଟକ ଏଡିଏମ କହିଛନ୍ତି ଯେ, ତହସିଲଦାର ମଣିସାହୁ ଛକ ଅଘଟଣ ବାବଦରେ ରିର୍ପୋଟ ଦେଇସାରିଛନ୍ତି । ଏହି ଅଘଟଣରେ ଶିକାର ହୋଇଥିବା ପରିବାରକୁ ଶିଘ୍ର କ୍ଷତିପୂରଣ ରାଶି ମିଳିବ ବୋଲି ଏଡିଏମ ସୂଚନା ଦେଇଛନ୍ତି । ତେବେ ପ୍ରଶାସନିକ ତଦନ୍ତ ରିର୍ପୋଟ ବାବଦରେ ଏଡିଏମ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି ।

# ଶୀତଳ ଭଣ୍ଡାରର ଆବଶ୍ୟକତାକୁ ସରକାରଙ୍କ ଅଣଦେଖା

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବିକାଶ ବିକାଶ ବିକାଶ ଚାରିଆଡେ ଚାଲିଛି ବିକାଶର ନାରା, ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲିବୁଲି ସମୟକୁ ବିତାଇ ଦେଉଛନ୍ତି । ଏଥିପାଇଁ କୃଷି ଉତ୍ପାଦନ କମୁଛି, ମାତ୍ର ଜନସଂଖ୍ୟା ବଢ଼ିବଢ଼ି ଚାଲୁଛି । ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି । ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ । ମୁଖ୍ୟତଃ ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଚଢ଼ା ଦାମରେ ବିକ୍ରି ହେଉଛି । ବୈଶିଙ୍ଗାଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢ଼ାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ୍ୟ ବଳକା ପନି ପରିବା ସାଇତା ଯାଇ ପାରନ୍ତା । ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢ଼ି ନଷ୍ଟ ହୋଇଯାଉଛି । ଏଥି ପାଇଁ ଚାଷୀମାନଙ୍କୁ ଲକ୍ଷଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ୁଛି । ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ବିଭିନ୍ନ ଯୋଜନାରେ ସରକାର କୋଟି କୋଟି ଟଙ୍କା ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି । ଏହି ଶୀତଳ ଭଣ୍ଡାରକୁ ଯଦି ଏହିଭଳି ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଏଥି ପ୍ରତି ଧ୍ୟାନ ଦିଆ ଯାଇ ପାରନ୍ତା ତେବେ ଚାଷୀ କୂଳ ଉପକୃତ ହୋଇ ପାରନ୍ତେ ।

# ସର୍ଭିସ ରୋଡ଼ ପ୍ରଶସ୍ତିକରଣକୁ ବିରୋଧ




**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

୨୦ନଂ ଜାତୀୟ ରାଜପଥ ସର୍ଭିସ ରୋଡ଼ ପ୍ରଶସ୍ତିକରଣକୁ ବିରୋଧ କରି ବିରୋଧୀ ମଂଚ ପକ୍ଷରୁ ସୋମବାର ଦିନ ଏକ ଜନସମାବେଶ ହୋଇଥିଲା । ଜାତୀୟ ରାଜପଥ ସର୍ଭିସ ରୋଡ଼ ପ୍ରଶସ୍ତିକରଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରୁଛନ୍ତି । ଜାତୀୟ ରାଜପଥ ୨ଲେନ୍ ବିଶିଷ୍ଟ ହୋଇଛି । ଏହା ଏକ ଜାତୀୟ ରାଜପଥ ପ୍ରକଳ୍ପ ହିସାବରେ ଭାରତ ସରକାରଙ୍କ ତ୍ୱରନ୍ତ କାର୍ଯ୍ୟ ସମ୍ପାଦନା କରିବା ପାଇଁ ଚେଷ୍ଟା କରାଯାଇଛି । ସେହି କ୍ଷେତ୍ରରେ ସର୍ଭିସ ରୋଡ଼ ରାଜ୍ୟ ସରକାରଙ୍କ ଅଧିନରେ ଥାଇ ୮ଲେନ ବିଶିଷ୍ଟ ହେବା ପ୍ରକଳ୍ପ ସମସ୍ତ ସ୍ଥାୟୀ ବାସିନ୍ଦା ଏହାକୁ ଘୋର ବିରୋଧ କରୁଛନ୍ତି । ଏହି ରାସ୍ତା ଦ୍ୱାରା ୫ଶହରୁ ଉର୍ଦ୍ଧ୍ୱ ପରିବାର ନିଜର ଭିଟାମାଟି ହରାଇବା ସହ ବ୍ୟବସାୟରେ ବ୍ୟବହୃତ ଗୃହ ଗୁଡ଼ିକ ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇଯିବ । ଏପରିକି ଶିକ୍ଷାନୁଷ୍ଠାନ ଗୁଡ଼ିକ ଉଚ୍ଛେଦ ହେବା ସହ ବ୍ୟାଙ୍କ ମଧ୍ୟ ପ୍ରଶସ୍ତିକରଣରେ ପ୍ରଭାବିତ ହେବ । ବୁଢ଼ାଘାଟ ଠାରୁ ମାନସାପୋଲ ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରିବାର ଉଦେଶ୍ୟ କ'ଣ ଥାଇପାରେ ବୋଲି ବିରୋଧ କରୁଥିବା ବ୍ୟକ୍ତି ବିଶେଷ ପଚାରିବା ସହ ରାଜ୍ୟ ସରକାର ଏ ପ୍ରକାର ଜନ ବିରୋଧୀ କାର୍ଯ୍ୟକଳାପ ଠାରୁ ଦୂରେଇ ରହିବାକୁ ମଂଚରେ ଚେତାବନୀ ଦେଇଥିଲା । ମାତ୍ର ୪ କିମି ରାସ୍ତାକୁ ୮ଲେନ୍ କରିବା ପଛରେ କି ରହସ୍ୟ ଲୁଚିଛି ତାକୁ ମଂଚ ବିରୋଧ କରିଛି । ସରକାର ଓ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଏକ ବୃହତ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସର୍ଭିସ ରୋଡ଼ ପ୍ରଶସ୍ତିକରଣ ବିରୋଧି ମଂଚ ଚେତାବନୀ ଦେଇଥିଲେ । ବିରୋଧୀ ମଂଚର ସଭାପତି ପ୍ରଭୁପ୍ରସାଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିମ୍ବାଧର ପଣ୍ଡା, ନିରଞ୍ଜନ ମହାରଣା, ନୃସିଂହ ଚରଣ ଶତପଥୀ, ବାବାଜୀ ଚରଣ ସାହୁ, ମହେଶ୍ୱର ମାହୁନ୍ତ, ଭରତ ଚନ୍ଦ୍ର ସାହୁ, ସୁମିତ୍ରା ପଣ୍ଡା, ଅବଦୁଲ ବସ୍ତିଆ, ଜୟନ୍ତୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

# ସେବା ପ୍ରତି ସମର୍ପଣ ଓ ସେବାରେ ନିୟୋଜିତ ହେବା ଆମର ଶକ୍ତି: ଆଚାର୍ଯ୍ୟ ବାଳକୃଷ୍ଣ

**ହରିଦ୍ୱାର:ଏକ୍ସପ୍ରେସ୍ ନ୍ୟୁଜ୍**




ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଳକୃଷ୍ଣ, ଉତ୍ତରାଖଣ୍ଡର ଅଗ୍ରଣୀ ବିଶ୍ୱବିଦ୍ୟାଳୟ, ୟୁପିଇଏସ୍ (ପେଟ୍ରୋଲିୟମ୍ ଏବଂ ଶକ୍ତି ଅଧ୍ୟୟନ ବିଶ୍ୱବିଦ୍ୟାଳୟ)ର ସ୍କୁଲ ଅଫ୍ ବିଜନେସ୍‌ର ୨୩ତମ ସମାବର୍ତ୍ତନରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ, ଯାହା କେବଳ ଜାତୀୟ ସ୍ତରରେ ନୁହେଁ ବରଂ ବିଶ୍ୱ ସ୍ତରରେ ସ୍ଥାନ ପାଇଛି । ତାଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ତାଙ୍କୁ ସର୍ବୋଚ୍ଚ ଶୈକ୍ଷିକ ଡିଗ୍ରୀ ଡକ୍ଟର ଅଫ୍ ଫିଲୋସୋଫି (ପିଏଚ୍.ଡି., ସମ୍ମାନଜନକ ଡିଗ୍ରୀ)ରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପହଞ୍ଚିବା ପରେ, ଆଚାର୍ଯ୍ୟଜୀଙ୍କୁ ୟୁପିଇଏସ୍ ପରିଚାଳନା, ଛାତ୍ର ଏବଂ ଅଧ୍ୟାପକମାନେ ସ୍ୱାଗତ କରିଥିଲେ ।

ଏହି ଅବସରରେ ଛାତ୍ରମାନଙ୍କୁ ସମ୍ବୋଧିତ କରି ଆଚାର୍ଯ୍ୟ କହିଥିଲେ ଯେ ସେବାରେ ନିରନ୍ତରତା, ସେବା ପ୍ରତି ସମର୍ପଣ ଏବଂ ସେବାରେ ନିୟୋଜିତ ହେବା ଆମର ଶକ୍ତି । ପୂଜ୍ୟ ସ୍ୱାମୀଜୀଙ୍କ ନେତୃତ୍ୱରେ, ପତଞ୍ଜଳି ଲକ୍ଷଲକ୍ଷ ପତଞ୍ଜଳି ଭାଇଭଉଣୀଙ୍କ କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ମାଧ୍ୟମରେ ବିଶ୍ୱବ୍ୟାପୀ ସେବା ପଦକ୍ଷେପକୁ କାର୍ଯ୍ୟକାରୀ କରୁଛି । ସେ କହିଥିଲେ ଯେ ଏପରି ସମ୍ମାନ ଆମକୁ ଆମର ସେବା ପ୍ରୟାସକୁ ଆଗକୁ ବଢ଼ାଇବାକୁ ପ୍ରେରଣା ଦିଏ ।

କାର୍ଯ୍ୟକ୍ରମରେ, ୟୁପିଇଏସ୍ ଭାଇସ୍-ଚାନ୍ସେଲର ଡକ୍ଟର ରାମ ଶର୍ମା ଆଚାର୍ଯ୍ୟଜୀଙ୍କ ମାନବତା ସେବା ପ୍ରତି ସମର୍ପଣ ଏବଂ ନିସ୍ୱାର୍ଥପର ଅବଦାନକୁ ପ୍ରଶଂସା କରିଥିଲେ । ଶ୍ରୀ ଶର୍ମା କହିଥିଲେ ଯେ ତାଙ୍କଠାରୁ ପ୍ରେରଣା ପାଇ ସ୍ନାତକ ଛାତ୍ରଛାତ୍ରୀମାନେ ନୂତନ ଶକ୍ତି ସହିତ ସେମାନଙ୍କ ଜୀବନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରିବାକୁ ପ୍ରେରଣା ପାଇବେ । ସେ କହିଥିଲେ ଯେ ଆଚାର୍ଯ୍ୟ ଜୀଙ୍କ ସକ୍ଷମ ନେତୃତ୍ୱରେ, ପତଞ୍ଜଳି ମଡେଲ୍ ଦେଶର ଏକ ଅଗ୍ରଣୀ ବ୍ୟବସାୟ ମଡେଲ୍ ପାଲଟିଛି । ଭାରତୀୟ ପରମ୍ପରା ସହିତ, ପତଞ୍ଜଳି ମଡେଲ୍ ଗ୍ରାହକଙ୍କ ବିଶ୍ୱାସକୁ ଆହୁରି ମଜବୁତ କରେ । ଦେଶ ସାରା ପ୍ରସିଦ୍ଧ ଉଦ୍ୟୋଗୀମାନେ ପତଞ୍ଜଳି ମଡେଲ୍‌ରୁ ପ୍ରେରଣା ପାଉଛନ୍ତି ।

ଏହି ସମ୍ମାନ ପାଇଁ, ଆଚାର୍ଯ୍ୟ ଜୀ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସୁନୀଲ ରାୟ, ଭାଇସ୍ ଚାନ୍ସେଲର ଡକ୍ଟର ରାମ ଶର୍ମା, ପ୍ରୋ ଭାଇସ୍ ଚାନ୍ସେଲର ଡକ୍ଟର ଜୟ ଶଙ୍କର, ରେଜିଷ୍ଟ୍ରାର, ପ୍ରଫେସର ମନୀଷ ମଦନ, ସ୍କୁଲ ଅଫ୍ ବିଜନେସ୍ ନିର୍ଦ୍ଦେଶକ, ପ୍ରଫେସର ରାହୁଲ ନୈନୱାଲ, ରିସର୍ଚ୍ଚ ଡିନ୍, ଡକ୍ଟର ଅଶ୍ୱିନୀ ନାଙ୍ଗିଆ, ଶ୍ଲୁମ୍ବର୍ଜରର ଏମଡି, ଲଳିତ ଅଗ୍ରୱାଲ, ଏକାଡେମିକ୍ କାଉନସିଲ୍ ଏବଂ ଗଭର୍ଣ୍ଣିଂ ବଡିର ସଦସ୍ୟ ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଆଞ୍ଚଳିକ ପାଣ୍ଡରା ମାଳି ସମାଜର ସାଧାରଣ ସଭା

**ଜୁନାଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବେଲଗୁଡ଼ା ଧାନ ମଣ୍ଡିଠାରେ ଜିଲ୍ଲା ପରିଷଦ ଜୋନ ୨ ଆଞ୍ଚଳିକ କମିଟିର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ କଳାହାଣ୍ଡି ପଣ୍ଡରା ମାଳି ସେବା ସଂଘର ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ନାଏକ ସଭାପତିତ୍ୱ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରକାଶ ଚନ୍ଦ୍ର ବଣିଆ, ମୁଖ୍ୟ ବକ୍ତା ଭାବେ ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ, ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ସଭାପତି ଈଶ୍ୱର ପୁଝାରୀ, ପାଣ୍ଡରା ମାଳି ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ସମ୍ପାଦକ ଲୋକେଶ ନାଏକ ଓ କାରଗିଲ ବଣିଆ ଏବଂ ସମ୍ମାନିତ ଅତିଥି ଭାବେ ଅଜାମ୍ବିଲ ପୁଝାରୀ, ବିଷ୍ଣୁ ପ୍ରସାଦ ନାଏକ, ଧନୁର୍ଯ୍ୟ ମାଝୀ, ଧର୍ମାନନ୍ଦ ନାଏକ, ପୁରୁଷୋତ୍ତମ ନାଏକ, ଭିଷ୍ମରଥି ନାଏକ, ଧନେଶ୍ୱର ନାଏକ, ବାଲ୍ମୀକି ନାଏକ, କୁମୁଦ ଚନ୍ଦ୍ର ମାଝୀ, ଉମ୍ବରୁଧର ମଶ୍ରା, କାନ୍ତ ନାଏକ, ଧବଳେଶ୍ୱର ବଣିଆ ଯୋଗଦାନ କରିଥିଲେ । ଏହି ସଭାରେ ୨୫୦ଜଣ ମହିଳା ପୁରୁଷ ବନ୍ଧୁ ବର୍ଗ ଯୋଗଦାନ କରି ଥିଲେ । ସ୍ୱାଗତ ଭାଷଣ ଶିକ୍ଷାବିତ୍ ଭୀଷ୍ମ ରଥି ନାଏକ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପ୍ରଦାନ କରାଯାଇଥିଲା । ଏହି ସଭାରେ ଜୋନ ସ୍ତରୀୟ ଆଞ୍ଚଳିକ କମିଟି ଗଠନ କରାଯାଇଛି । ସଭାପତି ଭାବେ ସୀତାକାନ୍ତ ନାଏକ, ସମ୍ପାଦକ ଭାବେ ଋଷି ମଣି ନାଏକ, ସହ ସମ୍ପାଦକ ଭାବେ ଦୁଷ୍ମନ୍ତ କୁମାର ନାଏକ, କୋଷାଧକ୍ଷ ଭାବେ ରାହାସ ବିହାରୀ ନାଏକ ସର୍ବସମ୍ମତି କ୍ରମେ ମନୋନୀତ କରା ଯାଇ ଥିଲା । ଉପଦେଷ୍ଟା କମିଟି ମଧ୍ୟରୁ ଭୀଷ୍ମ ରଥି ନାଏକ, ସତ୍ୟ ନାରାୟଣ ଚଲାନ, କୈବଲ୍ୟ ଚଲାନ, ଭୂଜବଲ ନାଏକ, ପୁରୁଷୋତ୍ତମ ନାଏକ, କାନ୍ତ ନାଏକ, ଶେଷଦେବ ମାଝୀ, ଭବାନୀ ଶଙ୍କର ନାଏକ, କୁମୁଦ ମାଝୀ, ଦିବ୍ୟ ମସ୍ରା ମନୋନୀତ ହୋଇଥିଲେ । ରାମ ବିହାରି ନାଏକ, ଉଦ୍ଧବ ନାଏକ, ଈଶ୍ୱର ମାଝୀ, ଭାବ ଗ୍ରାହୀ ନାଏକ, ଦିନ ବନ୍ଧୁ ନାଏକ, ଭୂରିଶ୍ରବା ଝାଙ୍କର, ଗୋପବନ୍ଧୁ ନାଏକ, ପଞ୍ଚାନନ ଝାଙ୍କର, କନ୍ଦ୍ରେଶ୍ୱର ନାଏକ, ଦାମୋଦର ନାଏକ ବିଶେଷ ସହଯୋଗ କରି ଥିଲେ । ପରିଶେଷରେ ଦୁଷ୍ମନ୍ତ କୁମାର ନାଏକ ଧନ୍ୟବାଦ କରିଥିଲେ ।

# ରାଘବପାଲିରେ ୫ ଦିନିଆ କ୍ରିକେଟ



**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ରାଘବପାଲି ଗ୍ରାମ ଖେଳ ପଡିଆରେ ରାମଜୀ କ୍ରିକେଟ କ୍ଲବ ରାଘବପାଲି ତରଫରୁ ପାଂଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଆନ୍ତର୍ଜାତୀୟ କରାଟେ କୋଚ ତଥା ଯୁବ ସମାଜସେବୀ ଅସୀମ କୁମାର ଭୋଇ ମୁଖ୍ୟ ଅତିଥି ରୂପେ ଯୋଗଦାନ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିବସରେ ବନ୍ଧପଡା ସଙ୍ଗେ କୁରେଲବାହାଲି ଓ ସର୍ଗିପାଲି ସଙ୍ଗେ ମଲମୁଣ୍ଡା ମଧ୍ୟରେ ମ୍ୟାଚ ହୋଇଥିବା ବେଳେ ବନ୍ଧପଡା କ୍ରିକେଟ ଟିମ୍ ସେମି ଫାଇନାଲ କୁ ପ୍ରବେଶ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଅଭୟ, ଦିନବନ୍ଧୁ, ବିକ୍ରାଙ୍କ, ଆକାଶ, ଶଙ୍କର, ଶ୍ୟାମ, ପ୍ରମୋଦ, ରୋହିତ, ଲୋକନାଥ, ପ୍ରଶାନ୍ତ ଓ ରଜତ ସହଯୋଗ କରିଥିଲେ ।

# ପ୍ରତିଭା ପୂଜନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା



**ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିଭାଦୀପ୍ତ ବ୍ୟକ୍ତିମାନଙ୍କୁ ସମାଜ ରାଷ୍ଟ୍ର ଓ ରାଜ୍ୟ ଉପଯୁକ୍ତ ମାନ୍ୟତା ପ୍ରଦାନ ନକଲେ ସେମାନଙ୍କ ପ୍ରତିଭା ସମାଜକୁ ସୁଧାରିବାରେ ବା ଅନ୍ୟ ପ୍ରତିଭା ସଂପନ୍ନମାନଙ୍କୁ ପ୍ରେରଣା ଦେବାରେ ସହାୟକ ନହୋଇ ସମାଜକୁ ଆଗେଇ ନେବାରେ ଅବହେଳା ହୋଇଥାଏ ବୋଲି ଆଜି ଏଠାରେ ପ୍ରତିଭା ପୂଜନ ଉତ୍ସବରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ତାଙ୍କ ବକ୍ତବ୍ୟରେ କହିଥିଲେ । ସେହିପରି ଉଦଳା ଏନଏସିର ଅଧକ୍ଷା ପ୍ରମିଳା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତିଭା ସଂପନ୍ନ ବ୍ୟକ୍ତିଟି ସମାଜ କିମ୍ବା ଅନୁଷ୍ଠାନ ଅଥବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ସେହି ବ୍ୟକ୍ତି ପାଇଁ ହକ ବୋଲି ମଧ୍ୟ କହିଥିଲେ । ବେତନଟୀ ସହର ପ୍ରତିଭା ପୂଜନ କମିଟି ପକ୍ଷରୁ ଏହାର ଚତୁର୍ଥ ବାର୍ଷିକ ଉତ୍ସବରେ ୨୦୨୪-୨୫ ମସିହା ପାଇଁ ୨୧ ଜଣ ଜିଲ୍ଲା ଓ ରାଜ୍ୟ ସ୍ତରରେ ସେମାନଙ୍କ ଉତ୍ସର୍ଗୀକୃତ ଅବଦାନ ପାଇଁ ପ୍ରତିଭା ଚୟନ କମିଟି ଦ୍ୱାରା ଚୟନ କରାଯାଇ ସ୍ଥାନୀୟ ଏମପିସି ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଉତ୍ସବରେ କମିଟି ପକ୍ଷରୁ ମାନପତ୍ର ଉପଢୌକନ ତଥା ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ବେତନଟୀର ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଅଧକ୍ଷତା କରିଥିବା ବେଳ ବାରିପଦା ସଦର ଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ମୁଖ୍ୟ ଅତିଥି, ପ୍ରମିଳା ପଣ୍ଡା ମୁଖ୍ୟବକ୍ତା ଏବଂ ଏହି ପ୍ରତିଭା ପୂଜନ ଉତ୍ସବର ଉଦଘାଟକ ଭାବେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ଚନ୍ଦ୍ର ସିଂହ, ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ତଥା ଜିଲ୍ଲା ସୂଚନା ଅଧିକାର ଫୋରମର ମୁଖ୍ୟ ସନ୍ତୋଷ କୁମାର ମହାନ୍ତି, ବାଲେଶ୍ୱର ସମୟର ଚକ୍ର ସାହିତ୍ୟ ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଦାସ ଓ ବଡ଼ସାହି ବାଣୀପୀଠର ଅଧକ୍ଷ ତଥା ଶିଶୁ ସାହିତ୍ୟ ପତ୍ରିକା ଆମ ସୁନା ଚାନ୍ଦର ସଂପାଦକ ଶିଶୁ ସାହିତ୍ୟିକ କୁମାର ବାବୁଲି, ବାରିପଦା ସଦଭାବନା ସମିତିର ପ୍ରତିଷ୍ଠାତା ମାନବ ଧର୍ମର ପ୍ରବର୍ତ୍ତକ ତଥା ପ୍ରତିଷ୍ଠାତା ସନ୍ଥ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଭା ପୂଜନ ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ଆଡଭୋକେଟ ସମାଜସେବି ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଅନୁଷ୍ଠାନର ଉତ୍ତୋରତ୍ତର କାମନା କରିଥିଲେ । ଆମ ସମାଜରେ ଲୁକ୍କାୟିତ ପ୍ରତିଭାଦୀପ୍ତମାନଙ୍କୁ ପ୍ରତିବର୍ଷ ଏହି ପରି ସମ୍ମାନିତ କରି ପ୍ରେରଣା ପ୍ରଦାନ କରିବାକୁ ଉଦବୋଧନ ଦେଇଥିଲେ । ପ୍ରତି ବର୍ଷ ଏହି ପ୍ରତିଭା ପୂଜନ ଉତ୍ସବରେ ମୋଟ ୨୧ ଜଣ ବିଶିଷ୍ଟ ପ୍ରତିଭା ସଂପନ୍ନ ବିଭିନ୍ନ ବର୍ଗର ୮ରୁ ୮୦ ବର୍ଷ ବୟସ ପର୍ଯ୍ୟନ୍ତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ ବିଭିନ୍ନ ଦିବଂଗତ ବ୍ୟକ୍ତି ବିଶେଷଙ୍କ ନାମରେ ତାଙ୍କର ଦାୟାଦମାନେ ସମ୍ବର୍ଦ୍ଧିତ କରିଥାନ୍ତି । ଶେଷରେ ଟ୍ରଷ୍ଟି ତଥା ଆଜୀବନ ସଦସ୍ୟ ବାସୁଦେବ ନାପିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ରୋଟାରିଆନ ରବୀନ୍ଦ୍ର କୁମାର ମିଶ୍ର, ଫୋର୍ଡ଼ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା, କମଳ ଲୋଚନ କର, ଟ୍ରଷ୍ଟି ରବୀନ୍ଦ୍ର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ ।

# ବିହନ ନମିଳିବା ପ୍ରତିବାଦରେ କଂଗ୍ରେସର ଗଣଧାରଣା

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ବିହନ ଯୋଗାଇ ଦେବା ଦାବିରେ କଂଗ୍ରେସ ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଗଣଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲା କଂଗ୍ରେସ ସଭାପତି ମଙ୍ଗୁଳି ଜେନାଙ୍କ ଆହ୍ୱାନ କ୍ରମେ କଂଗ୍ରେସ ଦଳ ଗଣଧାରଣାରେ ସାମିଲ ହୋଇଥିଲେ । ଯାଜପୁର ଜିଲା ବନ୍ୟା ପ୍ରପୀଡ଼ିତ ଜିଲା ଭାବେ ପରିଗଣିତ । ନଦୀ କୂଳିଆ ଅଞ୍ଚଳରେ ଚାଷୀ ଚିନାବାଦାମ ଚାଷ କରିଥାନ୍ତି । ଜିଲାର ରସୁଲପୁର, ଯାଜପୁର, ବିଞ୍ଝାରପୁର, ବରୀ, ଧର୍ମଶାଳା, ବଡ଼ଚଣା ବ୍ଲକର ଚାଷୀଙ୍କର ଚିନା ବାଦାମ ମୁଖ୍ୟ ଅର୍ଥକାରୀ ଫସଲ । କିନ୍ତୁ ଚାଷୀଙ୍କୁ ବିହନ ସରକାରଙ୍କ ପକ୍ଷରୁ ଠିକଣା ସମୟରେ ଯୋଗାଇ ଦିଆଯାଉନାହିଁ । ବାଧ ହୋଇ ଚାଷୀ ଖୋଲା ବଜାରରୁ ଅଧିକ ଦାମରେ ଚିନା ବାଦାମ ବିହନ କିଣୁଛନ୍ତି । ଚିନା ବାଦାମର ସର୍ବ ନିମ୍ନ ସହାୟକ ମୂଲ୍ୟ ୭୨୬୩ ଟଙ୍କା ଥିବା ବେଳେ ଚାଷୀ ଉତ୍ପାଦିତ ଚିନା ବାଦାମକୁ ବ୍ୟବସାୟୀଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ୫ହଜାର ଟଙ୍କାରେ ବିକ୍ରୟ କରୁଛି । ସରକାରଙ୍କ ପକ୍ଷରୁ ଚିନା ବାଦାମ ବିହନ ଯୋଗାଇ ଦେବା ନେଇ କଂଗ୍ରେସ ଦଳ ଦାବି କରିଥିଲେ । ଚିନାବାଦାମ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପଦାର୍ଥ ପାଇଁ ଯୁବକ, ଯୁବତୀଙ୍କୁ ତାଲିମ ଦିଆଯାଇ ଆର୍ଥିକ ଋଣ ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉ । ଭାଗ ଚାଷୀ ଓ ଛୋଟ ଚାଷୀ ସରକାରଙ୍କ ବିଧି ବ୍ୟବସ୍ଥାରେ ଧାନ ବିକ୍ରି କରିନପାରି ଦଲାଲଙ୍କ ହାତରେ ଟେକି ଦେବାକୁ ବାଧ ହେଉଛନ୍ତି । କଟନୀ ଛଟନୀ ବନ୍ଦ କରାଯାଉ । ଜିଲାରେ ମୁଗ ଓ ବିରି ବ୍ୟାପକ ଭାବେ ଚାଷ କରାଯାଉଥିବାରୁ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଉ । ଉଠା ଜଳ ସେଚନ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ । ବନ୍ୟା




ଓ ବର୍ଷା ଦ୍ୱାରା ଫସଲ ହାନୀ ଘଟୁଥିବାରୁ ଫସଲ ବୀମା ଯୋଜନା ମାଧ୍ୟମରେ ତୁରନ୍ତ କ୍ଷତି ପୂରଣ ପ୍ରଦାନ କରାଯାଉ । ଗତବର୍ଷ ଚାଷୀ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଜିଲାରେ କୃଷି ସମବାୟ ସମିତି ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଗଣଧାରଣା ସ୍ଥଳରେ ଜିଲା ସଭାପତି ଶ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସନେତ୍ରୀ କନକଲତା ମଲ୍ଲିକ, ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ, ଦଳିତ ନେତା ଦୁର୍ଯ୍ୟୋଧନ ବେହେରା, ଯାଜପୁର ବ୍ଲକ ସଂଯୋଜକ ଗଦାଧର ଦାସ, ରାଜ୍ୟ ସେବା ଦଳ ନେତା ଶୁଭେନ୍ଦୁ ମହାନ୍ତି, ଧର୍ମଶାଳା କଂଗ୍ରେସ ନେତା କିଷାନ ପଣ୍ଡା, ସଂଗ୍ରାମ ସାହାଣି, ବରୀ କଂଗ୍ରେସ ନେତା ଦେବେନ୍ଦ୍ର ପ୍ରଧାନ, ଦୀପକ କୁମାର ବଳ, ଅଧିର କୁମାର ଜେନା, ପ୍ରମୋଦ ମହାନ୍ତି, ସନତ ଜେନା, ସୁଧାଂଶୁ ଶେଖର ଦେଓ, ମିହିର କୁମାର ମିଶ୍ର, ଚିନ୍ମୟ ପ୍ରଧାନ, ଯୁବ କଂଗ୍ରେସ ନେତା ରାକେଶ ସାହୁ, ଭାଗ୍ୟବାନ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବା ସହ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ସରକାର ଯଦି ଚାଷୀଙ୍କ ସମସ୍ୟାକୁ ଦୃଷ୍ଟି ନ ଦେବେ ତେବେ କଂଗ୍ରେସ ଦଳ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ । ବିଗତ ବିଜେଡି ସରକାର ଚାଷୀଙ୍କ ପାଇଁ କୌଣସି କାର୍ଯ୍ୟ କରିନଥିବା ବେଳେ ବର୍ତ୍ତମାନର ସରକାର ଚାଷୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଉଛି ବୋଲି କଂଗ୍ରେସ ନେତା ସଭାରେ ଅଭିଯୋଗ କରିଥିଲେ । ସଞ୍ଜୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କଂଗ୍ରେସ ଦଳ ପକ୍ଷରୁ ସଭା ସ୍ଥଳ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ସଫେଇ କରିଥିଲେ ।

ମାଲଭିଆ ନେସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଜୟପୁର
ଜବାହର ଲାଲ ନେହେରୁ ମାର୍ଗ, ଜୟପୁର-୩୦୨୦୧୭
ପି.ଏଚ.ଡି ଆଡମିଶନ ପୋଗ୍ରାମ-୨୦୨୫-୨୬
F.4/A-V-1/2025-26/Acad/Ph.D/02
ସାତଟି ସେମିଷ୍ଟାର ୨୦୨୫-୨୬ (ଜାନୁଆରୀ ୨୦୨୬) ନିମନ୍ତେ ସମସ୍ତ ବିଭାଗ/ସେଣ୍ଟର ମାନଙ୍କରେ ପି.ଏଚ.ଡି ଆଡମିଶନ ପୋଗ୍ରାମ ନିମନ୍ତେ ଅନଲାଇନ୍ ମାଧ୍ୟମରେ ଆବେଦନ ଆମନ୍ତ୍ରଣ କରାଯାଉଅଛି । ବିସ୍ତୃତ ବିବରଣୀ ନିମନ୍ତେ ୱେବସାଇଟ www.mnit.ac.in ଦେଖନ୍ତୁ । ଅନଲାଇନ୍ ଆବେଦନର ଶେଷ ତାରିଖ ୨୫ ନଭେମ୍ବର ୨୦୨୫ ଅଟେ ।
CBC 21312/12/0005/2526
ରେଜିଷ୍ଟ୍ରାର

केंद्रीय पेट्रोरसायन अभियांत्रिकी एवं प्रौद्योगिकी संस्थान (सिपेट)
CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)
SCHOOL FOR ADVANCED RESEARCH IN PETROCHEMICALS (SARP)-LARPM
(Department of Chemicals & Petrochemicals, Ministry of Chemicals & Fertilizers, Govt. of India)
B-25, C.N.I. Complex, Patia, Bhubaneswar – 751 024 (Odisha)
Tel: 0674-2740173/27 42852, Fax: 0674-2740463
Website : www.cipet.gov.in , Email: larpm@cipet.gov.in
CIPET:SARP-LARPM/BBSR/PCS/2025-26/07 Date:- 08-11-2025
INVITATION FOR QUOTATION (IFQ)
Sealed quotations are invited from Reputed Caterers/Agencies for "**Supply of Lunch & Hi-Tea**" at **CIPET: SARP-LARPM, Bhubaneswar**. Interested bidders may submit their sealed quotations on or before **11.11.2025 by 12.00 PM** at the above address. For more information pertaining to tender forms and other terms and conditions please visit **CIPET:SARP-LARPM, Bhubaneswar, B/25, C.N.I Complex, Patia, 751024, Bhubaneswar, Khurdha, Odisha, India.**
CIPET: SARP-LARPM, Bhubaneswar reserves the right to accept or reject any application form without assigning any reasons thereof.
Purchase Officer
CIPET:SARP-LARPM, Bhubaneswar

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 11th November, 2025 Tuesday RNI Regd. No. ODIODI/2006/23033 Postal Regd. No. : BN/169/13-15

## ମାଟିରେ ମିଶିବ ଐତିହାସିକ ଜବାହରଲାଲ ନେହରୁ ଷ୍ଟାଡିୟମ



**ନୂଆଦିଲ୍ଲୀ,୧୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାଟିରେ ମିଶିବ ଦିଲ୍ଲୀର ଐତିହାସିକ ଜବାହରଲାଲ ନେହରୁ ଷ୍ଟାଡିୟମ। ଅନେକ କ୍ରୀଡାବିତଙ୍କୁ ତିଆରି କରିଥିବା ଓ ବିଶ୍ୱସ୍ତରୀୟ କ୍ରୀଡା ମହାକୁମ୍ଭ ଆୟୋଜନ କରିଥିବା ଜବାହରଲାଲ ନେହରୁ ଷ୍ଟାଡିୟମକୁ ଭାଙ୍ଗିବାକୁ ଯୋଜନା କରୁଛନ୍ତି କେନ୍ଦ୍ର ସରକାର। ୨୦୧୦ ରାଜ୍ୟ ଗୋଷ୍ଠୀ କ୍ରୀଡା ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜନ ହୋଇଥିଲା। ଏଥିପାଇଁ ଷ୍ଟାଡିମୟକୁ ନୂଆ ରୂପ ଦିଆଯିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ନବୀକରଣର ମାତ୍ର ୧୫ ବର୍ଷ ପରେ ଏହି ଷ୍ଟାଡିୟମକୁ ଭାଙ୍ଗିବାକୁ ଆଲୋଚନା ଆରମ୍ଭ ହୋଇଛି। କ୍ରୀଡା ମନ୍ତ୍ରଣାଳୟ ସୂତ୍ରରୁ ଏପରି ଖବର ସାମ୍ନାକୁ ଆସିଛି। ୧୯୮୨ ଏସିଆ ଗେମ୍ସ ପାଇଁ ଭାରତ ସରକାର ଏହି ଷ୍ଟାଡିମୟକୁ ତିଆରି କରିଥିଲେ। ୧୯୫୧ରୁ ଏସିଆଡ ଆରମ୍ଭ ହୋଇଥିବା ବେଳେ ପ୍ରଥମଥର ପାଇଁ କୌଣସି କ୍ରୀଡା ମହାକୁମ୍ଭ ଦିଲ୍ଲୀରେ ଆୟୋଜନ ହୋଇଥିଲା। ବର୍ତ୍ତମାନ ଏହି ଷ୍ଟାଡିୟମର କ୍ଷମତା ୬୦ ହଜାର। ୨୦୧୦ ରାଜ୍ୟ ଗୋଷ୍ଠୀ କ୍ରୀଡା ପରେ ଏହି ଷ୍ଟାଡିୟମରେ ଏକାଧିକ ଅନ୍ତର୍ଜାତୀୟ ଫୁଟବଲ ମ୍ୟାଚ୍ ସମେତ ଇଣ୍ଡିଆ ସୁପର ଲିଗ ଖେଳା ଯାଇଛି।

୨୦୧୭ ଅଣ୍ଡର ୧୭ ଫିଫା ବିଶ୍ୱକପର ଆୟୋଜନ ମଧ୍ୟ ଏଠାରେ ହୋଇଥିଲା। ଚଳିତ ବର୍ଷ ପାରା ଆଥଲେଟିକ୍ସ ଗେମ୍ସ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜନ କରି ଭାରତ ସଫଳତା ସାଉଁଟିଥିଲା। ଏଠାରେ ନିୟମିତ ବଡବଡ ସଂଗୀତ ଓ ସରକାରୀ କାର୍ଯ୍ୟକ୍ରମ ମଧ୍ୟ ହୋଇଥାଏ। କ୍ରୀଡାବିତମାନେ ଏଠାରେ ଅଭ୍ୟାସ ମଧ୍ୟ କରନ୍ତି। ସମସ୍ତଙ୍କ ପାଇଁ ଜବାହରଲାଲ ନେହରୁ ଷ୍ଟାଡିୟମ ପ୍ରେରଣାର ଉତ୍ସ ମଧ୍ୟ ବନିଛି। କିନ୍ତୁ ବିକାଶ ଆଳରେ କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ଏହାକୁ ଭାଙ୍ଗିବାକୁ ଚାହୁଁଛି।

ରିପୋର୍ଟ ଅନୁସାରେ, ଗୋଟିଏ ନୂଆ ସ୍ପୋର୍ଟସ ସିଟି ପାଇଁ ଜବାହରଲାଲ ନେହରୁ ଷ୍ଟାଡିୟମକୁ ଭାଙ୍ଗିବାକୁ ଯୋଜନା ହୋଇଛି। ନୂଆ ସ୍ପୋର୍ଟସ ସିଟି ପାଇଁ ୧୦୨ ଏକର ସ୍ଥାନ ଦରକାର। ତେଣୁ ଜବାହରଲାଲ ନେହରୁ ଷ୍ଟାଡିୟମକୁ ଭାଙ୍ଗି ପୁଣି ମୂଳର ଅତ୍ୟାଧୁନିକ ଶୈଳୀରେ ତିଆରି କରିବାକୁ ଚାହୁଁଛି ମନ୍ତ୍ରଣାଳୟ। ନୂଆ ସ୍ପୋର୍ଟସ ସିଟି ତିଆରି କରିବା ଓ ଜବାହରଲାଲ ନେହରୁ ଷ୍ଟାଡିୟମକୁ ଭାଙ୍ଗିବା ଯୋଜନା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି।

ଅଧିକାରୀମାନେ କେମିତି ଏହାକୁ ତିଆରି କରିବେ, ସେଥିପାଇଁ କତର ଓ ଅଷ୍ଟ୍ରେଲିଆର ବିଭିନ୍ନ ପ୍ରକଳ୍ପକୁ ଅନୁଧ୍ୟାନ କରୁଛନ୍ତି। ନୂଆ ସ୍ପୋର୍ଟସ ସିଟିରେ ଉଭୟ ପ୍ରତିଯୋଗିତା ଓ ଟ୍ରେନିଂ ପାଇଁ ସବୁ ପ୍ରକାରର ବ୍ୟବସ୍ଥା ରହିବ। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ (ସର୍ଦ୍ଦାର ବଲ୍ଲଭ ଭାଇ ସ୍ପୋର୍ଟସ ଏନକ୍ଲେଭ)ର ଆଖପାଖ ଅଞ୍ଚଳରେ ଯେଉଁଭଳି ପ୍ରକଳ୍ପ କାମ ଚାଲିଛି ସେଭଳି କିଛି ଦିଲ୍ଲୀରେ କରିବାକୁ ଯୋଜନା ରହିଛି। ୨୦୨୩ ରାଜ୍ୟଗୋଷ୍ଠୀ କ୍ରୀଡା ଓ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତ ଚାହୁଁଥିବା ବେଳେ ଏପରି ସ୍ପୋର୍ଟସ ସିଟିର ଆବଶ୍ୟକତା ରହିଥିବା ମନ୍ତ୍ରଣାଳୟର ଜଣେ ଅଧିକାରୀ ନିଜ ନାଁ ଗୋପନରଖି କହିଛନ୍ତି। ପିଟିଆଇରେ ପ୍ରକାଶିତ ଖବର ଅନୁସାୟରେ, ଜବାହରଲାଲ ନେହରୁ ଷ୍ଟାଡିୟମ ସମେତ ନ୍ୟାଶନାଲ ଡୋପିଂ ଏଜେନ୍ସି(ନାଡା)ରେ ଥିବା ସମସ୍ତ ଅଫିସ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଜବାହରଲାଲ ନେହରୁ ଷ୍ଟାଡିୟମ ଏବେ ସାଇ ଦ୍ୱାରା ପରିଚାଳିତ। ସାଇ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ରହିଛି।



ଐତିହାସିକ କଟକ ବାଲିଯାତ୍ରାର ଷଷ୍ଠଦିନ ସନ୍ଧ୍ୟାର ଦୃଶ୍ୟ। (ଫଟୋ: ଚନ୍ଦନ)

## ୫ ବର୍ଷ ଧରି ତିରୁପତିକୁ ପଶୁ ଚର୍ବି ଘିଅ ଯୋଗାଉଥିଲା ଭୋଲେ ବାବା ଡାଏରୀ

**ଏକ୍ସପ୍ରେସ୍ ନ୍ୟୁଜ୍**

ତିରୁପତି ଲଡୁରେ ପଶୁ ଚର୍ବି ଅପମିଶ୍ରଣ ମାମଲା। ଏ ମାମଲାରେ ଉତ୍ତରାଖଣ୍ଡର ଏକ ଡାଏରୀ ନାଁରେ ଅଭିଯୋଗ ହୋଇଥିଲା। ଏହି ଡାଏରୀ ନା କୌଣସି ସ୍ଥାନରୁ ଗୋଟିଏ ବୁନ୍ଦା କ୍ଷୀର କିଣିଥିଲା ନା ଘିଅ। କିନ୍ତୁ, ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ୨୦୧୯ରୁ ୨୦୨୪ ଦୀର୍ଘ ୫ ବର୍ଷ ଧରି ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁପତି ମନ୍ଦିରକୁ ଯୋଗାଉଥିଲା ଘିଅ। ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି)କୁ ୨୫୦ କୋଟି ଟଙ୍କା ମୂଲ୍ୟର ୬୮ ଲକ୍ଷ କିଲୋଗ୍ରାମର ଘିଅ ଯୋଗାଣ କରିଥିଲା। ତିରୁପତି ଲଡୁ ଘିଅରେ ଏପରି ଅପମିଶ୍ରଣ ନେଇ ତଦନ୍ତ ପରେ ସିବିଆଇ ଏନେଇ ରିପୋର୍ଟ ଦେଇଛି। ଏହି ଡାଏରୀର ନାଁ 'ଭୋଲେ ବାବା'। ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧଙ୍କୁ ଗିରଫ କରିବା ପରେ ସିବିଆଇ ନେତୃତ୍ୱାଧୀନ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଟିଆଇ) ଚାଞ୍ଚଲ୍ୟକର ତଥ୍ୟ ସଂଗ୍ରହ କରିଛି। ଭୋଲେ ବାବା ଅର୍ଗାନିକ୍ ଡାଏରୀକୁ ମୋନୋଡାଇଗ୍ଲିସେରାଇଡ୍ସ ଏବଂ ଏସିଟିକ୍ ଏସିଡ୍ ଏଷ୍ଟର ଭଳି ବିଭିନ୍ନ ରାସାୟନିକ ପଦାର୍ଥ ଯୋଗାଇଥିଲା ସୁଗନ୍ଧ।



ତିରୁପତି ଲଡୁ ପ୍ରସାଦ ତିଆରିରେ ବ୍ୟବହୃତ ଘିଅ ଯୋଗାଣ ପାଇଁ ଭୋଲେ ବାବା ଅର୍ଗାନିକ୍ ଡାଏରୀକୁ ଟିଟିଡି ଦ୍ୱାରା ଏକ ଚୁକ୍ତିନାମା ଦିଆଯାଇଥିଲା। ଏସଆଇଟି ନେଲୋର କୋର୍ଟରେ ଦାଖଲ ହୋଇଥିବା ରିମାଣ୍ଡ ରିପୋର୍ଟରେ ଏହି ଖୁଲାସା କରିଛି। ଏହି ଡାଏରୀଟି ଉତ୍ତରାଖଣ୍ଡର ଭଗବାନପୁରରେ ଏହାର ପ୍ରମୋଟର ପୋମିଲ୍ ଜୈନ ଏବଂ ବିପିନ୍ ଜୈନଙ୍କ ଦ୍ୱାରା ପରିଚାଳିତ ହେଉଛି।

ସିବିଆଇ ଅନୁଯାୟୀ, ପ୍ରମୋଟରମାନେ ଏକ ନକଲି ଦେଶୀ ଘିଅ ଉତ୍ପାଦନ ୟୁନିଟ୍ ସ୍ଥାପନ କରିଥିଲେ। ଯେଉଁଠାରେ କ୍ଷୀର ସଂଗ୍ରହ କରିବା ଏବଂ ଦେୟ ରେକର୍ଡର ଜାଲିଆତି କରିଥିଲେ। ଭୋଲେ ବାବା ଡାଏରୀକୁ ୨୦୨୨ ମସିହାରେ ଅଯୋଗ୍ୟ ଏବଂ ବ୍ଲାକ୍ ଲିଷ୍ଟେଡ୍ କରାଯାଇଥିଲା। ତଥାପି ସେମାନେ ତିରୁପତିସ୍ଥିତ ବୈଷ୍ଣବୀ ଡାଏରୀ, ଉତ୍ତରପ୍ରଦେଶସ୍ଥିତ ମାଲ ଗଙ୍ଗା ଏବଂ ତାମିଲନାଡୁସ୍ଥିତ ଏଆର ଡାଏରୀ ଫୁଡ୍ସ ସମେତ ଅନ୍ୟ ଡାଏରୀ ମାଧ୍ୟମରେ କରିଥିବା ଚୁକ୍ତି ମାଧ୍ୟମରେ ଚାଲାକିର ସହ ଟିଟିଡିକୁ ନକଲି ଘିଅ ଯୋଗାଣ ଜାରି ରଖିଥିଲେ। ସିବିଆଇ ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଗତ ବର୍ଷ ଜୁଲାଇରେ ଏଆର ଡାଏରୀର ପଶୁ ଚର୍ବି ଥିବା ଚାରିଟି କଣ୍ଟେନର ଘିଅକୁ ତିରୁପତି ଟ୍ରଷ୍ଟ ଅସ୍ୱୀକାର କରିଥିଲା। ଯାହାକୁ ଭୋଲେ ବାବା ଡାଏରୀ ପ୍ରମୋଟର ଏବଂ ବୈଷ୍ଣବୀ ଡାଏରୀ ମାଧ୍ୟମରେ ପରବର୍ତ୍ତୀ ସମୟରେ ପୁନଃବିକ୍ରୟ ହୋଇଥିଲା। ତଦନ୍ତ ସମୟରେ ଏଫ୍‌ଏସଏସଏଆଇ ଅଧିକାରୀମାନେ ଏବଂ ଏସଆଇଟି ଦଳ ଡିଣ୍ଡିଗୁଲ୍‌ରେ ଥିବା ଏଆର ଡାଏରୀ ପ୍ଲାଣ୍ଟ ଯାଞ୍ଚ କରିଥିଲେ। ତଦନ୍ତରୁ ଜଣାପଡ଼ିଲା ଯେ, ଚାରୋଟି ଘିଅ ଟ୍ୟାଙ୍କର୍ ଏଆର ଡାଏରୀ ପ୍ଲାଣ୍ଟକୁ ନ ଫେରି ବୈଷ୍ଣବୀ ଡାଏରୀ ପ୍ଲାଣ୍ଟ ନିକଟରେ ଥିବା ଏକ ସ୍ଥାନୀୟ ପଥର କ୍ରସିଂ ୟୁନିଟ୍‌କୁ ପଠାଯାଇଥିଲା। ଅଗଷ୍ଟ ମାସରେ ବୈଷ୍ଣବୀ ଡାଏରୀ ଯାହା ଆନ୍ଧ୍ରପ୍ରଦେଶ ସର୍କଲରେ ଟିଟିଡିକୁ ଘିଅ ଯୋଗାଣ କରୁଥିଲା, ଟ୍ରକଗୁଡ଼ିକର ଲେବଲ୍ ପରିବର୍ତ୍ତନ କରିଥିଲା। ସିନ୍ଥେଟିକ ଘିଅର ଗୁଣବତ୍ତା ଏବଂ ସ୍ଥିରତାକୁ ଉନ୍ନତ କରିଥିଲା। ଅଗଷ୍ଟ ୨୦୨୪ରେ ପ୍ରତ୍ୟାଖ୍ୟାନ ହୋଇଥିବା ସେହି ଘିଅକୁ ତିରୁପତି ଟ୍ରଷ୍ଟକୁ ଫେରାଇ ଦେଇଥିଲା। ଏହି ଘିଅ ପରେ ପବିତ୍ର ତିରୁପତି ଲଡୁ ପ୍ରସାଦ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଇଥିଲା।

## ଆୟୁର୍ବେଦିକ ଓ ହୋମିଓପାଥିକ ପାଇଁ କମ୍ ପରିମାଣର ଅର୍ଥ ବରାଦ



**ଭୁବନେଶ୍ୱର,୧୦।୧୧: ତଥ୍ୟ**

ରାଜ୍ୟରେ ଆୟୁର୍ବେଦିକ ଓ ହୋମିଓପାଥିକ ଚିକିତ୍ସା ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଥିବାବେଳେ ଏହି ଦୁଇ ପ୍ରକାରର ଔଷଧ ପାଇଁ କିନ୍ତୁ ସରକାର ଅତି କମ୍ ପରିମାଣ ଅର୍ଥ ବରାଦ କରୁଛନ୍ତି । ଉଭୟ ଆୟୁର୍ବେଦିକ ଓ ହୋମିଓପାଥିକ ଔଷଧ କିଣିବାକୁ ୧୬ କୋଟି ୪୩ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ଯାହାକି ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି ।

ଏଲୋପାଥିକ ଔଷଧ ବ୍ୟୟବହୁଳ ସହିତ ଏହାର ଏକାଧିକ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉଥିବାରୁ ଲୋକେ ଆୟୁର୍ବେଦିକ ଓ ହୋମିଓପାଥିକ ଚିକିତ୍ସା ଆଡକୁ ଅଧିକ ସଂଖ୍ୟାରେ ଢଳୁଛନ୍ତି । ଉଭୟ କ୍ଷେତ୍ରରେ ଚିକିତ୍ସା ପାଇଁ ରାଜ୍ୟରେ ଏକାଧିକ ଆୟୁର୍ବେଦିକ ଓ ହୋମିଓପାଥିକ ଚିକିତ୍ସାଳୟ ଖୋଲିଛି । ଏଥିରେ ମୋଟା ଅଙ୍କର ଦରମା ନେଉଥିବା ଡାକ୍ତର ମଧ୍ୟ ନିଯୁକ୍ତ ହୋଇଛନ୍ତି । ତେବେ ଏମାନେ ରୋଗୀଙ୍କୁ ଦେବାପାଇଁ ଔଷଧର ଅଭାବ ପରିଲକ୍ଷିତ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୬୨୦ଟି ସରକାରୀ ଆୟୁର୍ବେଦିକ ଡାକ୍ତରଖାନରେ ୫୮୩ ଜଣ ଡାକ୍ତର, ୩ଟି ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ୨ଟି ଆୟୁର୍ବେଦିକ ଚିକିତ୍ସାଳୟରେ ୧୭ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି । ସେହିଭଳି ୫୬୨ ସରକାରୀ ହୋମିଓପାଥିକ ଡାକ୍ତରଖାନାରେ ୫୧୨ ଜଣ ହୋମିଓପାଥିକ ଡାକ୍ତର ଓ ୪ଟି ସରକାରୀ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟରେ ୧୨ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ।

ରାଜ୍ୟର ଥିବା ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ଯଥା ପିଏଚସି, ସିଏଚସିରେ ୧୨୮୨ ଜଣ ଯୋଜନା ଭିତ୍ତିକ ଆୟୁଷ ଡାକ୍ତର କାର୍ଯ୍ୟରତ ଆୟୁଷ ଡାକ୍ତର କାର୍ଯ୍ୟରତ ଅଛନ୍ତି । ଏହାଛଡା ରାଜ୍ୟରେ ୧୦୪୯ ଜଣ ଯୋଜନା ଭିତ୍ତିକ ଆରବିଏସକେ ଆୟୁଷ ଡାକ୍ତର ଏବଂ ୧୩୭ ଜଣ ଯୋଜନା ଭିତ୍ତିକ ଏମଏଚୟୁ ଆୟୁଷ ଡାକ୍ତର କାର୍ଯ୍ୟରତ ଅଛନ୍ତି ।

ରାଜ୍ୟରେ ଏବେ ୫୬ କିସମର ଆୟୁର୍ବେଦ ଔଷଧ ଏବଂ ୧୫୫ କିସମର ହୋମିଓପାଥିକ ଔଷଧର ଆବଶ୍ୟକତା ରହିଛି । ରାଜ୍ୟ ସରକାର ଟେଣ୍ଡର ପ୍ରକ୍ରିୟା ଜରିଆରେ ଔଷଧ ଖରିଦ କରୁଥିବାବେଳେ ଚଳିତ ବର୍ଷ ଏଥିପାଇଁ ୧୬.୪୩ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

ରାଜ୍ୟରେ ସରକାର ଏଲୋପାଥିକ ଔଷଧ ପାଇଁ ୫ଶହ କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇ ଦେଉଥିବାବେଳେ ଆବଶ୍ୟକସ୍ଥଳେ ରୋଗୀଙ୍କୁ ଔଷଧ କିଣି ଦେବାଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀମାନଙ୍କୁ ନଗଦ ଅର୍ଥ ଯୋଗାଇ ଦେଉଛନ୍ତି । ହେଲେ ଆୟୁର୍ବେଦିକ ଓ ହୋମିଓପାଥିକ ଔଷଧ ପାଇଁ ଏଭଳି ନଗଣ୍ୟ ବ୍ୟୟ ବରାଦ ଏହି ଦୁଇ ଚିକିତ୍ସା କ୍ଷେତ୍ରରେ ପ୍ରତିବନ୍ଧକ ସାଜିଛି ।

## ନୂଆପଡା ଆସନକୁ ବିଜେପି ଚଞ୍ଚକତା କରି ହାତେଇବାକୁ ଉଦ୍ୟମ କରୁଛି: କଂଗ୍ରେସ

**ଭୁବନେଶ୍ୱର,୧୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେପି ନୂଆପଡ଼ା ବିଧାନସଭା ଆସନକୁ ବିଭିନ୍ନ ଚଞ୍ଚକତା କରି ହାତେଇବାକୁ ଉଦ୍ୟମ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ପୂର୍ବତନ ବିଧାୟକ ରାଜୁ ଢୋଲକିଆଙ୍କର ମୃତ୍ୟୁ ପରେ ଆସନ୍ତା ୧୧ ତାରିଖରେ ଏଠାରେ ଉପ-ନିର୍ବାଚନ ଅନୁଷ୍ଠିତ ହେଉଛି। କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି ବିଜେପି କ୍ୟାରଟ ଓ ଲାଠି ନୀତି ଦେଖାଇ ସ୍ୱର୍ଗତ ବିଧାୟକଙ୍କର ପୁତ୍ର ଜୟ ଢୋଲକିଆଙ୍କୁ ବିଜେପିରେ ଯୋଗଦାନ କରାଇବା ପରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ତଥା ଅନ୍ୟ ନେତାମାନଙ୍କୁ ଅଣଦେଖା କରି ଜୟଙ୍କୁ ପ୍ରାର୍ଥୀ କରାଇଛି। ଏବେ ବିଜେପି ଚଳିତ ନିର୍ବାଚନରେ ପରାସ୍ତ ହେବା ଜାଣି ନିର୍ବାଚନରେ ଯେନତେନ ଉପାୟରେ ଜିତାଇବାକୁ ପୁରା ସରକାରୀ କଳର ଅପବ୍ୟବହାର କରାଇ ଚାଲିଛନ୍ତି। ବିଜେପି ପ୍ରାର୍ଥୀଙ୍କୁ କିପରି ଜିତାଇ ହେବ ଏଥି ନେଇ ପ୍ରାୟ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ବିଭିନ୍ନ ଉପାୟରେ ସହାୟତା କରିବାକୁ ଉପରୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ବିଜେପି ପାଇଁ ନିର୍ବାଚନରେ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଉଦାହରଣ ସ୍ୱରୂପ, ସିଆର୍ପି ଓ ଅନ୍ୟ ସଂସ୍ଥାଗୁଡ଼ିକର ସରକାରୀ କର୍ମଚାରୀ ଯେଉଁମାନେ ଏସ୍.ଏଚ୍.ଜି. ଗ୍ରୁପ୍ ସହ ଜଡିତ, ସେମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ପୂର୍ବରୁ ବକେୟା ଥିବା ଦୁଇ ବର୍ଷର କର୍ପସ୍ ଫଣ୍ଡର କିସ୍ତିର ଟଙ୍କା ହାତରେ ବଣ୍ଟନ କରିବାକୁ କୁହାଯାଇଛି, ଯାହାକି ନିର୍ବାଚନ ଆଚରଣ ବିଧିର ଉଲଂଘନ। ଏହି ଅର୍ଥକୁ ସାଧାରଣତଃ ବ୍ୟାଙ୍କ ଆକାଉଣ୍ଟକୁ ସିଧା ସଳଖ ପଠାଯାଇଥାଏ। ମାତ୍ର ସରକାରୀ ବାବୁମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ପାଖକୁ ଯାଇ ଟଙ୍କା ବାଣ୍ଟି ଭୋଟରମାନଙ୍କୁ ପ୍ରବାବିତ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି।

ସେ ପଟେ ବିଜେଡ଼ି ଶାସନ କ୍ଷମତାରୁ ହଟିବା ପରେ ଏବେ ବିଲିବିଲେଇ ହେଉଥିବା ପରିଲକ୍ଷିତ ହେଉଛି। ଏହି ଉପ-ନିର୍ବାଚନରେ କଂଗ୍ରେସ ନିଶ୍ଚିତ ବାଜିମାତ୍ କରିବ ଏବଂ ଏହା ଓଡ଼ିଶାର ରାଜନୈତିକ ଶତରଞ୍ଜ ବୋର୍ଡରେ ଏକ ନୂଆ ରେକର୍ଡ ସୃଷ୍ଟି କରିବ ବୋଲି ୱାର ରୁମ୍ ଅଧକ୍ଷ ଓ ଏଆଇସିସି ମୁଖପାତ୍ର ଡ଼. ହମିଦ ହୁସେନ୍ କହିଛନ୍ତି।

## ଫରିଦାବାଦରୁ ଆଉ ୨୫୬୩ କେଜି ବିସ୍ଫୋରକ ଜବତ

**ଫରିଦାବାଦ,୧୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ହରିୟାଣାର ଫରିଦାବାଦର ଏକ ମେଡିକାଲ କଲେଜରୁ ୩୬୦ କିଲୋଗ୍ରାମ ବିସ୍ଫୋରକ ମିଳିବାର କିଛି ଘଣ୍ଟା ମଧ୍ୟରେ ଏହି ସହରର ଆଉ ଏକ ସ୍ଥାନରୁ ପ୍ରାୟ ୨୫୬୩ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଛି ।

ପୁଲିସର ସୂଚନା ଅନୁସାରେ ଧୌଜ ଅଞ୍ଚଳରୁ ପ୍ରାୟ ୪ କିଲୋମିଟର ଦୂରରେ ଅବସ୍ଥିତ ଫତେପୁର ଗାଁର ଏକ ଘରୁ ୨୫୬୩ କିଲୋଗ୍ରାମ ସନ୍ଦିଗ୍ଧ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରିଛି। ଫରିଦାବାଦ ପୁଲିସ ଏବଂ ଜମ୍ମୁ କାଶ୍ମୀର ପୁଲିସର ମିଳିତ ଚଢାଉ ସକାଳରୁ ଏହି ଘରେ ଚାଲିଛି। ତଦନ୍ତରୁ ଜଣାପଡିଛି ଯେ ଡାକ୍ତର ମୁଜାମିଲ ଏହି ଘର ଭଡା ନେଇଥିଲେ। ଘରଟି ଜଣେ ମୌଲାନାଙ୍କର, ଯାହାକୁ ପୁଲିସ ଆଜି ସକାଳେ ଅଟକ ରଖିଛି। ପୁଲିସ କେଉଁ ଉଦ୍ଦେଶ୍ୟ ପାଇଁ ଉଦ୍ଧାର ସାମଗ୍ରୀ ଏବଂ ଏହାର ନେଟୱାର୍କର ମଧ୍ୟ ତଦନ୍ତ କରୁଛି। ଫରିଦାବାଦ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟେନ୍ଦ୍ର କୁମାରଙ୍କ କହିବା କଥା ଯେ ରବିବାର ଫରିଦାବାଦର ଅଲ ଫଲାହ ହସ୍ପିଟାଲର କାର୍ଯ୍ୟରତ ଡାକ୍ତର ମୁଜାମିଲ ଶକୀଲକୁ ଗିରଫ କରାଯାଇଥିଲା। ଏହାପରେ ତା'ର ଗୋଟିଏ ଭଡା ଘରୁ ପ୍ରଥମେ ୩୬୦ କେଜି ଓ ପରେ ଆଉ ୨୫୬୩ କେଜି ବିସ୍ଫୋରକ ଜବତ ହୋଇଛି। ଉଭୟ ଘର ଶକୀଲ ଭଡାରେ ନେଇଥିଲା। ଫରିଦାରବାଦ ଧୋଜ ଠାରେ ଥିବା ଅଲ ଫଲାହ ବିଶ୍ୱବିଦ୍ୟାଳୟ ଦିଲ୍ଲୀ ଠାରୁ ମାତ୍ର ୪୫ କିମି ଦୂର। ଏହା ଗୋଟିଏ ଘରୋଇ ସଂସ୍ଥା ଓ ଏହାକୁ ୟୁଜିସିର ଅନୁମୋଦନ ମଧ୍ୟ ମିଳିଛି। ଏଠାରେ ଶକୀଲ ପ୍ରାୟ ୩ ବର୍ଷ ହେଲା ବରିଷ୍ଠ ଡାକ୍ତର ଭାବେ କାମ କରୁଥିଲା ଓ ବିଶ୍ୱବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଉଥିଲା।

ଶକୀଲର ଧୋଜ ସ୍ଥିତ ଭଡା ଘରୁ ରେଡ ବେଳେ ଗୋଟିଏ ଆସଲ୍ଟ ରାଇଫଲ, ୩ ମାଗାଜିନ, ୮୩ଟି ଜୀବନ୍ତ ଗୁଳି, ଗୋଟିଏ ପିସ୍ତଲ, ୮ ରାଉଣ୍ଡ ଗୁଳି, ୨ଟି ଖାଲି କ୍ୟାଟ୍ରିଜ, ୨ଟି ଅତିରିକ୍ତ ମାଗାଜିନ, ୮ଟି ବଡ ସୁଟକେସ, ୪ଟି ଛୋଟ ସୁଟକେସ, ସନ୍ଦିଗ୍ଧ ବିସ୍ଫୋରକ କେମିକାଲ, ବ୍ୟାଟେରୀ ଥିବା ୨୦ଟି ଟାଇମର୍ସ, ୨୪ଟି ରିମୋର୍ଟ କଣ୍ଟ୍ରୋଲ୍ସ, ୫ କେଜି ଓଜନର ମେଟାଲ, ୱାକିଟକି ସେଟ୍ସ, ଇଲେକ୍ଟ୍ରିକ ୱାଇରିଙ୍ଗ, ବ୍ୟାଟେରୀ ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି।

ଏହାବାଦ ଗୋଟିଏ ମାରୁତି ସ୍ୱିଫ୍ଟ କାର ପୁଲିସ୍ ଜବତ କରିଛି। କାରର ମାଲିକ ଜଣେ ମହିଳା। ତାଙ୍କୁ ମଧ୍ୟ ପୁଲିସ୍ ଗିରଫ କରିଛି। ଗିରଫ ମହିଳା ଡାକ୍ତର ଜଣଙ୍କ ହେଲେ ଶାହୀନ ଶାହିଦ। ତାଙ୍କ ଘର ଲକ୍ଷ୍ନୌର ଲାଲ ବାଗ ଅଞ୍ଚଳରେ। ତାଙ୍କ କାରକୁ ଶକୀଲ ସହକର୍ମୀ ହିସାବରେ ବ୍ୟବହାର କରୁଥିଲା। ତେବେ କାରରୁ ବିସ୍ଫୋରକ ଓ ବନ୍ଧୁକ ମିଳିବାରୁ ପୁଲିସ୍ ମହିଳାଙ୍କୁ ଘନଘନ ଜେରା କରିବା ପରେ ଗିରଫ କରିଛି। ପ୍ରାୟ ୧୫ ଦିନ ତଳେ ବିସ୍ଫୋରକ ଏଠାକୁ ଆସିଥିଲା। ୮ଟି ବଡ ସୁଟକେସ ଓ ୪ଟି ଛୋଟ ସୁଟକେସରେ ଏହାକୁ ରଖାଯାଇଥିଲା।

ଏହି ଘଟଣାର ଦିନକ ପରେ ପୁଲିସ୍ ଧୋଜ ଠାରୁ ୪ କିମି ଦୂରରେ ଥିବା ଫତେପୁର ତାଗ ଗାଁରେ ପହଞ୍ଚିଥିଲା। ସେଠାରେ ମଧ୍ୟ ଶକୀଲ ଗୋଟିଏ ଘର ଭଡାରେ ନେଇଥିଲା। ଉକ୍ତ ଘରୁ ୨୫୬୩ କେଜି ଓଜନର ବିସ୍ଫୋରକ ସାମଗ୍ରୀ ମିଳିଛି। ଏହି ଘରର ମାଲିକ ଜଣେ ମୌଲନା। ତାଙ୍କୁ ମଧ୍ୟ ପୁଲିସ୍ ଗିରଫ କରି ନେଇଛି।

ଗିରଫ ମୌଲାନା ଜଣଙ୍କ ହେଲେ ଇସ୍ତିୟାକ। ସେ ନିୟମିତ ଶକୀଲର ଯୋଗାଯୋଗରେ ରହିଥିଲେ। ଶକୀଲ ମଧ୍ୟ ଦୈନିକ ୫ଥର ମୌଲାନା ପାଖକୁ ନମାଜ ପାଠ କରିବାକୁ ଆସୁଥିଲା। ଏହି ବଡ ନେଟୱର୍କରେ ଆଉ ଜଣେ ଡାକ୍ତର ସାମିଲ ଥିବା କୁହାଯାଉଛି। ତେଣୁ ଫରିଦାବାଦ ଓ ଆଖପାଖ ଅଞ୍ଚଳରେ ରେଡ ଚାଲିଥିବା ପୁଲିସ କହିଛି।

ଶକୀଲ ଓ ଆଦିଲ ବ୍ୟତୀତ ଶ୍ରୀନଗରର ଅରିଫ ନିସାର ଦାର, ୟାସିର-ଉଲ-ଅଶର୍ଫ, ମକସୁଦ ଅହମଦ ଦାର, ଶୋପିଆନର ମୌଲବୀ ଇରଫାନ ଅହମଦ, ଗାନ୍ଦେରବଲର ଜମିର ଅହମଦକୁ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଗିରଫ କରାଯାଇଥିବା ଜଣାପଡିଛି।

### ପ୍ରଥମ ପୃଷ୍ଠାରୁ...

#### ଘରୋଇ କମ୍ପାନୀର...

ଦାଣ୍ଡବୋଷ ଓ ଆନନ୍ଦପୁର ଗ୍ରାମରେ ଆର୍‌ସି ରୁଙ୍ଗଟା ପକ୍ଷରୁ ଏକ ଶିଳ୍ପ ପ୍ରତିଷ୍ଠା ନେଇ ଜମି ଚିହ୍ନଟ ହୋଇଥିଲା। ଏହି ଶିଳ୍ପ ପ୍ରତିଷ୍ଠାକୁ ଉକ୍ତ ଗ୍ରାମର କିଛି ଗ୍ରାମବାସୀ ସପକ୍ଷରେ ଥିବା ବେଳେ କିଛି ଗ୍ରାମବାସୀ ବିରୋଧ କରୁଥିଲେ। ଏନେଇ ପୂର୍ବରୁ କଣ୍ଟାବଣୀରେ ଏକ ଗ୍ରାମସଭା ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିଲା। ପରବର୍ତ୍ତୀ ସମୟରେ ରାଇରଙ୍ଗପୁର ବ୍ଲକ୍ ପରିସରରେ ବହୁ ଗଣ୍ଡଗୋଳ ମଧ୍ୟ ହୋଇଥିଲା, ଯେଉଁଥିରେ ଆଦିବାସୀମାନେ କ୍ଷୋଭ ପ୍ରକାଶ କରିଥିଲେ।

ଆଜି ସକାଳୁ ଆନନ୍ଦପୁର ଗ୍ରାମରେ ଆରସି ରୁଙ୍ଗଟାର କର୍ମଚାରୀ ସୁରଜ୍ ତାମୁଡିଆଙ୍କ ସମେତ ତିନିଜଣ କିଛି ଗ୍ରାମବାସୀଙ୍କ ପାଖକୁ ଯାଇ ଅର୍ଥ ପ୍ରଲୋଭନ ଦେଖାଇ ସାଦା କାଗଜରେ ଦସ୍ତଖତ କରାଉଥିବା ସମୟରେ କିଛି ବିପକ୍ଷବାଦୀମାନେ ପହଞ୍ଚି ରୁଙ୍ଗଟା କର୍ମଚାରୀମାନଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ଦୀର୍ଘ ସମୟ ଧରି ବାନ୍ଧିବା ସହିତ ଜୋତା ମାଳ ପିନ୍ଧାଇଥିଲେ। ସେ ସମ୍ବନ୍ଧରେ ରାଇରଙ୍ଗପୁର ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଉଦ୍ଧାର କରିଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ଏନେଇ ରାଇରଙ୍ଗପୁର ଟାଉନ୍ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି। ତେବେ ଉକ୍ତ ଘଟଣାର ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି।

#### ସଂରକ୍ଷିତ ହେବ...

ସମାନ। ତେଣୁ ଓଡ଼ିଆ ଫିଲ୍ମ ସଂରକ୍ଷଣ ନେଇ ସଚେତନତା ଜରୁରୀ। ଏଥିପାଇଁ ଆସନ୍ତା ୧୨ରୁ ୧୯ ତାରିଖ ଯାଏଁ ଭୁବନେଶ୍ୱର କଳାଭୂମି ଠାରେ ଏହି କର୍ମଶାଳା ଆୟୋଜନ କରାଯାଉଛି।

ଏହି କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବାର ଯୋଜନା ରହିଛି। ଏହି କର୍ମଶାଳାରେ ଫିଲ୍ମ ଜଗତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ। ଅଭିନେତ୍ରୀ ୱାହିଦା ରେହମାନ ମଧ୍ୟ ଏହି କର୍ମଶାଳାରେ ସାମିଲ ହେବେ। ଉଦଘାଟନୀ ଉତ୍ସବରେ ବିଗ୍-ବି ଅମିତାଭ ବଚ୍ଚନ ଭିସି ମାଧ୍ୟମରେ ରହିବେ। ପ୍ରାଚୀନ ଓଡ଼ିଆ ଫିଲ୍ମ ସଂରକ୍ଷଣ ନେଇ ଏହି କର୍ମଶାଳାରେ ସଚେତନ କରାଯିବ। ସବୁ କୋଣ ଅନୁକୋଣରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ହେବା ଆମର ଲକ୍ଷ୍ୟ ବୋଲି ଫିଲ୍ମ ହେରିଟେଜ୍ ଫାଉଣ୍ଡେସନର ଫାଉଣ୍ଡର କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଏଠାରେ ଓଡ଼ିଆ ଫିଲ୍ମର ଏକ ଆରକାଇଭସ୍ ତିଆରି କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ଲାଗି ଫିଲ୍ମ ପାଇଁ ଏକ ନିୟମ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

#### ପ୍ରଥମଥର ପାଇଁ...

ଡିସେମ୍ବର ୮ ତାରିଖରେ ଅତିରିକ୍ତ ବଜେଟ୍ (ବ୍ୟୟମଞ୍ଜୁରୀ ବିଲ୍) ପାରିତ ହେବାପରେ ଗୃହରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ରହିନଥିଲେ ମଧ୍ୟ ୧୫ଟି ଅଫିସିଆଲ ବିଜିନେସ୍ ରହିଛି। ସମ୍ଭବତଃ ସରକାର ଏହି ଅଧିବେଶନର ସରକାରୀ ଦିବସଗୁଡିକରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦିଓ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଶୀତ ଅଧିବେଶନ ଚାଲିବ ବୋଲି କାର୍ଯ୍ୟସୂଚୀରେ ପ୍ରକାଶ ପାଇଛି ତଥାପି ବିରୋଧୀ ଓ ଶାସକ ଦଳ ଶୀତ ଅଧିବେଶନକୁ କେତେଦିନ ପର୍ଯ୍ୟନ୍ତ ଚଳାଇ ରଖିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି ।

#### କେବେ ଲାଗୁ ହେବ...

କରିବା ସରକାର ଏବଂ କାର୍ଯ୍ୟପାଳିକାର ଦାୟିତ୍ୱ ହୋଇଥିଲେ ବି କାର୍ଯ୍ୟାନ୍ୱୟନର ସମୟସୀମା କ'ଣ ତାହା କୋର୍ଟ ପଚାରିପାରିବେ। ସୁପ୍ରିମକୋର୍ଟ ଏକ ନୋଟିସ ଜାରି କରି ଜନଗଣନା ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା କେବେ ଆରମ୍ଭ ହେବ ଏବଂ ମହିଳା ସଂରକ୍ଷଣ କେବେ କାର୍ଯ୍ୟକାରୀ ହେବ ତାହା ପ୍ରକାଶ କରିବାକୁ କେନ୍ଦ୍ର ସରକାରଙ୍କୁ କହିଛନ୍ତି।

#### ଦିଲ୍ଲୀରେ ବିସ୍ଫୋରଣ...

ବିସ୍ଫୋରକ ବ୍ୟବହାର କରାଯାଇଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏହା କୌଣସି ସାଧାରଣ ବିସ୍ଫୋରଣ ନଥିଲା ବୋଲି ବରିଷ୍ଠ ଅଧିକାରୀମାନେ କହିଛନ୍ତି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଫୋନ ଯୋଗେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ କଥା ହୋଇଛନ୍ତି। ଶ୍ରୀ ଶାହ ସ୍ଥିତି ସମ୍ପର୍କରେ ତାଙ୍କୁ ଅବଗତ କରାଇଛନ୍ତି। ଘଟଣା ପରେ ଦିଲ୍ଲୀ, ମୁମ୍ବାଇ, ଉତ୍ତର ପ୍ରଦେଶ ସମେତ ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି କରାଯାଇଛି।

## ଭାରତ ମସଲା: ଭରତ ୪ର୍ଥ ଦିନର ଭାଗ୍ୟଶାଳୀ ବିଜେତା

**କଟକ,୧୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିଦିନ କଟକ ବାଲିଯାତ୍ରା ପଡ଼ିଆରେ ମସଲା ଜଗତରେ ବିପ୍ଳବ ସୃଷ୍ଟି କରିଥିବା ଭାରତ ମସଲା ପକ୍ଷରୁ ଲକି ଡ୍ର କାର୍ଯ୍ୟକ୍ରମ ଜାରି ରହିଛି। ଗ୍ରାହକମାନେ ଭାରତ ମସଲା କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ନିଜର ମନପସନ୍ଦ ମୁତାବକ କିଣି ଆକର୍ଷଣୀୟ ପୁରସ୍କାର ମାନ ଅତିଥି ମାନଙ୍କ ହାତରୁ ଗ୍ରହଣ କରି ଖୁସିରେ ଫେରୁଛନ୍ତି। ଗ୍ରାହକମାନଙ୍କ ଭାରି ଡିମାଣ୍ଡକୁ ଆଖି ଆଗରେ ରଖି ମସଲାର ମାନ, ଗୁଣବତ୍ତା ଓ ପ୍ରାଇସରେ ଏ ପର୍ଯ୍ୟନ୍ତ ସାଲିସ କରିନି ବୋଲି କହିଛନ୍ତି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା। ଗୃହିଣୀମାନଙ୍କ ପ୍ରଥମ ପସନ୍ଦ ରହିଥିବା ଭାରତ ମସଲା। ସେଥିପାଇଁ ବାଲିଯାତ୍ରାରେ ପ୍ରତିଦିନ ଲକି ଡ୍ର ମାଧ୍ୟମରେ ଭାଗ୍ୟଶାଳୀ ବିଜେତାମାନଙ୍କୁ ଚୟନ କରି ଆସୁଛି। ଶେଷ ଦିନରେ ଏକ ବମ୍ପର୍ ପ୍ରାଇଜ କମ୍ପାନୀ ପ୍ରଦାନ କରିବ ବୋଲି ଶ୍ରୀ ପଣ୍ଡା ଚତୁର୍ଥ ଦିନର ଲକି ଡ୍ର ଅବସରରେ ସୁଚନା ଦେଇଛନ୍ତି। ଆଜିର ଲକି ଡ୍ର ବିଜେତାମାନଙ୍କୁ ମୁଖ୍ୟ ଅତିଥି ପ୍ରତିଷ୍ଠାତା ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।



ଆଜିର ପ୍ରଥମ ଭାଗ୍ୟଶାଳୀ ବିଜେତା ଢେଙ୍କାନାଳ ଜିଲ୍ଲା ଗୁଡ଼ିଆକଟେଣୀ ଅଞ୍ଚଳର ଭରତ କୁମାର ରାଉତଙ୍କୁ ମାଇକ୍ରୋ ଓଭାନ, ଦ୍ୱିତୀୟ ବିଜେତା ସିଡିଏ ସେକ୍ଟର ୧୦ର ପ୍ରଦୀପ କୁମାର ଦାସଙ୍କୁ ରେଶିଂ ବାଇସାଇକେଲ, ତୃତୀୟ ବିଜେତା ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ଈଶ୍ୱର ଚନ୍ଦ୍ର ବଳଙ୍କୁ ବାଉଲ ସେଟ୍ ଓ ସାନ୍ତ୍ୱନା ମୂଳକ ପୁରସ୍କାର ସ୍ୱରୂପ ସାଇଲୋ ଗୋବିନ୍ଦପୁର ମେଘା ଅଞ୍ଚଳର ମୀନକେତନ ରାଉତରାୟଙ୍କୁ ଫ୍ରାଇଂ ପାନ୍ ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ